୬



ବିଶ୍ବର ଶ୍ରେଷ୍ଠ ୧୦ କ୍ରୀଡ଼ାପ୍ରଧାନ ଦେଶରେ ପରିଣତ ହେବ ଭାରତ : କ୍ରୀଡ଼ାମନ୍ତ୍ରୀ

ସର୍ବାଧିକ ବିଶ୍ବାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

The Sambad Kalika

TM

e-paper www.sambadkalika.in

E-mail : sambadkalikanews@gmail.com

ଓଡ଼ିଶାର ଏକମାତ୍ର ISO ସ୍ବୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹2.00

• ବର୍ଷ–୩୩ • ସଂଖ୍ୟା–୮୫ • ୨୫ ଅପ୍ରେଲ ୨୦୨୬ ଶନିବାର • ଭୁବନେଶ୍ବର • Vol -33 • Issue-85 • 25th April 2026, Saturday • Bhubaneswar

RNI Regd.No. : 52640/94 Postal Regd.No. : BN-60/25-27

## ଜେଏସ୍‌ଡବ୍ଲୁ ଓ ଜେଏଫ୍‌ଇ ଷ୍ଟିଲ୍ ମଧ୍ୟରେ ଜଏଣ୍ଟ ଭେଞ୍ଚର୍ ଶୁଭାରମ୍ଭ

# ଓଡ଼ିଶାରେ ହେବ ୩୦ ହଜାର କୋଟିର ନିବେଶ

**ରେଙ୍ଗାଲି/ସମ୍ବଲପୁର,୨୪।୪**
**ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶାକୁ ଏକ ଲୌହ ପଥର ଉତ୍ପାଦନକାରୀ ରାଜ୍ୟରୁ ବିଶ୍ବସ୍ତରୀୟ ଉଚ୍ଚମାନର ଇସ୍ପାତ ନିର୍ମାଣ ହବ୍‌ରେ ପରିଣତ କରିବା ପାଇଁ ଶୁକ୍ରବାର ରାଜ୍ୟସରକାର ବଡ଼ ପଦକ୍ଷେପ ନେଇଛନ୍ତି। ସମ୍ବଲପୁରର ରେଙ୍ଗାଲିଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ଜେଏସଡବ୍ଲୁ ଷ୍ଟିଲ୍ ଲିମିଟେଡ୍ ଏବଂ ଜାପାନର ଜେଏଫଇ ଷ୍ଟିଲ୍ କର୍ପୋରେସନ୍ ମଧ୍ୟରେ ଏକ ଯୁଗ୍ମ ସହଭାଗିତା (ଜଏଣ୍ଟ ଭେଞ୍ଚର) ଆରମ୍ଭ ହୋଇଛି। ଏହି ସହଭାଗିତା ବିଶେଷ କରି ଇଲେକ୍ଟ୍ରିକାଲ ଷ୍ଟିଲ୍ ଉତ୍ପାଦନରେ ସହାୟକ ହେବ, ଯାହା ଇଲେକ୍ଟ୍ରିକ୍ ଯାନ (ଇଭି) ଏବଂ ନବୀକରଣଯୋଗ୍ୟ ଶକ୍ତି କ୍ଷେତ୍ରରେ ବିପ୍ଳବ ଆଣିବ।



ଏହି ପ୍ରକଳ୍ପ ଜରିଆରେ ଜାପାନ ପକ୍ଷରୁ ଓଡ଼ିଶାରେ ପ୍ରଥମ ଥର ପାଇଁ ୧୫,୦୦୦ କୋଟି ଟଙ୍କାର ଏକକ ପୁଞ୍ଜିନିବେଶ କରାଯାଇଛି। ଏହାଦ୍ବାରା ଜେଏସଡବ୍ଲୁ ଷ୍ଟିଲର ବର୍ତ୍ତମାନର କ୍ଷମତା ବାର୍ଷିକ ଉତ୍ପାଦନ କ୍ଷମତା ଅତିରିକ୍ତ ୧୦ ନିୟୁତ ଟନ୍‌କୁ ବୃଦ୍ଧି ପାଇବ, ଯାହା ବିଶ୍ବ ଇସ୍ପାତ ବଜାରରେ ଓଡ଼ିଶାର ସ୍ଥିତିକୁ ଆହୁରି ସୁଦୃଢ଼ କରିବ।

କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, '୨୦୩୦ ସୁଦ୍ଧା ବାର୍ଷିକ ୧୦୦ ନିୟୁତ ଟନ୍ ଇସ୍ପାତ ଉତ୍ପାଦନ କରିବା ପାଇଁ ଆମେ ପ୍ରତିବଦ୍ଧ। ଏହି ଲକ୍ଷ୍ୟ ପୂରଣ ପାଇଁ ଆମ ପାଖରେ ଆବଶ୍ୟକୀୟ ସମ୍ବଳ, ନୀତି ଏବଂ ଭିତ୍ତିଭୂମି ରହିଛି।' ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ ଘୋଷଣା କରିଛନ୍ତି ଯେ, ରାଜଧାନୀ ଅଞ୍ଚଳ ଭଳି ରାଉରକେଲା, ଝାରସୁଗୁଡ଼ା, ବରଗଡ଼ ଏବଂ ଦେବଗଡ଼କୁ ନେଇ 'ସମ୍ବଲପୁର ଗ୍ରୋଥ୍ କରିଡର' ବିକଶିତ କରାଯିବ। ଏହି କରିଡରରେ ପ୍ରାୟ ୧ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ କରାଯିବା ସହ ୨ ଲକ୍ଷରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ନିଜ ଗୃହ ଜିଲ୍ଲା କେନ୍ଦୁଝରରେ ନିବେଶ କରିବାକୁ ଜେଏଫଇ ଷ୍ଟିଲ୍ କମ୍ପାନୀକୁ ମୁଖ୍ୟମନ୍ତ୍ରୀ ନିମନ୍ତ୍ରଣ କରିଛନ୍ତି। ସେ କହିଛନ୍ତି ଯେ କେନ୍ଦୁଝରରେ ଉଚ୍ଚମାନର ଲୌହ ପଥର (ପୃଷ୍ଠା ୭ରେ)

# ବିଜେପି ସରକାର ଗଠନ ହେବା ପରେ ସବୁ ପୁରୁଣା ଫାଇଲ ଖୋଲିବ

**କୋଲକାତା, ୨୪।୪**

ପଶ୍ଚିମବଙ୍ଗରେ ବିଧାନସଭା ନିର୍ବାଚନର ଦ୍ବିତୀୟ ପର୍ଯ୍ୟାୟର ଭୋଟିଂ ପୂର୍ବରୁ ଭାରତୀୟ ଜନତା ପାର୍ଟି (ବିଜେପି)ର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ଦମ୍‌ଦମ୍‌ରେ ଏକ ବିଶାଳ ଜନସମାବେଶକୁ ସମ୍ବୋଧନ କରି ରାଜ୍ୟର ଆଇନ୍-ଶୃଙ୍ଖଳା, ମହିଳା ସୁରକ୍ଷା ଏବଂ ରାଜନୈତିକ ପରିବର୍ତ୍ତନକୁ ନେଇ ତୃଣମୂଳ କଂଗ୍ରେସ ସରକାର ଉପରେ ତୀବ୍ର ଆକ୍ରମଣ କରିଥିଲେ। ଏହି ସମୟରେ ତାଙ୍କ ମଞ୍ଚରେ ଆର ଜି କର ଘଟଣାରେ ପୀଡ଼ିତାଙ୍କ ମାଆ ଏବଂ ପନିହାଟିରୁ ବିଜେପି ପ୍ରାର୍ଥୀ ରତ୍ନ ଦେବନାଥ ମଧ୍ୟ ଉପସ୍ଥିତ ଥିଲେ।



ପ୍ରଧାନମନ୍ତ୍ରୀ ମୋଦୀ ନିଜ ଭାଷଣରେ କହିଛନ୍ତି ଯେ ବିଜେପି ସରକାର ଗଠିତ ହେବା ପରେ ପୁରୁଣା ସମସ୍ତ ଫାଇଲ ଖୋଲାଯିବ ଏବଂ ନ୍ୟାୟ ମିଳିବ। ସେ କହିଛନ୍ତି ଯେ ସେ ବଙ୍ଗାଳର ପ୍ରତ୍ୟେକ ଝିଅଙ୍କୁ ଭରସା ଦେବାକୁ ଆସିଛନ୍ତି ଯେ ବିଜେପି ତାଙ୍କ ସ୍ବପ୍ନକୁ ଭାଙ୍ଗିବାକୁ ଦେବ ନାହିଁ। ସେ କହିଛନ୍ତି ଯେ ସଭା ସ୍ଥଳରେ ପହଞ୍ଚିବା ସମୟରେ ଜଣେ ଭଉଣୀ ତାଙ୍କୁ ରାଖୀ ଦେଇଥିଲେ, ଯାହା ପରେ ସେ ଭଉଣୀମାନଙ୍କର ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ବୋଲି କହିଥିଲେ।

ସେ କହିଛନ୍ତି ଯେ ମହିଳାମାନଙ୍କ ଉପରେ ଅତ୍ୟାଚାର ସମ୍ବନ୍ଧୀୟ ପୁରୁଣା ମାମଲାଗୁଡ଼ିକର ଫାଇଲ ପୁନଃ ଖୋଲାଯିବ ଏବଂ ଦୋଷୀମାନଙ୍କୁ କଠୋର ଶାସ୍ତି ଦିଆଯିବ। ପ୍ରଧାନମନ୍ତ୍ରୀ ଅଭିଯୋଗ କରିଛନ୍ତି ଯେ ରାଜ୍ୟରେ ମହିଳାମାନେ ନ୍ୟାୟ ଦାବି କରନ୍ତି, କିନ୍ତୁ ସେମାନଙ୍କୁ ସୁରକ୍ଷା ଦେବା ପରିବର୍ତ୍ତେ ଚୁପ୍ ରହିବାକୁ ପରାମର୍ଶ ଦିଆଯାଏ।

ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସରକାରକୁ ନିଶାନା କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ପଶ୍ଚିମବଙ୍ଗରେ ଆଇନ-ଶୃଙ୍ଖଳା ଲଗାତାର ଦୁର୍ବଳ ହେଉଛି। ସେ କହିଛନ୍ତି ଯେ ଜଣେ ମାଆ ତାଙ୍କ ଝିଅକୁ ଡାକ୍ତର କରିଥିଲେ, କିନ୍ତୁ ତୃଣମୂଳ କଂଗ୍ରେସ ଶାସନରେ ସେ ତାଙ୍କୁ ହରାଇଥିଲେ। ଏହି ପରିସ୍ଥିତି ରାଜ୍ୟ ପାଇଁ ଅତ୍ୟନ୍ତ ହୃଦୟ ବିଦାରକ।

ପ୍ରଧାନମନ୍ତ୍ରୀ ମୋଦୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କୁ ଉଲ୍ଲେଖ କରି କହିଛନ୍ତି ଯେ ସେ ଦେଶକୁ ସ୍ବାଧୀନତାର ବାର୍ତ୍ତା ଦେଇଥିଲେ ଏବଂ ଏବେ ବଙ୍ଗଳାରେ ନୂତନ ଦିଗ ଦେବାର ସମୟ ଆସିଗଲା। ସେ କହିଛନ୍ତି ଯେ ଏହି ପରିବର୍ତ୍ତନ ଜନତାଙ୍କର ଗୋଟିଏ ଭୋଟରେ ସମ୍ଭବ ଏବଂ ଭୋଟରମାନେ ରାଜ୍ୟର ଭବିଷ୍ୟତ୍ ନିର୍ଣ୍ଣୟ କରିବେ।

## ୨୭ରୁ ଖରାଛୁଟି ଘୋଷଣା କଲେ ମୁଖ୍ୟମନ୍ତ୍ରୀ



**ଭୁବନେଶ୍ବର,୨୪।୪**
**ନ୍ୟୁଜ୍‌ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ମାହନ ଚରଣ ମାଝୀ ରାଜ୍ୟରେ ଚାଲିଥିବା ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଆଗୁଆ ଖରାଛୁଟି ଘୋଷଣା କରିଛନ୍ତି। ପିଲାମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଏହି ନିଷ୍ପତ୍ତି ନେଇଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଏ ସମ୍ପର୍କିତ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ ଦେଇଛନ୍ତି। ଏହି ନିଷ୍ପତ୍ତି ଅନୁଯାୟୀ ଚଳିତ ଏପ୍ରିଲ ମାସ ୨୭ ତାରିଖରୁ ରାଜ୍ୟର ସମସ୍ତ ସରକାରୀ, ସରକାରୀ ଅନୁଦାନ ପ୍ରାପ୍ତ ଓ ବେସରକାରୀ ବିଦ୍ୟାଳୟ ବନ୍ଦ ରହିବ। ତେବେ, ପୂର୍ବ ନିର୍ଦ୍ଧାରିତ ପରୀକ୍ଷା, ଜନଗଣନା କାର୍ଯ୍ୟ ଓ ଅନ୍ୟାନ୍ୟ ଅଫିସ କାମ ପୂର୍ବପରି ଜାରି ରହିବ।

# ୩୦ରେ ବିଧାନସଭାର ସ୍ବତନ୍ତ୍ର ଅଧିବେଶନ

**ଭୁବନେଶ୍ବର,୨୪।୪**
**ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟ ସରକାର ସ୍ବତନ୍ତ୍ର ବିଧାନସଭା ଅଧିବେଶନ ଡକାଇଲେ। ଆସନ୍ତା ୩୦ ତାରିଖରେ ବିଧାନସଭା ସ୍ବତନ୍ତ୍ର ଅଧିବେଶନ ଅନୁଷ୍ଠିତ ହେବ। ଏହି ଅଧିବେଶନରେ ମହିଳା ସଂରକ୍ଷଣ ବିଲ୍ ଉପରେ ଆଲୋଚନା ହେବ ବୋଲି ଜଣାପଡ଼ିଛି।



ସୂଚନାଯୋଗ୍ୟ ଯେ, କିଛି ଦିନ ପୂର୍ବରୁ ଲୋକସଭାରେ ମହିଳା ସଂରକ୍ଷଣ ବିଲ୍ ଫେଲ୍ ହୋଇଥିଲା। ବିଲ୍ ସପକ୍ଷରେ ମାତ୍ର ୨୯୮ ଭୋଟ୍ ପଡ଼ିଥିବା ବେଳେ, ବିପକ୍ଷରେ ୨୩୦ ଭୋଟ ପଡ଼ିଥିଲା। ପ୍ରଥମ ପର୍ଯ୍ୟାୟରେ ମୋଟ ୪୮୯ ଭୋଟ୍ ପଡ଼ିଥିଲା, ଯାହା ସପକ୍ଷରେ ୨୭୮ ଏବଂ ବିପକ୍ଷରେ ୨୧୧ ଭୋଟ୍ ଥିଲା। ବିଲ୍ ପାସ୍ ହେବା ପାଇଁ ଦୁଇ-ତୃତୀୟାଂଶ ବହୁମତ ଅର୍ଥାତ୍ ୩୫୨ ଭୋଟ୍ ଆବଶ୍ୟକ ଥିଲା, ଯାହାକି ୫୪ ଭୋଟ୍ କମ୍ ଥିଲା।

ପୂର୍ବରୁ ମହିଳା ସଂରକ୍ଷଣ ବିଲ୍ ଉପରେ ଶାସକ ଦଳ ଏବଂ ବିରୋଧୀଙ୍କ ମଧ୍ୟରେ ଲୋକସଭାରେ ଏକ ଜୋରଦାର ବିତର୍କ ହୋଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସମସ୍ତ ଦଳକୁ ବିଲ୍‌କୁ ସମର୍ଥନ କରିବାକୁ ଅନୁରୋଧ କରିଥିବା ବେଳେ ବିରୋଧୀ ଦଳ ଗମ୍ଭୀର ଆପତ୍ତି ଉଠାଇଥିଲେ।


ମିଳିଥିବା ସୂଚନା ଅନୁସାରେ ଆସନ୍ତା ୩୦ରେ ବିଧାନସଭାର ସ୍ବତନ୍ତ୍ର ଅଧିବେଶନରେ ମହିଳା ସଂରକ୍ଷଣ ବିଲ୍ ଉପରେ ଆଲୋଚନା ପାଇଁ ଶାସକ ଦଳ ପକ୍ଷରୁ ପ୍ରସ୍ତୁତି ଅଭିଯାନ ଚାଲୁ ରହିଛି। ଏଥିପାଇଁ ଦଳ ପକ୍ଷରୁ ବିଧାୟକମାନଙ୍କୁ ମଧ୍ୟ ଅବଗତ କରାଯାଇଛି।

# ଇସ୍ରାଏଲ-ଲେବାନନ ମଧ୍ୟରେ ତିନି ସପ୍ତାହ ସଂଘର୍ଷ ବିରତି


**ୱାଶିଂଟନ,୨୪।୪**

ଆମେରିକାର ଆୟୋଜନରେ ଇସ୍ରାଏଲ ଓ ଲେବାନନ ମଧ୍ୟରେ ୱାଶିଂଟନରେ ରାଷ୍ଟ୍ରଦୂତ ସ୍ତରର ଆଲୋଚନା ହୋଇଥିଲା, ଯେଉଁଠାରେ ତିନି ସପ୍ତାହର ସାମରିକ ବିରତି (ଯୁଦ୍ଧ ବିରାମ/ସିଜଫାୟର) ଉପରେ ସମ୍ମତି ହୋଇଛି। ବୈଠକର ଶେଷରେ ଦୁଇପକ୍ଷ ସହ ଆଲୋଚନା କରିବା ପରେ ଏହି ଘୋଷଣା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କରିଥିଲେ। ଆମେରିକାର ବୈଦେଶିକ ମନ୍ତ୍ରଣାଳୟର ମଧ୍ୟସ୍ଥତାରେ ହୋଇଥିବା ଏହି ଶାନ୍ତି ଆଲୋଚନାର ସଫଳତା ପ୍ରତି ଟ୍ରମ୍ପ ଖୁସି ବ୍ୟକ୍ତ କରିଛନ୍ତି।

ରିପୋର୍ଟ ଅନୁସାରେ, ଗୁରୁବାର ହ୍ବାଇଟ୍ ହାଉସ୍‌ରେ ଇସ୍ରାଏଲ ଓ ଲେବାନନର ଅଧିକାରୀମାନଙ୍କ ମଧ୍ୟରେ ଶାନ୍ତି ଆଲୋଚନାର ଦ୍ବିତୀୟ ପର୍ଯ୍ୟାୟ ପରେ ରାଷ୍ଟ୍ରପତି ଟ୍ରମ୍ପ ଘୋଷଣା କରିଥିଲେ ଯେ, ଦୁଇ ଦେଶ ମଧ୍ୟରେ ଯୁଦ୍ଧ ବିରାମକୁ ତିନି ସପ୍ତାହ ପାଇଁ ବଢ଼ାଯାଇଛି। ସେ ସୋସିଆଲ୍ ଟ୍ରୁଥ୍‌ରେ ଲେଖିଥିଲେ, (ପୃଷ୍ଠା ୭ରେ)




# ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳଦର ବୃଦ୍ଧି



**ନୂଆଦିଲ୍ଲୀ, ୨୪।୪**

ପଶ୍ଚିମ ଏସିଆରେ ଚାଲୁଥିବା ସଂଘର୍ଷ ଜନିତ କାରଣରୁ ଆନ୍ତର୍ଜାତିକ ବଜାରରେ ଶୁକ୍ରବାର ଲଗାତାର ପଞ୍ଚମ ଦିନ କ୍ରୁଡ୍ ଅଏଲ (ଅଶୋଧିତ ତେଲ) ଦାମରେ ବୃଦ୍ଧିର ଧାରା ଜାରି ରହିଛି। ବ୍ରେଣ୍ଟ କ୍ରୁଡ୍ ୧୦୭ ଡଲାର ପ୍ରତି ବ୍ୟାରେଲ୍ ସ୍ତର ପର୍ଯ୍ୟନ୍ତ ବଢ଼ିଛି। ସେହିପରି ଭାବେ ୱେଷ୍ଟ ଟେକ୍ସାସ୍ ଇଣ୍ଟରମିଡିଏଟ୍ (ଡବ୍ଲ୍ୟୁଟିଆଇ) କ୍ରୁଡ୍ ମଧ୍ୟ ୯୭.୬୦ ଡଲାର ପ୍ରତି ବ୍ୟାରେଲ୍ ସ୍ତରରେ ପହଞ୍ଚିଛି। ଏହା ପରେ ଅଶୋଧିତ ତେଲ ଦାମ୍‌ରେ ସାମାନ୍ୟ ହ୍ରାସ ମଧ୍ୟ ଦେଖାଯାଇଛି।

ଆମେରିକା ଓ ଇରାନ ମଧ୍ୟରେ ହେବାକୁ ଥିବା ଶାନ୍ତି ଆଲୋଚନା ସ୍ଥଗିତ ହେବା ଏବଂ ହୋର୍ମୁଜ୍ ପ୍ରଣାଳୀ ମାମଲାରେ ଦୁଇ ଦେଶ ସାମ୍ନାସାମ୍ନି ଆସିବାରୁ ଏହି ମୁଖ୍ୟ ସମୁଦ୍ରପଥ ମାଧ୍ୟମରେ ହେଉଥିବା ଅଶୋଧିତ ତେଲ ସରବରାହ ପ୍ରାୟ ଠପ୍ ହୋଇପଡ଼ିଛି ଏବଂ ନିକଟ ଭବିଷ୍ୟତରେ ଏହା ଆରମ୍ଭ ହେବାର ସମ୍ଭାବନା ମଧ୍ୟ ଦେଖାଯାଉନାହିଁ। ଏହି କାରଣରୁ ଅଶୋଧିତ ତେଲ ଦାମରେ ଲଗାତାର ବୃଦ୍ଧି ହେଉଛି।

ଶୁକ୍ରବାର ବ୍ରେଣ୍ଟ କ୍ରୁଡ୍ ବୃଦ୍ଧି ଦେଖାଇ ୧୦୫ ଡଲାର ସ୍ତରରୁ ଉପରକୁ ଯାଇ ୧୦୬.୧୨ ଡଲାର ପ୍ରତି ବ୍ୟାରେଲ୍ ସ୍ତରରେ ବ୍ୟବସାୟ ଆରମ୍ଭ କରିଥିଲା। କିଛି ସମୟ ପରେ ଏହା ୧୦୭ ଡଲାର ପ୍ରତି ବ୍ୟାରେଲ୍ ସ୍ତରକୁ ପହଞ୍ଚିଥିଲା। ଭାରତୀୟ ସମୟ ଅନୁସାରେ ସକାଳ ୧୦ଟା ପର୍ଯ୍ୟନ୍ତ ବ୍ୟବସାୟ ପରେ ବ୍ରେଣ୍ଟ କ୍ରୁଡ୍ ୦.୯୦ ପ୍ରତିଶତ ବୃଦ୍ଧି ସହ ୧୦୫.୯୯ ଡଲାର ପ୍ରତି ବ୍ୟାରେଲ୍ ସ୍ତରରେ ବ୍ୟବସାୟ କରୁଥିଲା। (ପୃଷ୍ଠା ୭ରେ)

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୫,୨୯୫ (-୬୦)

୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୦୨୦ (-୫୫)

୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୪୭୧ (-୪୫)

## ରୁପା ଦର

ରୁପା – ପ୍ରତି ଗ୍ରାମ ୨୬୦ (+୦)

## ଏକାଳ ପଖାଳ




ବଡ଼ ହୁଏ ଧୀରେ ପଦୁଅଁ ପତର
ଝଡ଼ି ଝଡ଼ି ଯାଏ ଝାଡୁ
ପୁଞ୍ଜା ପୁଞ୍ଜା ହୋଇ ଆପ୍ ନେତାଏ
ଉଡ଼ିଯାଉଛନ୍ତି ନୀଡୁ
ଘରୁ ଗୋଡ଼ କାଢୁ କାଢୁ
ଦଳଟାର ହାଲତ ଏଇଆ
ଆଗକୁ ମିଳିବ ଲଡୁ ??

# ବୁଝାମଣା ପାଇଁ ହର୍ମୁଜରେ ଇରାନକୁ ଘେରିବାକୁ ଆମେରିକାର ପ୍ରସ୍ତୁତି

**ୱାଶିଂଟନ/ତେହେରାନ,୨୪।୪**

ଆମେରିକୀୟ ସେନା ବର୍ତ୍ତମାନ ହୋର୍ମୁଜ୍ ପ୍ରଣାଳୀରେ ଇରାନର ପ୍ରତିରକ୍ଷା ଠିକଣାଗୁଡ଼ିକୁ ଲକ୍ଷ୍ୟ କରିବା ପାଇଁ ଯୋଜନା କରୁଛି। ଯଦି ସଂଘର୍ଷ ବିରାମ (ଯୁଦ୍ଧ ବିରାମ/ସିଜ୍‌ଫାୟର) ବିଫଳ ହୁଏ, ତେବେ ଆମେରିକୀୟ ସେନା ସଙ୍କେତ ମିଳିଲେ ସଙ୍ଗେ ସଙ୍ଗେ ଇରାନର ସାମରିକ ଆଧାରଗୁଡ଼ିକ ଉପରେ ସମନ୍ବିତ ଆକ୍ରମଣ ଆରମ୍ଭ କରିପାରେ। ଅନ୍ୟପଟେ ଇରାନ ଏପରି ପ୍ରସ୍ତୁତି ପ୍ରତି ଅଚିନ୍ତିତ ଦେଖାଯାଉଛି। ସର୍ବୋଚ୍ଚ ନେତା କହିଛନ୍ତି ଯେ ପରିସ୍ଥିତି ଅନୁଯାୟୀ ସିଦ୍ଧାନ୍ତ ନିଆଯିବ ଏବଂ ଯୁଦ୍ଧରୁ ପଛକୁ ହଟିବେ ନାହିଁ।



ଖବର ଅନୁଯାୟୀ, ଆମେରିକୀୟ ସାମରିକ ଅଧିକାରୀମାନେ ଇରାନ ସହ ବର୍ତ୍ତମାନର ସଂଘର୍ଷ ବିରାମ ଭଙ୍ଗ ହେଲେ ହୋର୍ମୁଜ୍ ପ୍ରଣାଳୀରେ ଇରାନର କୌଶଳୀୟ କ୍ଷମତାକୁ ଧ୍ବଂସ କରିବା ପାଇଁ ପ୍ରସ୍ତୁତି ନେଉଛନ୍ତି। ଏହି ଆକ୍ରମଣଗୁଡ଼ିକ ହୋର୍ମୁଜ୍ ପ୍ରଣାଳୀ, ଦକ୍ଷିଣ ଆରବ ଉପସାଗର ଓ ଓମାନ ଉପସାଗର ଆଖପାଖରେ କେନ୍ଦ୍ରିତ ହୋଇପାରେ।


ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ ଆମେରିକା ସହ ସ୍ଥାୟୀ ଯୁଦ୍ଧ ବିରାମ ସମ୍ମତି କରିବା ପାଇଁ ଇରାନକୁ ହିଜବୁଲ୍ଲାହକୁ ଅର୍ଥ ସହାୟତା ବନ୍ଦ କରିବାକୁ ପଡ଼ିବ। ଇସ୍ରାଇଲ ଓ (ପୃଷ୍ଠା ୭ରେ)





# ରମ୍ଭା ସହରରେ ସିସିଟିଭି କ୍ୟାମେରା କେବଳ ନା'କୁ ମାତ୍ର

**ରମ୍ଭା, ନ୍ୟୁଜ ବ୍ୟୁରୋ**



ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ଦକ୍ଷିଣ ଓଡିଶାର ପ୍ରସିଦ୍ଧ ଚନ୍ଦନ ଯାତ୍ରା ପ୍ରସ୍ତୁତି ସମୀକ୍ଷା ସହିତ ପ୍ରଶାସନର ପରସ୍ପରକୁ ଦୋଷାରୋପ ଭିତରେ ସହରର ରାଜପଥ ପାର୍ଶ୍ୱରେ ସିସି କ୍ୟାମେରା ଲାଗିଥିବା କାହା ଦାୟିତ୍ୱରେ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି ।ଲୋକଙ୍କ ସୁରକ୍ଷା ଦୃଷ୍ଟିରୁ ସହରର ବିଭିନ୍ନ ସ୍ଥାନ ଓ ସ୍ୱର୍ଣକାରର ଜାଗା ପାର୍ଶ୍ୱରେ ସିସି କ୍ୟାମେରା ଲାଗିରହିଛି । ଟ୍ରାଫିକ ନିୟନ୍ତ୍ରଣ ଠାରୁ ଆରମ୍ଭ କରି ଅସାମାଜିକ ବ୍ୟକ୍ତିଙ୍କ କାରନାମା, ଅପରାଧ ନିୟନ୍ତ୍ରଣ, ଦ୍ରୁତ ଗାଡି ଚାଳଣା, ଡକାୟତ ସହିତ ଅନେକ ସମସ୍ୟା ସାଧାରଣ ଲୋକଙ୍କ ମନରେ ଉଙ୍କି ମାରୁଛି ସିସି କ୍ୟାମେରା ରେ କଏଦୀ ହେଉଛି କି ନା ନାହିଁ । ସମଗ୍ର ସହର କ୍ୟାମେରା ସର୍ଭିଲାନ୍ସରେ ରହିବା ଅପରାଧ ଗତିବିଧି ଓ ଦ୍ରୁତ ଗାଡି ଚାଳନା କରୁଥିବା ବ୍ୟକ୍ତି ମଧ୍ୟ ସାବଡା ହେବା ପାଇଁ ଏହା ଏକ ମାଧ୍ୟମ। ଏପରି କ୍ୟାମେରା ଖଞ୍ଜାଯିବା ନିଷ୍ପତ୍ତିକୁ ସ୍ଥାପିତ ଦିନ ଠାରୁ ସହରାଞ୍ଚଳର ଶିକ୍ଷାବିତ୍, ବୁଦ୍ଧିଜୀବୀ, ସାଧାରଣ ବ୍ୟକ୍ତି ଏବଂ ରାଜନୈତିକ ଦଳ ପକ୍ଷରୁ ସ୍ୱାଗତ କରାଯାଇଥିଲା। ହେଲେ ଦୀର୍ଘ ଦିନ ବିତିଯାଇଥିଲେ ମଧ୍ୟ ଗଣମାଧ୍ୟମ ପକ୍ଷରୁ ବିଭାଗୀୟ ପ୍ରଶାସନକୁ ଆସନ୍ତା ମାସ ଚନ୍ଦନ ଯାତ୍ରାକୁ ଦୃଷ୍ଟିରେ ରଖି ସହର ଉପକଣ୍ଠ କ୍ୟାମେରା ସର୍ଭିଲାନ୍ସଗୁଡିକ କେତେ କାର୍ଯ୍ୟକ୍ଷମ ବୋଲି ଓ କଏଦୀ ହେଉଛି କି ନାହିଁ ଦୃଷ୍ଟି ଗୋଚର କରାଯାଇଥିଲା। କିନ୍ତୁ ପରସ୍ପର ପରସ୍ପରଙ୍କୁ ଦୋଷ ଏଡାଇ ଦେଇ ହାଲୁକାରେ ଚାପ୍ଟର କ୍ଲୋଜ କରିଦେଇଥିଲେ। ଐତିହାସିକ ରମ୍ଭା ସହର ଓଡ଼ିଶା ମାନଚିତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିବା ବେଳେ ଆସନ୍ତା ମାସରେ ଚନ୍ଦନ ଯାତ୍ରା ବେଳେ ଟ୍ରାଫିକ ସମସ୍ୟା ରୋମିଓ, ଡକାୟତ ନିୟନ୍ତ୍ରଣ କରିବାରେ ବ୍ୟାପକ ଅବ୍ୟବସ୍ଥା ଲାଗି ରହିବ ବୋଲି କୁଆଡେ କୁହାକୁହି ହେଉଛନ୍ତି। ସାଧାରଣ ଲୋକଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ପ୍ରଶାସନ ଅବହେଳା ପରିବର୍ତ୍ତେ ସମୟ ଅତିବାହିତ ପୂର୍ବରୁ ତତ୍ପରତା ଦେଖାଇବା ଅଚଳ କ୍ୟାମେରାକୁ ତୁରନ୍ତ ସଚଳ କରିବା ପାଇଁ ସାଧାରଣ ରେ ଦାବି ହେଉଛି ।

# ଲିଙ୍ଗଭେଦ ବୈଷମ୍ୟତାକୁ ନେଇ ଅସନ୍ତୋଷ ଜାରୀ

**ବୌଦ୍ଧ, ନ୍ୟୁଜ ବ୍ୟୁରୋ**



ବୌଦ୍ଧଜିଲ୍ଲା ହରଭଙ୍ଗା ବ୍ଲକ ମହାଲିକପଡ଼ା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ କୁଶଙ୍ଗ ମହାଲିକପଡ଼ା ଓ ତଳଗାଁ ପଞ୍ଚାୟତରେ ଲିଙ୍ଗଭେଦ ବୈଷମତା କର୍ମଶାଳା ଅନୁଷ୍ଠିତ ହୋଇଥିଲା। ସମାଜରେ ଏବେ ସୁଦ୍ଧା ଲିଙ୍ଗ ଗତ ଭେଦଭାବ ଯୋଗୁଁ ଏବେବି ମହିଳାମାନେ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ଏହାର ପ୍ରତିରୋଧ ପାଇଁ ତଳସ୍ତରରେ କାର୍ଯ୍ୟ କରୁଥିବା ସିଆରପି, ସିଏମ୍, ଏମବିକେ, ଆଶା, ଅଙ୍ଗନୱାଡ଼ି ଏବଂ ଓଡ଼ିଶା ଜୀବିକା ମିଶନ ଅଧୀନରେ ଥିବା କାର୍ଯ୍ୟନିର୍ବାହୀ ସଭ୍ୟଙ୍କୁ ନେଇ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ କୁମାର ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ଏହି କର୍ମଶାଳା ଅନୁଷ୍ଠିତ ହୋଇଥିଲା। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଜଗଦୀଶ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଏଥିରେ ମୁଖ୍ୟଅତିଥି ଭାବରେ ଉପଗୋଷ୍ଠୀ ଅଧିକାରୀ ସତ୍ୟପ୍ରିୟ ସାହୁ ଓ ହରଭଙ୍ଗା ବ୍ଲକ ସମାଜ ମଙ୍ଗଳ ଅଧିକାରୀ ଅବିନାଶ ପ୍ରଧାନ ଯୋଗ ଦେଇଥିଲେ। ପ୍ରଶିକ୍ଷକ ଭାବେ ମାନସ ରନ ଧଳ ପ୍ରଶିକ୍ଷଣ ପ୍ରଦାନ କରିଥିଲେ ।

# ଡଙ୍ଗା, ଜାଲ ଓ ମେସିନ ପାଇଁ ଅଣ ମତ୍ସ୍ୟଜୀବୀଙ୍କ ଆବେଦନ ଅଭିଯୋଗ

**ରମ୍ଭା, ନ୍ୟୁଜ ବ୍ୟୁରୋ**



ଜିଲ୍ଲା ମତ୍ସ୍ୟବିଭାଗ ବାଲୁଗାଁ (ଖୋର୍ଦ୍ଧା) ୧୪୭ଗ୍ରାମର ୨୦୦ ମତ୍ସ୍ୟଜୀବୀ ସମବାୟ ସମିତିକୁ ନେଇ ୩ଲକ୍ଷ ପାରମ୍ପରିକ ଚିଲିକା ମତ୍ସ୍ୟଜୀବୀଙ୍କ ବଞ୍ଚି ଆସୁଥିବା ବେଳେ ବିଭିନ୍ନ ଚିଲିକା ବାହାଣ ସରଞ୍ଜାମ ହେଲା ଡ଼ଙ୍ଗା, ମେସିନ ଓ ଜାଲ ଯାହା କେନ୍ଦ୍ର ଓ ରାଜ୍ୟ ମତ୍ସ୍ୟ ବିଭାଗ ଦ୍ୱାର ଅନୁବନ୍ଧିତ। ସମସ୍ତ ସରକାରୀ ସୁବିଧା ପାଇଁ ଆସୁଅଛି। କିନ୍ତ ଦୁଃଖ ଓ ପରିତାପର ବିଷୟ ଅଣ ମତ୍ସ୍ୟଜୀବୀ ମତ୍ସ୍ୟ କଲ୍ୟାଣ ଯୋଜନା ଆବେଦନ କରି ମତ୍ସ୍ୟଜୀବୀଙ୍କ ଦାନାରେ ଧୂଳି ପକାଇ ସମସ୍ତ ସୁବିଧା ହଡପ ହେଉଥିବା ଅଭିଯୋଗ ହେଉଛି। ନିରୀହ ପାରମ୍ପରିକ ମତ୍ସ୍ୟଜୀବୀ ଯୋଜନାରୁ ବଞ୍ଚିତ ହେଉଛନ୍ତି। ଏହା କିଛି ଅସାଧୁ ଦଲାଲ, ଅଫିସର, ଡ଼ଙ୍ଗା କଣ୍ଟ୍ରାକଟର ଭିତିରି ସଲା ସୁତାର ହୋଇ ହଡପ କରୁଛନ୍ତି। ଏହାର ଆବେଦନ ଏପ୍ରିଲ ଏକ ତାରିଖରେ ଆରମ୍ଭ ହୋଇଥାଏ କିନ୍ତ ଦଲାଲଙ୍କ ଜରିଆରେ ମାର୍ଚ୍ଚ ମାସ ୩୧ରାତ୍ର ୧୨ଟା ପରେ ଗୋ ସୁଗମ ଅନଲାଇନ କରିବା ଫଳରେ ଏହା ସାଧାରଣ ପ୍ରକୃତ ହିତାଧିକାରୀ ପାଇବାରେ ବଞ୍ଚିତ ହୋଇଥାନ୍ତି । ଏହି ନିୟମ ପୂର୍ବ ସରକାରରେ ପାଳନ ହୋଇଥିଲା। ଏହାକୁ ମତ୍ସ୍ୟଜୀବୀ ସଙ୍ଘ ବିରୋଧ କରୁଥିଲା ଏବଂ ବିଶେଷ କରି ମତ୍ସ୍ୟଜୀବୀ ସଂଘ ନେତା ତଥା ବିଜେପି ନେତା ଭୀମସେନ ବେହେରା ଦୃଢ଼ ବିରୋଧ କରିଆସୁଛନ୍ତି। ଚିଲିକା ଅଞ୍ଚଳର ନେତୃତ୍ୱ ମଣ୍ଡଳୀ ତଥା ହିତାଧିକାରୀ ଡିଏଫଓଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି ।ବିଜେପି ମତ୍ସ୍ୟଜୀବୀ ନେତା ଭୀମସେନ ବେହେରାଙ୍କ ଆନୁକୂଲ୍ୟରେ ଗଞ୍ଜାମ ବିଜେପି ଉପ ସଭାନେତ୍ରୀ ବିଜୟ ଲକ୍ଷ୍ମୀ ବାଲା ସମସ୍ତ ଚିଲିକା ପାରମ୍ପରିକ ହିତାଧିକାରୀ ଓ ନେତୃତ୍ୟୁ ମଣ୍ଡଳୀ ସେମାନେ ହେଲେ କାଶୀନାଥ ବେହେରା, ନବକିଶୋର ବେହେରା, ନାରାୟଣ ବେହେରା,ବାବୁ ବାହାନ ବେହେରା, ମାଗୁଣି ବେହେରା, ଗଜେନ୍ଦ୍ର ବେହେରା ସୁରେନ୍ଦ୍ର ବେହେରା, ରୂପକ ବେହେରା, ସୁରଥ ବେହେରା ଓ ଅନ୍ୟାନ୍ୟ ଉପସ୍ଥିତ ଥିଲେ। ଏହା ଯଦି ପ୍ରତିକାର ନିଅନଯାଏ ମତ୍ସ୍ୟଜୀବୀ ସଂଘ ଓ ଦଳ ଅଫିସ ଘେରାଉ କରାଯିବ ବୋଲି ଚେତାବନୀ ଦେଇଛନ୍ତି କଣ ଅସୁବିଧା ହୁଏ ପ୍ରଶାସନ ଦାୟୀ ରହିବ ବୋଲି ଲିଖିତ ଜଣାଇଛନ୍ତି।

# ଦୀର୍ଘ ଦୁଇ ବର୍ଷ ପରେ ତିର୍ତ୍ତୋଲରେ ଏକାଠି ହେଲେ ବିଜେଡି କର୍ମୀ ଓ ନେତା

**ଜଗତସିଂହପୁର, ନ୍ୟୁଜ ବ୍ୟୁରୋ**



କୋଲରରେ ଏକାଠି ହେଲେ ଦାଦି ପୁତୁରା ଦେବାଶିଷ ସାମନ୍ତରାୟ ଓ ଚିରଞ୍ଜୀବ ବିଶ୍ୱାଳ । ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ କୋଲର ପଞ୍ଚାୟତ କୋଲର ସ୍ଥିତ ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟଙ୍କ ବାସଭବନରେ ତିର୍ତ୍ତୋଲ ସ୍ୱାଭିମାନ ମଞ୍ଚ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଦୀର୍ଘ ଦୁଇ ବର୍ଷ ତିର୍ତ୍ତୋଲ ବିଜେଡିର କର୍ମୀ ଓ ନେତାମାନେ ଏହିଭଳି ଏକତ୍ରିତ ହୋଇନଥିବାବେଳେ ଏକଜୁଟ ହୋଇଥିବାରୁ ୧ ହଜାରରୁ ଉର୍ଦ୍ଧ୍ୱ କର୍ମୀମାନେ ଏକ ଖୁସି ବ୍ୟକ୍ତ କରିଥିବା ଦେଖିବାକୁ ମିଳିଥିଲା । ସଭାର ସଭାପତି ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନାଙ୍କ ଅଧ୍ୟକ୍ଷତାରେ ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ବେହେରା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ, ମୁଖ୍ୟବକ୍ତା ଭାବେ ପୂର୍ବତନ ବିଧାୟକ ଚିରଞ୍ଜୀବ ବିଶ୍ୱାଳ, ପୂର୍ବତନ ସାଂସଦ ଡ଼ଃ. ରାଜଶ୍ରୀ ମଲ୍ଲିକ, ଜିଲ୍ଲା ବରିଷ୍ଠ ବିଜେଡି ଉପସଭାପତି ଅଶ୍ୱିନୀ କୁମାର ଦାସ, ଜିଲ୍ଲାପରିଷଦ ଉପାଧ୍ୟକ୍ଷା ସୁଜାତା ମହାନ୍ତି, ଜିଲ୍ଲା ମହିଳା ବିଜେଡି ସଭାନେତ୍ରୀ ଲୋରା ମହାପାତ୍ର, ବ୍ଲକ ଉପାଧ୍ୟକ୍ଷା ସନ୍ଧ୍ୟାରାଣୀ ମହାନ୍ତି, ଜିଲ୍ଲାପରିଷଦ ରଞ୍ଜିତା ସିଂହ, ଗଙ୍ଗାଧର ବିଶ୍ୱାଳ, ସୁନୀଲ ବେହେରା ପ୍ରମୁଖ ଯୋଗଦେଇ ଆଗାମୀ ପଞ୍ଚାୟତ ନିର୍ବାଚନରେ ସମସ୍ତ ପଞ୍ଚାୟତରେ ବିଜୁ ଜନତା ଦଳର ସରପଞ୍ଚ, ସମିତି ସଭ୍ୟ ସଭ୍ୟା ଓ ଜିଲ୍ଲାପରିଷଦ ମାନଙ୍କୁ ବିଜୟ ଲାଭ କରି ପଞ୍ଚାୟତ ଦଖଲ କରିବା ସେଥିପାଇଁ ମାନଅଭିମାନ ଭୁଲି ବିଜେଡିକୁ ବିଜୟଲାଭ କରିବେ ସେଥିପାଇଁ ଏକଜୁଟ ହୋଇ କାମ କରିବାକୁ ପଡିବବୋଲି କହିଥିଲେ । ଜିଲ୍ଲାପରିଷଦ ଶ୍ରୀମତୀ ସିଂହ କହିଥିଲେ ଯେ ସମସ୍ତ ଅତିଥି ମାନଙ୍କୁ ଅନୁରୋଧ ସମସ୍ତ କର୍ମୀମାନଙ୍କ ମାନ ଅଭିମାନକୁ ଦୃଷ୍ଟିରେ ରଖି ଡାକି ସୁବିଧା ଅସୁବିଧା ପଚାରି ସମସ୍ୟାର ସମାଧାନ କରିବାକୁ ଆହ୍ୱାନ ଦେଇଥିଲେ । ୨୦୨୪ ନିର୍ବାଚନରେ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀରେ ବିଜେପିରୁ ଆସିଥିବା ପ୍ରଫେସର ଡ଼ଃ ରମାକାନ୍ତ ଭୋଇଙ୍କୁ ବିଜେଡି ଟିକେଟ ଦେଲାପରେ ଡ଼ଃ. ଭୋଇ ବିଜୟ ଲାଭ କରିଥିଲେ । ସେବେଠାରୁ ତିର୍ତ୍ତୋଲରେ ବିଜେଡିକୁ ସେ ଏକ ପ୍ରକାର ପଙ୍ଗୁ କରିଦେଇଥିବା କହିଥିଲେ । ବିଧାୟକ ଡ଼ଃ. ଭୋଇ ପିସି କାରବାର ପାଇଁ ବ୍ଲକ ଅଧ୍ୟକ୍ଷ ଓ ବ୍ଲକ ବିଜେଡି ପୂର୍ବତନ ସଭାପତିଙ୍କ କଥା କଟାକଟି ହୋଇ ମନମନାନ୍ତର ହୋଇଥିଲେ । ଏଇ ବନ୍ଧୁ ମିଳନ ସମ୍ମିଳନୀରେ ସରପଞ୍ଚ, ସମିତିସଭ୍ୟ ସଭ୍ୟା, ଜିଲ୍ଲାପରିଷଦ ଓ ବିଭିନ୍ନ ପଞ୍ଚାୟତରୁ ଏକ ହଜାରରୁ ଉର୍ଦ୍ଧ୍ୱ କର୍ମୀମାନେ ଯୋଗଦେଇଥିବା ଦେଖିବାକୁ ମିଳିଥିଲା । ଆଗାମୀ ଦିନରେ ମହିଳାମାନଙ୍କୁ ନେଇ ଏକ ସମାବେଶ କରାଯିବବୋଲି ନିଷ୍ପତ୍ତି ନିଆଯାଇଥିଲା

# ସୁବର୍ଣ୍ଣପୁର ଜିଲ୍ଲାର ୬ ତହସିଲରେ ହାଇଟେକ ସର୍ଭେର ଚୂଡାନ୍ତ ପଟ୍ଟା ବଣ୍ଟନ ଆରମ୍ଭ

**ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ**



ସୁବର୍ଣ୍ଣପୁର ଜିଲ୍ଲାର ଅତି ପ୍ରତିକ୍ଷୀତ ହାଇଟେକ ସର୍ଭେର ଚୂଡାନ୍ତ ପଟ୍ଟା ବଣ୍ଟନ କାର୍ଯକ୍ରମର ଶୁଭାରମ୍ଭ ହୋଇଛି । ପ୍ରଥମ ଦିନରେ ଜିଲ୍ଲାର ୬ଟି ତହସିଲରେ ୧୬୦ରୁ ଅଧିକ ପଟ୍ଟା ବଣ୍ଟନ କରାଯାଇଛି। ସୁବର୍ଣ୍ଣପୁର ଜିଲ୍ଲା ଯୋଜନା ଓ ପର୍ଯବେକ୍ଷଣ କମିଟିର ଅଧ୍ୟକ୍ଷ ତଥା ବୀରମହାରାଜପୁରର ବିଧାୟକ ଇଂ ରଘୁନାଥ ଜଗଦଲା ନିଜେ ଉପସ୍ଥିତ ରହି ବୀରମହାରାଜପୁର ତହସିଲ ଅନ୍ତର୍ଗତ ପିତାମହୁଲ ଠାରେ ଚୌହାନପୁର ମୌଜାର ହାଇଟେକ ସର୍ଭେର ଚୂଡାନ୍ତ ପଟ୍ଟା ବଣ୍ଟନ କରିଛନ୍ତି। ଏହି କାର୍ଯକ୍ରମରେ ଜିଲ୍ଲାପାଳ ଡ଼ ନୃପରାଜ ସାହୁ, ଉପଜିଲ୍ଲାପାଳ ସୁରେନ୍ଦ୍ର ମେହେର, ସାଂସଦଙ୍କ ପ୍ରତିନିଧି ଶ୍ରୀମତୀ ନଳିନୀ ପଣ୍ଡା ଏବଂ ସମାଜସେବୀ ବେଣୁଧର ଦାଶ ଯୋଗଦେଇଥିଲେ। ବୀରମହାରାଜପୁର ତହସିଲଦାର ସୁଶ୍ରୀ ସୁଚିସ୍ମିତା ପାଣିଗ୍ରାହୀ ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଚୌହାନପୁର ମୌଜାର ମୋଟ ୨୫ ଜଣ ରୟତଙ୍କୁ ପଟ୍ଟା ପ୍ରଦାନ କରାଯାଇଛି। ସେହିପରି ଉଲୁଣ୍ଡା ତହସିଲର ଘମଡିଆପାଲି ଗ୍ରାମରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ରାଜେନ୍ଦ୍ର ମାଝୀ ନିଜେ ଉପସ୍ଥିତ ରହି ୭୯ଟି ପଟ୍ଟା ବଣ୍ଟନ କରିଥିଲେ। ଜିଲ୍ଲାର ସୋନପୁର ତହସିଲ ଅନ୍ତର୍ଗତ ଶିଆଳଜୁରୀରେ ୩୮ ଜଣ ଗ୍ରାମବାସୀଙ୍କୁ ପଟ୍ଟା ଦିଆଯାଇଥିଲା। ଏହି ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ଡ଼ ସୌମ୍ୟ ରୂପା ରଥ, ତହସିଲଦାର ଜି ରଶ୍ମିରେଖା ଓ ଡେପୁଟି କଲେକ୍ଟର ସିଦ୍ଧାର୍ଥ ଦାସ ଉପସ୍ଥିତ ଥିଲେ। ବିନକା ଏବଂ ରାମପୁର ତହସିଲରେ ୮ଟି ଲେଖାଏ ଏବଂ ତରଭା ତହସିଲରେ ୪ଟି ପଟ୍ଟା ବଣ୍ଟନ କରାଯାଇଛି । ଏହି ଅବସରରେ ଜିଲ୍ଲାପାଳ ଡ଼ ସାହୁ କହିଥିଲେ ଯେ, ମାନ୍ୟବର ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ସହିତ ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁସାରେ ଏହି କାର୍ଯକ୍ରମ ଆରମ୍ଭ ହୋଇଛି। ଦଶନ୍ଧିଧରି ଚାଲିଥିବା ସମସ୍ୟାକୁ ଏହା ଦୂର କରିବ। ସୂଚନା ଯୋଗ୍ୟ ଯେ, ସୁବର୍ଣ୍ଣପୁର ଜିଲ୍ଲାର ୯୮୯ଟି ଗ୍ରାମ ମଧ୍ୟରୁ ୬୦୮ଟି ଗ୍ରାମରେ ସର୍ଭେ ସମାପ୍ତ ହୋଇଥିବାବେଳେ ଅବଶିଷ୍ଟ ଗ୍ରାମର କାମ ଅତିଶୀଘ୍ର ସାରିବାର ଲକ୍ଷ୍ୟ ରହିଛି। ଯେଉଁ ଗ୍ରାମ ମାନଙ୍କର ସର୍ଭେ ସରିଛି ସେହି ଗ୍ରାମ ମାନଙ୍କର ପଟ୍ଟା ବଣ୍ଟନ ଏବଂ ରହିଯାଇଥିବା ଗ୍ରାମ ମାନଙ୍କର ହାଇଟେକ ସର୍ଭେ କାମ ଏକା ସାଙ୍ଗରେ ଚାଲିବ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି ।

# ପରୀକ୍ଷା ପୂର୍ବରୁ ମାନସିକ ଚାପ ହ୍ରାସ ଉପରେ ଗୁରୁତ୍ୱ

**ବ୍ୟାସନଗର, ନ୍ୟୁଜ ବ୍ୟୁରୋ**




ଯାଜପୁର ଜିଲ୍ଲାର ଦାନଗଦୀ ବ୍ଲକ ଅନ୍ତର୍ଗତ ଟୋଲକାନି ସ୍ଥିତ ଝାଡ଼େଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରେ ଯୁବ ରେଡ କ୍ରସ ର ରେଡ ରିବନ କ୍ଲବ ସହାୟତାରେ 'ଚାପ ମୁକ୍ତ ପରୀକ୍ଷା ପ୍ରସ୍ତୁତି 'ଶୀର୍ଷକ ଏକ କର୍ମଶାଳା ବୁଧବାର ଦିନ ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷ ଡ଼ ଅକ୍ଷୟ କୁମାର ପଣ୍ଡା ଏହାକୁ ଉଦଘାଟନ କରି କହିଲେ ଯେ ଏକାଗ୍ରତା ଓ ଆତ୍ମବିଶ୍ୱାସ ହିଁ ସଫଳତାର ମୂଳମନ୍ତ୍ର। ମୁଖ୍ୟବକ୍ତା ଭାବେ କଟକ ସ୍ଥିତ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ ର ଛାତ୍ର ତଥା ସମାଜସେବୀ ମନୋଜ କୁମାର ସାହୁ ଯୋଗ ଦେଇ ପରୀକ୍ଷା ପୂର୍ବରୁ ମାନସିକ ଚାପକୁ କିପରି ନିୟନ୍ତ୍ରଣ କରାଯାଇପାରିବ ସେ ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ । ସମ୍ମାନିତ ଅତିଥିଭାବେ ଶିକ୍ଷା ବିଭାଗର ମୁଖ୍ୟ ଡ଼ କ୍ଷୀରୋଦ ଚନ୍ଦ୍ର ବେହେରା, ଗଣିତ ବିଭାଗର ମୁଖ୍ୟ ଅଧ୍ୟାପିକା ମୀରାମ୍ବିକା ସାହୁ ପ୍ରମୁଖ ଯୋଗ ଦେଇ ପରୀକ୍ଷା ସମୟରେ ପ୍ରସ୍ତୁତି ଓ ମାନସିକ ସ୍ଥିରତା ଉପରେ ଗୁରୁତ୍ୱାରୋପ କରିଥିଲେ । ପ୍ରାରମ୍ଭରେ ପିଲା ମାନଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା ।ଅଧ୍ୟାପିକା ଇତିଶ୍ରୀ ମଲ୍ଲିକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷ ରେ ଅର୍ଥନୀତି ବିଭାଗ ର ଅଧ୍ୟାପିକା କଲ୍ୟାଣୀ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଅଧ୍ୟାପକ ଅମର ସେଠି, ଅଭୟ କୁମାର ସାହୁ, ମୁନା ନାୟକ ଅଧ୍ୟାପିକା ପ୍ରିୟଙ୍କା ପ୍ରିୟଦର୍ଶିନୀ ନାୟକ ସମେତ ଅନୁଷ୍ଠାନର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ । ଶେଷରେ ପିଲାମାନଙ୍କୁ ମିଷ୍ଟାର୍ଣ୍ଣ ବଣ୍ଟନ କରାଯାଇଥିଲା ।

# ପଞ୍ଚମୁଖୀ ହନୁମାନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ନିମନ୍ତେ ଜଳଯାତ୍ରା

**ତିର୍ତ୍ତୋଲ,ନ୍ୟୁଜ ବ୍ୟୁରୋ**



ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ କନିମୁଳ ପଞ୍ଚାୟତ ଗଇଠିପୁର ଗ୍ରାମରେ ବଜରଙ୍ଗବାଲି ସାଂସ୍କୃତିକ ପରିଷଦ ପକ୍ଷରୁ ପଞ୍ଚମୁଖୀ ହନୁମାନ ମନ୍ଦିର ଓ ବିଗ୍ରହ ପ୍ରବେଶ ପ୍ରତିଷ୍ଠା ଉତ୍ସବ ତିନିଦିନ ଧରି ଅନୁଷ୍ଠିତ ହେବାକୁ ଯାଉଛି । ଏହି ଉପଲକ୍ଷେ ପ୍ରାତଃରୁ ପବିତ୍ର ପାଇକା ନଦୀରୁ ଜଳଯାତ୍ରା ଅନୁଷ୍ଠିତ କରାଯାଇଥିଲା କ୍ଷ ପୂଜକ ପବିତ୍ର ମହାପାତ୍ର ଓ ବ୍ରାହ୍ମଣ ପଣ୍ଡିତଙ୍କ ବେଦମନ୍ତ୍ର ଧ୍ୱନି, ଘଣ୍ଟ ଘଣ୍ଟା, କୀର୍ତ୍ତନରେ ସାରା ଅଞ୍ଚଳ ଆଧ୍ୟାତ୍ମିକ ପରିବେଶରେ ପ୍ରକମ୍ପିତ ହୋଇଥିବା ଦେଖିବାକୁ ମିଳିଥିଲା । ଏଥିରେ କର୍ତ୍ତା ରଞ୍ଜନ କୁମାର ସାହୁ, କର୍ତ୍ତୀ ଅଞ୍ଜନା ସାହୁ, କର୍ତ୍ତା ମାନସ ରଞ୍ଜନ ନାୟକ, କର୍ତ୍ତୀ ଅର୍ଚନା ନାୟକ ଦାୟିତ୍ୱ ତୁଲାଇଥିଲେ । ଗ୍ରାମ ତଥା ଆଖପାଖ ଗ୍ରାମର ଶହେ ଆଠ ବ୍ରତଧାରୀ ମହିଳାମାନଙ୍କ ଦ୍ୱାରା ଜଳଯାତ୍ରା ଅନୁଷ୍ଠିତ ହୋଇଥିଲା । ଏହି ଜଳଯାତ୍ର ମନ୍ଦିର ନିକଟରୁ ବିରାଟ ପଟୁଆରରେ ବାହାରି ପବିତ୍ର ପାଇକା ନଦୀ କୂଳରେ ପୂଜାର୍ଚ୍ଚନା ସରିବାପରେ ଗ୍ରାମ ପରିକ୍ରମା କରି ମନ୍ଦିର ନିକଟ ଯଜ୍ଞ ସ୍ଥଳରେ ସ୍ଥାପନ କରଯାଇଥିଲା । ୨୨ ତାରିଖରେ ମନ୍ଦିର ପ୍ରତିଷ୍ଠା ଉଦଘାଟନ କାର୍ଯ୍ୟକ୍ରମ, ୨୩ ତାରିଖରେ ଏହି ଉପଲକ୍ଷେ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର, ୨୪ ତାରିଖରେ ଉଦଯାପନ ସହିତ ଚତୁର୍ଥ ପ୍ରହର ମହାମନ୍ତ୍ର ନାମଯଜ୍ଞ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ଏହି ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିରରେ ଭୁବନେଶ୍ୱରସ୍ଥିତ ହାଇଟେକ ମେଡିକାଲର ବିଭିନ୍ନ ବିଭାଗର ଡାକ୍ତରମାନେ ଉପସ୍ଥିତ ରହି ସ୍ୱାସ୍ଥ୍ୟ ପରୀକ୍ଷା କରିବାର କାର୍ଯ୍ୟକ୍ରମ ରହିଛି । ଏହି ଶିବିରକୁ ବହୁ ସଂଖ୍ୟାରେ ଯୋଗଦେଇ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇବାକୁ ଗଇଠିପୁର ମା ଗର୍ଭାୟଣୀ ଯୁବକ ସଂଘ ପକ୍ଷରୁ ନିବେଦନ କରଯାଇଛି ।

# ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷା ବ୍ୟବହାର ସମ୍ପର୍କିତ ପ୍ରଶିକ୍ଷଣ

**ବୌଦ୍ଧ, ନ୍ୟୁଜ ବ୍ୟୁରୋ**

ବୌଦ୍ଧ ଜିଲ୍ଲାରେ ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ବ୍ୟବହାରକୁ ବ୍ୟାପକ ଓ ନିର୍ଭୁଲ କରିବା ଉଦ୍ଦେଶ୍ୟରେ ଏକ ୨ ଦିନିଆ ପ୍ରଶିକ୍ଷଣ ଶିବିର ବୁଧବାର ଉଦଘାଟିତ ହୋଇଯାଇଛି । ଓଡ଼ିଆ ଭାଷା ପ୍ରତିଷ୍ଠାନ ଭୁବନେଶ୍ୱରଙ୍କ ଦ୍ୱାରା ଅନୁଷ୍ଠିତ ଏହି ଶିବିର ଜିଲ୍ଲାପାଳଙ୍କ ସଦଭାବନା ସଭାଗୃହରେ ଅନୁଷ୍ଠିତ ହୋଇଥିବାବେଳେ ମୁଖ୍ୟଅତିଥି ଭାବେ ଶିବିରରେ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ଜିଲ୍ଲାର ବିଭିନ୍ନ ବିଭାଗର ୧୩୦ ଜଣ ଅଧିକାରୀ ଓ କର୍ମଚାରୀ ଏହି ଶିବିରରେ ଅଂଶଗ୍ରହଣ କରି ପ୍ରଶିକ୍ଷଣ ନେଇଥିଲେ। ଜିଲ୍ଲାପାଳ ଶ୍ରୀ ନାୟକ ସମସ୍ତଙ୍କୁ ସମ୍ବୋଧନ କରି ଧୀରେ ଧୀରେ ଜିଲ୍ଲାର ପ୍ରତ୍ୟେକ ବିଭାଗରେ ଓଡ଼ିଆରେ ଚିଠିପତ୍ର ଆଦାନ ପ୍ରଦାନର ବ୍ୟବସ୍ଥା କରାଯିବ। ଏହା ଦ୍ୱାରା ପ୍ରଶାସନ ଅଧିକ ଲୋକାଭିମୁଖୀ ହେବା ସହିତ ସମସ୍ତ ବର୍ଗର ଜନସାଧାରଣ ଉପକୃତ ହୋଇପାରିବେ ବୋଲି ସେ ଆଶା କରୁଥିବା ପ୍ରକାଶ କରିଥିଲେ। ପ୍ରଶିକ୍ଷକମାନେ ଚାରିଟି ପର୍ଯ୍ୟାୟରେ




ଯୋଗଦେଇଥିଲେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ବୌଦ୍ଧ ଏବଂ ଜିଲ୍ଲା ପ୍ରଶାସନର ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରଶିକ୍ଷଣ ଶିବିରରେ ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ଡ଼. ସିଦ୍ଧାର୍ଥ ଶଙ୍କର ପାଢ଼ି, ଡ଼. ରମେଶ ମଲ୍ଲିକ, ପ୍ରଧାପକ ଉତ୍କଳ ବିଶ୍ୱବିଦ୍ୟାଳୟ ଏବଂ ମନୋରଞ୍ଜନ ପାଣିଗ୍ରାହୀ, ବରିଷ୍ଠ ଲେଖା ଅଧିକାରୀ, ଏ ଜି ଅଫିସ୍ ପ୍ରଶିକ୍ଷକ ଭାବେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ ଓ ଉପ-ଜିଲ୍ଲାପାଳ ବିନୟ କୁମାର ଭୋଇ ଯୋଗ ଦେଇଥିଲେ। ଜିଲ୍ଲା ସଂସ୍କୃତି ଅଧିକାରୀ ତଥା ଡେପୁଟି କଲେକ୍ଟର ଅଙ୍କିତା ସାହୁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହିତ ଶିବିରର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏଥିରେ ଟିପ୍ପଣୀ, ଚିଠା ଆଦେଶନାମା ପ୍ରସ୍ତୁତି, ପ୍ରଶାସନିକ ଶବ୍ଦଚୟନ, ଶବ୍ଦଗଠନ, ବନାନ ଶୁଦ୍ଧତାର ଆବଶ୍ୟକତା, ଓଡ଼ିଆ ଭାଷାର ପ୍ରଶାସନିକ ପ୍ରୟୋଗ, ଶୈଳୀ ଓ କୌଶଳ ଏବଂ ଓଡ଼ିଆ ଭାଷା ବ୍ୟବହାରର ସମ୍ଭାବନା ବିଷୟରେ ବ୍ୟାପକ ଅଲୋଚ଼ନା ହୋଇଥିଲା। ଏଥିସହ ମୌଖିକ ଆଲୋଚ଼ନା ଓ ପ୍ରଶ୍ନୋତ୍ତରୀ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା।ଏଥିରେ ଜିଲ୍ଲା ସୂଚ଼ନା ଓ ଲୋକସଂପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ଏବଂ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ପ୍ରଶାସନିକ ଓ ରାଜସ୍ୱ ଅଧିକାରୀ ଯୋଗ ଦେଇ ପ୍ରଶିକ୍ଷଣ ନେଇଥିଲେ।

# ଓଡ଼ିଶାର ସଂସ୍କୃତି, ପରମ୍ପରା ଓ କଳାକୁ ସମ୍ମାନ ପ୍ରଦାନ ନିମନ୍ତେ କାର୍ଯ୍ୟକ୍ରମ

**ଢେଙ୍କାନାଳ, ନ୍ୟୁଜ ବ୍ୟୁରୋ**



ଢେଙ୍କାନାଳ ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ସୁରଙ୍ଗନା କଳା ନିକେତନର ଓଡ଼ିଆ ନବ ବର୍ଷ ତଥା ମହାବିଷୁବ ପଣା ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ଅବସରରେ ଓଡ଼ିଶାର ପରମ୍ପରା, ସଂସ୍କୃତି ଓ କଳାକୁ ସମ୍ମାନ ଜଣାଇ ସ୍ୱାଗତ ଓଡ଼ିଶା,ମୋ ସଂସ୍କୃତି, ପରମ୍ପରା, ମୋ ଭାଷା ପ୍ରତିଯୋଗିତା,ପ୍ରତିଭା ଅନୁପମ ସମ୍ମାନ ଓ ବର୍ଣ୍ଣାଢ଼୍ୟ ସାଂସ୍କୃତିକ ମହୋତ୍ସବ-୨୦୨୬ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସିମିଳଇ ପରିସରରେ ସନ୍ଧ୍ୟା ୭ ଘଟିକା ସମୟରେ ଅନୁଷ୍ଠାନର ସଭାପତି ନିରଞ୍ଜନ ଶତପଥୀଙ୍କ ତତ୍ତ୍ୱାବଧାନରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଉଦ୍ ଘାଟନୀ ଉତ୍ସବରେ ବିଦ୍ୟାଳୟର ସଭାପତି ପୁରୁଷୋତ୍ତମ ରାଉତ, 'ସୁରଙ୍ଗନା କଳା ନିକେତନ'ର ସଭାପତି ନିରଞ୍ଜନ ଶତପଥୀ, ପ୍ରଜ୍ଞା ପ୍ରିୟା ନନ୍ଦ, ଜିତେନ୍ଦ୍ର କୁମାର ବେହେରା, ଅଭିଭାବକ ଓ ଅଭିଭାବିକା, ସମସ୍ତ ପ୍ରତିଯୋଗୀ ପ୍ରମୁଖ ଉପସ୍ଥିତ ରହି ରାଜ୍ୟସ୍ତରୀୟ ଓଡ଼ିଆ କଳା, ପର୍ବ, କବିଙ୍କ ସମ୍ବନ୍ଧରେ ରଚନା ଲିଖନ,ଚିତ୍ରାଙ୍କନ ଓ ନୃତ୍ୟ ପ୍ରତିଯୋଗିତାକୁ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍ଘାଟନ କରିଥିଲେ ।ରାଜ୍ୟସ୍ତରୀୟ ଓଡ଼ିଶୀ ଓ ପାରମ୍ପରିକ ନୃତ୍ୟର ବିଚାରକ ଭାବେ ଓଡ଼ିଶୀଗୁରୁ ଶ୍ରୀକାନ୍ତ କୁମାର ସାହୁ ଭୁବନେଶ୍ୱରରୁ ଆସିଥିବା ପ୍ରମିତା ଶତପଥୀ ଓ ଅତିଥି କଳାକାର ଜ୍ୟୋତିପ୍ରକାଶ ମହାପାତ୍ର ଏବଂ ଚିତ୍ରାଙ୍କନରେ ଚିତ୍ରକାର ମନୋଜ ସାହୁ, ରଚନା ଲିଖନରେ ବିଷ୍ଣୁ ପ୍ରସାଦ ମହାରଣା ଦାୟିତ୍ୱ ତୁଲାଇଥିଲେ। ଉଦ୍ ଯାପନ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଭରତ ଭୂଷଣ ବେହେରା, ଲର୍ଡସ୍ ସଂଗଠନର ନିର୍ଦ୍ଦେଶକ,ସମ୍ପାଦକ,ସମର୍ଥ ନ୍ୟୁଜ, ମୁଖ୍ୟବକ୍ତା ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ, ଢେଙ୍କାନାଳ ଜିଲ୍ଲା ଶାଖାର ମୁଖ୍ୟ ସଞ୍ଚାଳିକା ବି.କେ. ଉଷା, ସମ୍ମାନୀତ ଅତିଥି ଭାବେ,ରାଷ୍ଟ୍ରପତି ସ୍କାଉଟ୍, ମୁଖ୍ୟମନ୍ତ୍ରୀ ପୁରସ୍କାର ପ୍ରାପ୍ତ, ବରିଷ୍ଠ ଶିକ୍ଷାବିତ୍ ତଥା ସମାଜସେବୀ, ଡ଼ା.ଦେବୀ ପ୍ରସାଦ ମିଶ୍ର,ଅନୁଷ୍ଠାନର ନିର୍ଦ୍ଦେଶିକା ପ୍ରଜ୍ଞା ପ୍ରିୟା ନନ୍ଦ ପ୍ରମୁଖ ଉପସ୍ଥିତ ରହି ପ୍ରଦୀପ ପ୍ରଜ୍ୱଳନ କରି 'ସ୍ୱାଗତ ଓଡ଼ିଶା 'କାର୍ଯ୍ୟକ୍ରମକୁ ଅୟଆରମ୍ଭ କରିଥିଲେ। ଅନୁଷ୍ଠାନ ଦ୍ୱାରା ଅତିଥିବୃନ୍ଦଙ୍କୁ ପୁଷ୍ପ ଗୁଚ୍ଛ, ଉତ୍ତରୀୟ ଓ ଉପଢୌକନରେ ମେମେଣ୍ଟୋ ପ୍ରଦାନ ପୂର୍ବକ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା। ଲର୍ଡସ୍ ସଂଗଠନର ନିର୍ଦ୍ଦେଶକ, ସମର୍ଥ ସମାଚାରର ସମ୍ପାଦକ ତଥା ମୁଖ୍ୟଅତିଥି ଭରତ ଭୂଷଣ ବେହେରା ଓଡ଼ିଶାର ଭାଷା, ସାହିତ୍ୟ, ପରମ୍ପରା, କଳା ଓ ସଂସ୍କୃତିକୁ ପ୍ରାଧାନ୍ୟ ଦେଇ ଗ୍ରାମାଞ୍ଚଳର ପରିବେଶରେ ତାହା ଅତ୍ୟନ୍ତ ସୌନ୍ଦର୍ଯ୍ୟମୟ ହୋଇପାରିଛି ବୋଲି ବ୍ୟକ୍ତ କରିଥିଲେ। ଶିକ୍ଷା, ସାହିତ୍ୟ, ସଂସ୍କୃତି ଅଙ୍ଗାଗୀଭାବେ ଜଡ଼ିତ ଓ ଏହା ପିଲାମାନଙ୍କ ଭିତରେ ପରିପ୍ରକାଶ କରାଇବା ଦିଗରେ ସମସ୍ତ ଅଭିଭାବକମାନଙ୍କୁ ପ୍ରେରଣା ଦେଇ ବରିଷ୍ଠ ଶିକ୍ଷାବିତ୍ ଡ଼ା.ଦେବୀ ପ୍ରସାଦ ମିଶ୍ର 'ସ୍ୱାଗତ ଓଡ଼ିଶା' କାର୍ଯ୍ୟକ୍ରମ କରି ଓଡ଼ିଶାର କଳା, ସଂସ୍କୃତି, ପରମ୍ପରାକୁ ପିଲାମାନଙ୍କ ମଧ୍ୟରେ ଉଦ୍ଭୂବିତ କରିବାର ପ୍ରୟାସକୁ ସ୍ୱାଗତ କରିଥିଲେ ।ଜିତେନ୍ଦ୍ର ବେହେରା ଉପସ୍ଥିତ ସମସ୍ତ ଗ୍ରାମବାସୀବୃନ୍ଦଙ୍କୁ ସାଧୁବାଦ୍ ଦେଇଥିଲେ ଓ କହିଥିଲେ ଯେ ପିଲାମାନଙ୍କ ଭିତରେ ଓଡ଼ିଶାର ସଂସ୍କୃତି ଓ ପରମ୍ପରାକୁ ଭଲ ପାଇବାର ମନୋଭାବ ସୃଷ୍ଟି କରିବାରେ ସହଯୋଗ ଦେଇ ଅନୁଷ୍ଠାନର କର୍ମକର୍ତ୍ତାମାନେ ଯେଉଁ ପ୍ରୋତ୍ସାହିତ କରିଛନ୍ତି ତାହା ସ୍ୱାଗତ ଓ ପ୍ରଶଂସା ଯୋଗ୍ୟ ।ଆଜିର ଶିଶୁ କାଲିର ଭବିଷ୍ୟତ ଓ ସଂସ୍କୃତି ପରମ୍ପରାକୁ ବଞ୍ଚାଇ ରଖିବାରେ ସେମାନେ ନିଜର ମୁଖ୍ୟ ଭୂମିକା ନିର୍ବାହ କରିବେ ବୋଲି କହିଥିଲେ। ପାରମ୍ପରିକ ରୀତିରେ ଓଡ଼ିଆ ବୋହୂ ସୁଭଦ୍ରା ଓ ଉର୍ମିଳାଙ୍କର ଶଙ୍ଖ, ହୁଳହୁଳି, ଘଣ୍ଟ ଆଳତି, ପ୍ରଦୀପ ପ୍ରଜ୍ୱଳନ ଆଦି ମୁଖ୍ୟ ଆକର୍ଷଣ ଥିଲା ।ସମସ୍ତ ପ୍ରତିଯୋଗୀ ଓ ଅନୁଷ୍ଠାନର ଛାତ୍ରୀଛାତ୍ରମାନଙ୍କୁ ଅତିଥିଗଣଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇ ଥିଲା ।ପ୍ରମୀତା ହୋତା, ରାଜେନ୍ଦ୍ର ପ୍ରସାଦ ଭଞ୍ଜ ଓ ଅନୁଷ୍ଠାନର କୁନି କଳାକାର ଆୟୁଷ, ସ୍ମିତି, ଦିବ୍ୟଶିଖା, ଶିବାଂଶିଙ୍କର ସୁନ୍ଦର କଣ୍ଠ ସଙ୍ଗୀତ ଗାନ ସମସ୍ତ ପରିବେଶକୁ ସୁମଧୁର କରିଥିଲା। ପ୍ରକାଶ ଥାଉକି ସଭା ପ୍ରାରମ୍ଭରେ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ, ଧୂପ ଅର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରାଯିବା ସହିତ ଜିତେନ୍ଦ୍ର ବେହେରା ମଙ୍ଗଳାଚରଣ ଗାନ, ସ୍ୱାଗତ ଭାଷଣ, ଅତିଥି ପରିଚୟ ପ୍ରଦାନ ଓ ପରିଶେଷରେ ଶାନ୍ତିପାଠ କରିଥିଲେ। ଯୁବ ସାମ୍ବାଦିକ ଆଶୁତୋଷ ପାଢ଼ୀଙ୍କୁ ନିକଟରେ ଦିଲ୍ଲୀଠାରେ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରାଳୟ ଅଧୀନରେ ଭାରତୀୟ ଜନ ସଞ୍ଚାର ସଂସ୍ଥାନ ତରଫରୁ ଆୟୋଜିତ ୫୭ ତମ ସମାବର୍ତ୍ତନ ଉତ୍ସବରେ ମାନ୍ୟବର ଉପରାଷ୍ଟ୍ରପତି ଶ୍ରୀ ସି.ପି.ରାଧାକ୍ରୀଷ୍ଣଙ୍କ ଠାରୁ ସମ୍ମାନ ଜନକ ଡ.ହରେକୃଷ୍ଣ ମହତାବ ସ୍ମୃତି ସମ୍ମାନ ଲାଭ, ତାଙ୍କର କର୍ମନିଷ୍ଠା, ଦୃଢ ମନୋବଳ ଓ ଢେଙ୍କାନାଳ ମାଟି ପାଇଁ ଅନୁରାଗ ତଥା ସେବା ମନୋଭାବକୁ ଦୃଷ୍ଟିରେ ରଖି ତୃତୀୟ ପ୍ରତିଭା ଅନୁପମ୍ "ଢେଙ୍କାନାଳ ରତ୍ନ ସମ୍ମାନ -୨୦୨୬ ' ରେ ସମ୍ମାନିତ କରାଯିବା ସହିତ ଓଡ଼ିଶୀ ଗୁରୁ ଶ୍ରୀକାନ୍ତ କୁମାର ସାହୁଙ୍କୁ ତାଙ୍କର ଏକାଧିକ କଳାତ୍ମକ କୃତିତ୍ୱ ପରିବେଷଣ ପାଇଁ 'ପ୍ରତିଭାନୂପମ୍ ସମ୍ମାନ ୨୦୨୬' ରେ ସମ୍ମାନିତ କରାଯାଇଥିଲା ।ଯୁବ ସାମ୍ବାଦିକ ଆଶୁତୋଷ ପାଢ଼ୀ ଅତି ସୁନ୍ଦର ସଭା ସଂଯୋଜନା କରିଥିଲେ। ପରିଶେଷରେ ସଭାପତି ନିରଞ୍ଜନ ଶତପଥୀ ଧନ୍ୟବାଦ୍ ଅର୍ପଣ କରିଥିଲେ। ପରେ ପରେ ଅତିଥି କଳାକାର ଜ୍ୟୋତିପ୍ରକାଶ ମହାପାତ୍ର, ପ୍ରମୀତା ଶତପଥୀ, ରାଜେନ୍ଦ୍ର ଭଞ୍ଜଙ୍କ ଦ୍ୱାରା ପାରମ୍ପରିକ ସଙ୍ଗୀତ ପରିବେଷଣ ଓ ଅନୁଷ୍ଠାନର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପାରମ୍ପରିକ ନୃତ୍ୟ ମାଧ୍ୟମରେ ଗାଁ ଜୀବନର ପ୍ରତିଟି ଛବିକୁ ଦର୍ଶାଇ ସମସ୍ତ ଗ୍ରାମବାସୀ ତଥା ଅତିଥିବୃନ୍ଦଙ୍କ ହୃଦୟ ଜିଣିଥିଲେ। ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସଭାପତି ପୁରୁଷୋତ୍ତମ ରାଉତ ସଂପାଦକ ଅନ୍ତର୍ଯ୍ୟାମୀ ମହାରଣା ଏବଂ କର୍ମକର୍ତ୍ତାମାନଙ୍କର ପୁର୍ଣ୍ଣ ସହଯୋଗରେ ସ୍ୱାଗତ ଓଡ଼ିଶା କାର୍ଯକ୍ରମ ସଫଳ ହୋଇପାରିଛି। ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମ ସୁଶ୍ରୀ ପ୍ରଜ୍ଞା ପ୍ରିୟା ନନ୍ଦ ଓ ଜିତେନ୍ଦ୍ର କୁମାର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମ୍ପାଦିତ ହୋଇଥିଲା। ସୁରଙ୍ଗନା କଳା ନିକେତନର ସମ୍ପୂର୍ଣ୍ଣ ପରିବାରର କର୍ମକର୍ତ୍ତା ଓ ସଦସ୍ୟା,ସଦସ୍ୟ ବୃନ୍ଦଙ୍କ ପୂର୍ଣ୍ଣ ସହଯୋଗରେ କାର୍ଯ୍ୟକ୍ରମର ସଫଳ ରୂପାୟନ ସମ୍ଭବ ହୋଇ ପାରିଥିଲା।

32 YEARS
# ସମ୍ବାଦ କଳିକା
ଭୁବନେଶ୍ୱର, ୨୫ ଅପ୍ରେଲ ୨୦୨୬ ଶନିବାର





## ୭୫ ବର୍ଷ ହେଲା ସମାଧାନ ହୋଇପାରୁନି ଶରଣାର୍ଥୀଙ୍କ ସମସ୍ୟା

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ଦେଶ ବିଭାଜନ ପରେ ୧୯୫୦ ମସିହାରେ ପ୍ରାୟ ୭ ଶହରୁ ଊର୍ଦ୍ଧ୍ୱ ଶରଣାର୍ଥୀ କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ତହସିଲ ଅନ୍ତର୍ଗତ ଖରିନାସୀ, ରାମନଗର ଓ ଜମ୍ବୁ ମୌଜାରେ ବସବାସ କରୁଛନ୍ତି । ଏମାନଙ୍କ ମଧ୍ୟରୁ କେତେକଙ୍କୁ ସେ ସମୟରେ ଜମି ପଟ୍ଟା ପ୍ରଦାନ କରାଯାଇଥିବାବେଳେ ଆହୁରି ଅନେକ ଶରଣାର୍ଥୀ ମାନଙ୍କୁ ଜମି ପଟ୍ଟା ପ୍ରଦାନ କରାନଯାଇ ସେମାନଙ୍କର ସମସ୍ୟା ସମାଧାନ କରାଯାଇନାହିଁ । ଦୀର୍ଘ ୭୫ ବର୍ଷ ବିତିଯାଇଥିଲେ ମଧ୍ୟ ଏମାନଙ୍କର ପିଲାଛୁଆ ଅନେକ ସମସ୍ୟାର ସମାଧାନ ହେଉଛନ୍ତି । ଏହି ଶରଣାର୍ଥୀମାନେ ନ୍ୟାୟ ପାଇଁ ଅନେକ ସଂଘର୍ଷ କରିଚାଲିଛନ୍ତି । ଏନେଇ ଜିଲ୍ଲା ପ୍ରଶାସନ ଓ ରାଜନୈତିକ ଚକ୍ରବ୍ୟୂହରେ ପଡି ଏମାନେ ନିଜର ମୌଳିକ ସମସ୍ୟାରୁ ବଞ୍ଚିତ ହେଉଛନ୍ତି । ଶରଣାର୍ଥୀଙ୍କ ତରଫରୁ ଉଚ୍ଚ ନ୍ୟାୟାଳୟ ଓ ନ୍ୟାସନ୍ୟାଲ୍ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି) କଲିକତାରେ ମଧ୍ୟ ମାମଲା ଦାୟର କରିଛନ୍ତି । ଗୁରୁବାର ଅର୍ଜୁନ ମଣ୍ଡଳ, ସମାର ମିସ୍ତ୍ରୀ, ଦୁଖୀରାମକାନ୍ତି ସର୍ଦ୍ଦାର, ପଶୁପତି ଜେନା ପ୍ରମୁଖ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବିନ୍ଦ୍ର କୁମାର ମଲ୍ଲିକଙ୍କୁ ଭେଟି ଆଲୋଚନା କରିଛନ୍ତି । ଏହି ଆଲୋଚନା ସମୟରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମଲ୍ଲିକ ଏମାନଙ୍କୁ ୧୯୫୯ ମସିହାରୁ ୧୯୬୬ ମସିହାରେ ହୋଇଥିବା ସେଟେଲମେଣ୍ଟର ବହି ମାଗୁଛନ୍ତି । ତେବେ ଏହି ବହି ୭ଦିନ ମଧ୍ୟରେ ତାଙ୍କୁ ଦିଆଯିବ ବୋଲି ଆଲୋଚନା କରିଥିବା ଶରଣାର୍ଥୀମାନେ ତାଙ୍କୁ କହିଛନ୍ତି । ଏହି ସେଟେଲମେଣ୍ଟ ବହିରେ ସେ ସମୟରେ କାହାକୁ କେତେ ଜମି ଦିଆଯାଇଛି କେଉଁ ପରିମାଣର ଜମି ଦିଆଯାଇଛି ସମସ୍ତ ତଥ୍ୟ ଉଲ୍ଲେଖ ରହିଛି । ବହି ପାଇବା ପରେ ସମସ୍ୟାର ସମାଧାନ କରାଯିବ ବୋଲି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମଲ୍ଲିକ ଆଲୋଚନାକାରୀଙ୍କୁ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି ।

# ବ୍ରହ୍ମପୁର ରେଳଷ୍ଟେସନ୍:୩୦୦ କୋଟିରେ ରୂପାନ୍ତରଣ

## ଯୋଡ଼ି ହେବ ତିନି ନୂଆ ଲାଇନ୍, ଆଧାତ୍ମିକ ଓ ସାଂସ୍କୃତିକ ଐତିହାସିକ ପ୍ରତିଫଳନ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଭୁବନେଶ୍ୱର, କଟକ ଭଳି ବ୍ରହ୍ମପୁର ରେଳଷ୍ଟେସନ ବିଶ୍ୱସ୍ତରୀୟ ହେବ । ଯୋଡ଼ି ହେବ ୪ ନୂଆ ପ୍ଲାଟ୍‌ଫର୍ମ, ତିନି ନୂଆ ତଥା ଅତିରିକ୍ତ ରେଳ ଧାରଣା । ଏଥିସହ ସମସ୍ତ ଅତ୍ୟାଧୁନିକ ସୁବିଧା ମିଳିବ । ବ୍ରହ୍ମପୁର ଷ୍ଟେସନର ବିକାଶ ପାଇଁ ୩୦୦ କୋଟିର ବହୁମୁଖୀ ପୁନର୍ବିକାଶ ଯୋଜନାକୁ ଅନୁମୋଦନ କରିଛି ପୂର୍ବତଟ ରେଳପଥ । ଦକ୍ଷିଣ ଓଡ଼ିଶାର ସବୁଠାରୁ ବ୍ୟସ୍ତବହୁଳ ରେଳ ହବ୍ ଭାବେ ପରିଚିତ ବ୍ରହ୍ମପୁର ଷ୍ଟେସନ । ପ୍ରତିଦିନ ୧୬୨ ରୁ ଅଧିକ ଟ୍ରେନ୍ ଚଳାଚଳ କରେ ଏବଂ ୨୫ ହଜାରରୁ ଅଧିକ ଯାତ୍ରୀ ଏଠାରୁ ଯାତାୟାତ କରନ୍ତି । ତାହାର ଏବେ ବୈପ୍ଲବିକ ପରିବର୍ତ୍ତନ ହେବାକୁ ଯାଉଛି ବୋଲି ପୂର୍ବତଟ ରେଳପଥ ପକ୍ଷରୁ ଜାରି ପ୍ରେସ୍ ବିବୃତିରେ କୁହାଯାଇଛି । ଷ୍ଟେସନର କ୍ଷମତା ବୃଦ୍ଧି ଏହି ପୁନର୍ବିକାଶର ମୁଖ୍ୟ ଲକ୍ଷ୍ୟ । ନୂଆ ପ୍ଲାଟଫର୍ମ ଓ ରେଳଧାରଣା ଯୋଗୁଁ ଅଧିକ ଟ୍ରେନ୍ ଚଳାଚଳ ସହଜ ହୋଇପାରିବ । ଷ୍ଟେସନର ଦ୍ୱିତୀୟ ପ୍ରବେଶ ପାର୍ଶ୍ୱରେ ନୂତନ ଷ୍ଟେସନ୍ ବିଲ୍ଡିଂ ଏବଂ ୟାର୍ଡ଼ର ଆଧୁନିକୀକରଣ କରାଯିବ । ସେବା ଭବନ ଏବଂ ରେଳ କ୍ୱାଟର୍ସଗୁଡ଼ିକୁ ସ୍ଥାନାନ୍ତର କରାଯାଇ ଯାତ୍ରୀମାନଙ୍କ ପାଇଁ ଅଧିକ ଖୋଲା ସ୍ଥାନ ବ୍ୟବସ୍ଥା କରାଯିବ । ଯାତ୍ରୀମାନଙ୍କ ଯାତାୟାତ ପାଇଁ ସମନ୍ୱିତ ବ୍ୟବସ୍ଥା ପ୍ରସ୍ତୁତ କରାଯାଇଛି, ଯାହା ଷ୍ଟେସନ୍‌ର ଉଭୟ ପାର୍ଶ୍ୱର ଏବଂ ସମସ୍ତ ପ୍ଲାଟ୍‌ଫର୍ମକୁ ସହଜରେ ଯୋଡ଼ିବ । ପାରମ୍ପରିକ ବ୍ୟବସ୍ଥା ବଦଳରେ ଏଲିଭେଟେଡ୍ ଷ୍ଟ୍ରକ୍‌ଚର୍ ନିର୍ମାଣ କରାଯିବ । ଫୁଟ୍ ଓଭରବ୍ରିଜ୍ ସମ୍ପ୍ରସାରଣ କରାଯାଇ ଯାତ୍ରୀଙ୍କ ଗମନାଗମନକୁ ଅଧିକ ସୁଗମ କରାଯିବ । ବ୍ରହ୍ମପୁର ଷ୍ଟେସନ୍‌କୁ ପୂର୍ବତଟ ରେଳପଥର ଅନ୍ୟତମ ସୁଗମ୍ୟ ଷ୍ଟେସନ୍ କରାଯିବ । ଏଥିପାଇଁ ପର୍ଯ୍ୟାପ୍ତ ଲିଫ୍ଟ ଓ ଏସ୍କାଲେଟର ସ୍ଥାପନ ହେବ । ଭିନ୍ନକ୍ଷମ ଅନୁକୂଳ ଭିତ୍ତିଭୂମି, ଟ୍ୟାକ୍ଟାଇଲ୍ ପାଥ୍‌ୱେ ବା ସ୍ପର୍ଶକାତର ରାସ୍ତା ଏବଂ ବାଧାମୁକ୍ତ ଯାତାୟାତ ବ୍ୟବସ୍ଥା କରାଯିବ । ଭିଡ଼ ହ୍ରାସ ପାଇଁ ଉଭୟ ପାର୍ଶ୍ୱରେ ବିକଶିତ ସର୍କୁଲେଟିଂ ଏରିଆ ନିର୍ମାଣ କରାଯାଉଛି । ମୁଖ୍ୟ ପ୍ରବେଶ ପାର୍ଶ୍ୱରେ ରାସ୍ତା ପ୍ରଶସ୍ତିକରଣ, ଫୁଟ୍‌ପାଥ୍, ଡ୍ରେନେଜ୍ ଏବଂ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ସରିଛି । ଦ୍ୱିତୀୟ ପ୍ରବେଶ ପାର୍ଶ୍ୱରେ ବିକାଶ କାର୍ଯ୍ୟ ଜାରି ରହିଛି । ପ୍ଲାଟଫର୍ମଗୁଡ଼ିକର ଚଟାଣ ଏବଂ ସେଡ୍ ନବୀକରଣ ସହ ଯାତ୍ରୀଙ୍କ ସୁରକ୍ଷା ପାଇଁ କଭର ସେଡ୍ ସମ୍ପ୍ରସାରଣ କରାଯାଉଛି । ଟ୍ରେନଗୁଡ଼ିକରେ ଶୀଘ୍ର ଜଳ ଯୋଗାଣ ପାଇଁ କୁଇକ୍ ୱାଟରିଂ ସିଷ୍ଟମ୍ ସ୍ଥାପନ କରାଯିବ । ପରିଚାଳନାଗତ ଉନ୍ନତି ଦ୍ୱାରା ଟ୍ରେନର ଷ୍ଟେସନରେ ରହଣି ସମୟକୁ ହ୍ରାସ କରିବ । ଯାତ୍ରୀଙ୍କ ସୁରକ୍ଷା ଓ ସୁବିଧା ପାଇଁ ସିସିଟିଭି ନିରୀକ୍ଷଣ, ପ୍ରବେଶ ନିୟନ୍ତ୍ରଣ, ବ୍ୟାଗେଜ ସ୍କାନର, ଉନ୍ନତି ଯାତ୍ରୀ ସୂଚନା ପ୍ରଣାଳୀ ଏବଂ ସିଗ୍‌ନାଲିଂ ବ୍ୟବସ୍ଥା ସହିତ ଓଡ଼ିଆ, ହିନ୍ଦୀ ଓ ଇଂରାଜୀ ଭାଷାରେ ସୂଚନା ଫଳକ ଲାଗିବ । ପ୍ରକଳ୍ପରେ ଏହି ଅଞ୍ଚଳର ସାଂସ୍କୃତିକ ଓ ଆଧାତ୍ମିକ ଢାଞ୍ଚା ଏବଂ ଦକ୍ଷିଣ ଓଡ଼ିଶାର ସମୃଦ୍ଧ ଐତିହ୍ୟ ପ୍ରତିଫଳିତ ହେବ । ଏହି ଷ୍ଟେସନ୍‌କୁ କେବଳ ପରିବହନ କେନ୍ଦ୍ର ଭାବେ ନୁହେଁ, ବରଂ ବ୍ରହ୍ମପୁରର ସାଂସ୍କୃତିକ ପ୍ରତିଫଳିତ କରୁଥିବା ଏକ ସ୍ମାରକୀ ଭାବରେ ପୁନଃ ପରିକଳ୍ପନା କରାଯାଉଛି । ଏହାର ନିର୍ମାଣ କାର୍ଯ୍ୟ ଯାତ୍ରୀମାନଙ୍କୁ ବିଶ୍ୱସ୍ତରୀୟ ଅନୁଭୂତି ପ୍ରଦାନ କରିବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ କୁହାଯାଇଛି ।

# କଣ୍ଟାବାଞ୍ଜିରେ ଜମିର ବେଞ୍ଚମାର୍କ ମୂଲ୍ୟ ବୃଦ୍ଧିକୁ ନେଇ ଅସନ୍ତୋଷ



**କଣ୍ଟାବାଞ୍ଜି, ନ୍ୟୁଜ୍ ବ୍ୟୁରୋ**

କଣ୍ଟାବାଞ୍ଜି ମୌଜାରେ ଜମିର ବେଞ୍ଚମାର୍କ ମୂଲ୍ୟର ଅସାମାନ୍ୟ ବୃଦ୍ଧିକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି । ଏହି ପରିପ୍ରେକ୍ଷିରେ କଣ୍ଟାବାଞ୍ଜି ପ୍ରେସ୍ କ୍ଲବ ତରଫରୁ ସ୍ଥାନୀୟ ତହସିଲଦାରଙ୍କ ଜରିଆରେ ରାଜ୍ୟ ସରକାରଙ୍କ ନିକଟରେ ପୁନଃବିଚାର କରିବା ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି । ଅଭିଯୋଗ ପତ୍ରରେ ଉଲ୍ଲେଖ କରାଯାଇଛି ଯେ, କଣ୍ଟାବାଞ୍ଜି 'କ', 'ଖ' ଓ 'ଗ' ମୌଜାରେ ଚାଲୁ ଆର୍ଥିକ ବର୍ଷରେ ଜମିର ବେଞ୍ଚମାର୍କ ମୂଲ୍ୟ ପୂର୍ବବର୍ଷ ତୁଳନାରେ ପ୍ରାୟ ୧୦ ଗୁଣା ବଢ଼ିଛି । ଏହି ଅଚାନକ ବୃଦ୍ଧିରେ ମଧ୍ୟମ ବର୍ଗ, ଛୋଟ ଜମି ମାଲିକ ଓ ସାଧାରଣ କ୍ରେତାମାନେ ଭାରି ପ୍ରଭାବିତ ହୋଇଛନ୍ତି । ଏହାର ପରିଣାମରେ ଷ୍ଟାମ୍ପ ଶୁଳ୍କ ଓ ରେଜିଷ୍ଟ୍ରେସନ୍ ଖର୍ଚ୍ଚ ବଢ଼ିଯାଇଥିବାରୁ ଜମି କ୍ରୟ ବିକ୍ରୟ କାରବାର ମନ୍ଦ ହୋଇଯାଇଛି ବୋଲି ସେ ଉଲ୍ଲେଖ କରିଛନ୍ତି । ସେହିପରି, ସ୍ଥାନୀୟ ବଜାର ପରିସ୍ଥିତି ଓ ଲୋକଙ୍କ ଆର୍ଥିକ ସାମର୍ଥ୍ୟକୁ ଧ୍ୟାନରେ ନରଖି ଏହି ବୃଦ୍ଧି କରାଯାଇଥିବା ଅଭିଯୋଗ ମଧ୍ୟ କରାଯାଇଛି । ଅନ୍ୟପଟେ, କଟକ ଭଳି ଉନ୍ନତ ସହରରେ ଉଚ୍ଚ ମୂଲ୍ୟ ଥିବା ସତ୍ତ୍ୱେ, କଣ୍ଟାବାଞ୍ଜି ଭଳି ଅପରିପକ୍ୱ ଅଞ୍ଚଳରେ ଏତେ ବେଶି ମୂଲ୍ୟ ବୃଦ୍ଧି ଅଯୁକ୍ତିସଙ୍ଗତ ବୋଲି ମତ ପ୍ରକାଶ ପାଇଛି । ପୂର୍ବବର୍ଷଗୁଡ଼ିକରେ ସବ୍-ରେଜିଷ୍ଟ୍ରାର କାର୍ଯ୍ୟାଳୟରେ ଅଧିକ ମୂଲ୍ୟ ଦର୍ଶାଇବା ପ୍ରଭାବ ଥିବା ନେଇ ମଧ୍ୟ ସନ୍ଦେହ ପ୍ରକାଶ କରାଯାଇଛି । ଏହି ପରିସ୍ଥିତିରେ ପ୍ରେସ୍ କ୍ଲବ କଣ୍ଟାବାଞ୍ଜି ଜିଲ୍ଲାପାଳ ଓ ରାଜ୍ୟ ସରକାରଙ୍କୁ ବେଞ୍ଚମାର୍କ ମୂଲ୍ୟ ପୁନଃବିଚାର କରିବା, ଯଥାର୍ଥ ସର୍ଭେ କରିବା ଓ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରି ସଠିକ୍ ମୂଲ୍ୟ ନିର୍ଣ୍ଣୟ କରିବାକୁ ଅନୁରୋଧ କରିଛନ୍ତି । ପ୍ରେସ୍ କ୍ଲବ ସଭାପତି ପ୍ରଭଯିତ୍ ସିଂହ ସାଲୁଜା, ସମ୍ପାଦକ ସୁରଦାସ ବାଗ, କେଶୀୟର ହର୍ଣୀ ସିଂହ, ଉପସଭାପତି ମନୋଜ ଶର୍ମା, ଅଫିସ ସମ୍ପାଦକ ବିଶିକେଶନ୍ ମାଝୀ, କମଲ ଅଗ୍ରୱାଲ, ସହ ରେଲୱେ ଅଟୋ ୟୁନିଅନ୍ ସଭାପତି, ସମ୍ପାଦକ ଓ କର୍ମକର୍ତ୍ତା, ଆଇନଜୀବୀ, ଜନସାଧାରଣ ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ରହିଥିଲେ ।



## ଆଇଏଏସ୍ ଓ ଭାରତୀୟ କୃଷି ଅନୁସନ୍ଧାନ ସଂସ୍ଥା ମଧ୍ୟରେ ବୁଝାମଣା ସ୍ୱାକ୍ଷରିତ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ୍ ସାଇନ୍‌ସେସ୍ (ଆଇଏଏସ୍) ଓ ଭାରତୀୟ ଉଦ୍ୟାନ କୃଷି ଅନୁସନ୍ଧାନ ସଂସ୍ଥା (ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହର୍ଟିକଲ୍‌ଚରାଲ୍ ରିସର୍ଚ୍ଚ) ବେଙ୍ଗାଲୁରୁ ମଧ୍ୟରେ ଗୁରୁବାର ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି । ଉଭୟ ଅନୁଷ୍ଠାନ ମଧ୍ୟରେ ଜଳ ପରିଚାଳନା ନେଇ ଉଚ୍ଚତର ଗବେଷଣା ଓ ଶୈକ୍ଷିକ ଆଦାନ ପ୍ରଦାନ ନିମନ୍ତେ ବୁଝାମଣା ସ୍ୱାକ୍ଷରିତ ହୋଇଛି । ଭାରତୀୟ ଉଦ୍ୟାନ କୃଷି ଅନୁସନ୍ଧାନ ସଂସ୍ଥା ଅନ୍ତର୍ଗତ କେନ୍ଦ୍ରୀୟ ଉଦ୍ୟାନ ପରୀକ୍ଷଣ କେନ୍ଦ୍ରର ମୁଖ୍ୟ ଡ. ଗୋବିନ୍ଦ ଚନ୍ଦ୍ର ଆଚାର୍ଯ୍ୟ ଏବଂ ଆଇଏଏସ୍‌ର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ ଏହି ବୁଝାମଣା ପତ୍ରରେ ସ୍ୱାକ୍ଷର କରିଥିଲେ । କୃଷି ମହାବିଦ୍ୟାଳୟର ଗବେଷଣା ଓ ପ୍ରସାର ପରିଷଦର ବୈଠକ ସମୟରେ ଏହି ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଥିଲା । ଏହି ବୁଝାମଣା ସ୍ୱାକ୍ଷର ହେବା ସମୟରେ କୃଷି ମହାବିଦ୍ୟାଳୟର ବିଭିନ୍ନ ବିଭାଗର ମୁଖ୍ୟ, ଅଧ୍ୟାପକ ଏବଂ ଅଧ୍ୟାପିକା ଉପସ୍ଥିତ ଥିଲେ ।

## ଅଂଶୁଘାତରେ ଯୁବକର ମୃତ୍ୟୁ ଅଭିଯୋଗ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଧର୍ମଶାଳା ଥାନା ବାରବାଟୀ ପଞ୍ଚାୟତ ପଦ୍ମପୁରଗ୍ରାମର ଜଣେ ଯୁବକର ଅଂଶୁଘାତରେ ମୃତ୍ୟୁଘଟିଥିବା ଅଭିଯୋଗ ହୋଇଛି । ଏହି ଗ୍ରାମର କାର୍ତ୍ତିକ ଖୁଣ୍ଟିଆଙ୍କ ବଡ଼ପୁଅ କେଦାର ଖୁଣ୍ଟିଆ (୨୬) ଗୁରୁବାର ଦିନ ନିଜ ଚାଷ ଜମିକୁ କାମ କରିବାକୁ ଯାଇଥିଲେ । ମଧ୍ୟାହ୍ନରେ ଘରକୁ ଫେରିବାପରେ ଅସୁସ୍ଥ ଲାଗିବାରୁ ବେହୋସ ହୋଇ ପଡ଼ିଯାଇଥିଲେ । ପରିବାର ଲୋକେ ତାଙ୍କୁ ତୁରନ୍ତ ଧର୍ମଶାଳା ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ । କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି । ଧର୍ମଶାଳା ପୋଲିସ କେସ୍ ନଂ୧୪/୨୬ରେ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି । ଯୁବକର ଏ ଅସ୍ୱାଭିକ ମୃତ୍ୟୁ ପାଇଁ ସ୍ଥାନୀୟ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି ।

ବଳାଙ୍ଗୀ ମହୋତ୍ସବ ଉଦ୍‌ଯାପିତ

# 'କଳା ସଂସ୍କୃତି ହିଁ ଗୋଟିଏ ଭୂଖଣ୍ଡର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥାଏ'



**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ପବିତ୍ର ମହା ବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବ ବର୍ଷ ପାଳନ ଉପଲକ୍ଷେ ବାରିପଦା ଠାରେ ଏପ୍ରିଲ ୧୬ ତାରିଖରୁ ଆରମ୍ଭ ହୋଇଥିବା ମୟୁରଭଞ୍ଜର ମହାନ ଗଣପର୍ବ ମୟୁରଭଞ୍ଜ ବାଲିମେଳା ବଳାଙ୍ଗୀ ମହୋତ୍ସବ ୨୨ ତାରିଖ ରାତିରେ ଉଦ୍‌ଯାପିତ ହୋଇଯାଇଛି । ମହୋତ୍ସବ କମିଟିର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ସମ୍ମାନିତ ଅତିଥି ଭାବରେ ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି, ବରିଷ୍ଠ ବିଜେପି ନେତା ତଥା ସୁପ୍ରିମକୋର୍ଟର ଆଇନଜୀବୀ ଜୀବନ କୁମାର ସାହୁ, ପୂର୍ବତନ କୃଷି ଶିଳ୍ପ ନିଗମର ଅଧ୍ୟକ୍ଷ ଦେବାଶିଷ ମହାନ୍ତି, ପୂର୍ବତନ ଉପନଗରପାଳ ଜିତେନ୍ଦ୍ର ମହାନ୍ତି, ଭଞ୍ଜ ସେନାର ସଭାପତି ପିଣ୍ଟୁ ମାଇତି, ମହୋତ୍ସବ କମିଟିର ଅଧ୍ୟକ୍ଷ ଆଇନଜୀବୀ ଅରବିନ୍ଦ ଦାସ ପ୍ରମୁଖ ଯୋଗଦେଇ କଳା ସଂସ୍କୃତି ହିଁ ଗୋଟିଏ ଭୂଖଣ୍ଡର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥାଏ ବୋଲି କହିବା ସହିତ ବାରିପଦା ଠାରେ ବୁଢ଼ାବଳଙ୍ଗ, ଚିପଟ ଏବଂ ଇଟାଯୋଡ଼ି ନଦୀର ତ୍ରିବେଣୀ ସଙ୍ଗମ ସ୍ଥଳୀରେ ଦୀର୍ଘ ୨୪ ବର୍ଷ ଧରି ପାଳିତ ହୋଇଆସୁଥିବା ବଳାଙ୍ଗୀ ମହୋତ୍ସବ ମୟୁରଭଞ୍ଜ ଜିଲ୍ଲାରେ କଳା ସଂସ୍କୃତିର ସୁରକ୍ଷା ଏବଂ ସମୃଦ୍ଧି ପାଇଁ ଏକ ସାଂସ୍କୃତିକ ଆନ୍ଦୋଳନ ପ୍ରତିଷ୍ଠା କରିପାରିଛି ବୋଲି କହିଥିଲେ । ସହ ସମ୍ପାଦକ ଡ଼. ଶଶୀଧର ବିଶ୍ୱାଳ ମଞ୍ଚ ପରିଚାଳନା କରିଥିବା ବେଳେ, ଏହି ଅବସରରେ ରକ୍ତଦାତା ଭାବରେ ରାଇରଙ୍ଗପୁର ଅଞ୍ଚଳର ଗତିକୃଷ୍ଣ ମହାନ୍ତ, ମିଡ଼ିଆ କ୍ରିଏସନ୍‌ର ବଳରାମ ବେହେରା, ପୂଜାକର୍ତ୍ତା ଭାବରେ ରାଜୀବ ରଞ୍ଜନ ସେନାପତି ଏବଂ ସାଗରିକା ସେନାପତି, ପୂଜକ ଭାବରେ ପଣ୍ଡିତ ସୁଦର୍ଶନ ଦିୱେଦି, ମୂର୍ତ୍ତି କାରିଗର ଭାବରେ ଶୋଭାକର ବେହେରା, ଟେଣ୍ଟ ଲାଇଟ୍ ସାଉଣ୍ଡରେ ସହଯୋଗ କରିଥିବା ସିଂହ ଟେଣ୍ଟ ହାଉସ୍‌ର ପ୍ରପାଇଟରେ ସୁମନ୍ତ ସିଂହ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ମହୋତ୍ସବ କମିଟିର ସମ୍ପାଦକ ଦୀପକ କୁମାର ନାୟକ ସମ୍ବର୍ଦ୍ଧନା ପର୍ବ ପରିଚାଳନା ସହ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଓଡ଼ିଶୀ, ସମ୍ବଲପୁରୀ, ଝୁମର ନୃତ୍ୟ ସହ ଗଞ୍ଜାମର ପ୍ରସିଦ୍ଧ କଣ୍ଢେଇ ନାଚ ପ୍ରଦର୍ଶିତ ହୋଇଥିଲା । କାର୍ଯ୍ୟକ୍ରମରେ କମିଟିର ବରିଷ୍ଠ ସଦସ୍ୟ ନରେନ୍ଦ୍ର ମୋହନ ସେନାପତି, ଅଶୋକ ପଲେଇ, ଇଂ ମନୋଜ କୁମାର କୁଅଁର, ଦୋଳ ଗୋବିନ୍ଦ ମହାନ୍ତ, ପଣ୍ଡିତ ଭାଗବତ ପଣ୍ଡା ପ୍ରମୁଖ ଉପସ୍ଥିତ ରହିଥିବା ବେଳେ ବଳାଙ୍ଗୀ ସେନାର କୁମାରେଶ ନାୟକ, ମିଥୁନ ବାରିକ, ସନତ ବାରିକ, ଦିଲ୍ଲୀପ ପାତ୍ର, ପ୍ରକାଶ କାଣ୍ଡି, ରୋହିତ ବେହେରା, ମନୋରଞ୍ଜନ ବାରିକ, ରାଜକିଶୋର ମହାନ୍ତ ପ୍ରମୁଖଙ୍କ ନେତୃତ୍ୱରେ ବହୁ ସ୍ୱେଚ୍ଛାସେବୀ କାର୍ଯ୍ୟକ୍ରମ ତଥା ମେଳା ପରିଚାଳନାରେ ସହଯୋଗ କରିଥିଲେ ।

## ////// ସୁବର୍ଣ୍ଣପୁରରେ ଅଷ୍ଟମ ପୋଷଣ ପକ୍ଷ ପାଳନ //////

# ଶିଶୁ ପୋଷଣ ଓ ମାନସିକ ବିକାଶ ଉପରେ ଗୁରୁତ୍ୱ



**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଠାରେ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ଦ୍ୱାରା ଅଷ୍ଟମ ପୋଷଣ ପକ୍ଷ ପାଳନ କରାଯାଇଛି । ଏହି ପକ୍ଷ ପାଳନରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ ଜିଲ୍ଲାପାଳ ଡ଼. ନୃପରାଜ ସାହୁ ଏବଂ ଉପସ୍ଥିତ ଆଙ୍ଗନବାଡି କର୍ମୀମାନଙ୍କୁ ଶିଶୁମାନଙ୍କର ପୋଷଣ ଉପରେ ବ୍ୟକ୍ତିଗତ ଭାବରେ ଧ୍ୟାନ ଦେବା ପାଇଁ ଉତ୍ସାହିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଞ୍ଜଳୀନା ପ୍ରଧାନ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରିଣୀ ଡ଼. ଉଷାରଣୀ ଦାସ, ଜିଲ୍ଲା ଶିଶୁ ବିକାଶ ଅଧିକାରୀ ଚତୁର୍ଭୁଜ ଦାସ ପ୍ରମୁଖ ଯୋଗଦେଇଥିଲେ । କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ବୀଣାପାଣି ମିଶ୍ର । ଜିଲ୍ଲାପାଳ ଡ଼. ସାହୁ ଅଙ୍ଗନବାଡି କର୍ମୀମାନଙ୍କୁ ଉତ୍ସାହିତ କରିଥିଲେ ଯେ ସେମାନେ ନିଜ ଅଧିନରେ ଆସୁଥିବା ଅଞ୍ଚଳର ୬ ବର୍ଷରୁ କମ୍ ଶିଶୁମାନଙ୍କର ପୋଷଣ ମାତ୍ରାର ତଥ୍ୟ ରଖିବା ସହ ପ୍ରତିମାସ ତାହାର ତୁଳନା କରିବା ଅତ୍ୟାବଶ୍ୟକୀୟ । ପ୍ରତି ମାସରେ ଏହି ପକ୍ଷ ଦୁଇଥର ପାଳନ ହେବା ଆବଶ୍ୟକ ବୋଲି ସେ କହିଥିଲେ । ପକ୍ଷ ପାଳନରେ ଆୟୋଜିତ ସଭାରେ ମାନସିକ ପୋଷଣ ବିଷୟରେ ମଧ୍ୟ ଆଲୋଚନା କରାଯାଇଥିଲା । ଶିଶୁମାନେ କେମିତି କାର୍ଯ୍ୟକଳାପରେ ଅଂଶଗ୍ରହଣ କଲେ ତାଙ୍କର ମାନସିକ ବିକାଶ ହେବ, ସେଥିପାଇଁ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା । ସୂଚନାଯୋଗ୍ୟ ଯେ ଗତ ୯ ତାରିଖରୁ ୨୩ ତାରିଖ ପର୍ଯ୍ୟନ୍ତ ସୁବର୍ଣ୍ଣପୁର ଜିଲ୍ଲାରେ ପୋଷଣ ପକ୍ଷ ପାଳନ କରାଯାଇଛି । ଜିଲ୍ଲାରେ ଅଙ୍ଗନବାଡି କର୍ମୀମାନଙ୍କ ଦ୍ୱାରା କେନ୍ଦ୍ର ସ୍ତରରେ, ପରେ ମଣ୍ଡଳ ସ୍ତରରେ ଏବଂ ତାହାପରେ ସମନ୍ୱିତ ଶିଶୁ ବିକାଶ ସେବା ପ୍ରକଳ୍ପ ସ୍ତରରେ ଏହା ପାଳିତ ହୋଇଆସିଛି । ପୋଷଣ ପକ୍ଷ ପାଳନର ଶେଷ ଦିନରେ ଜିଲ୍ଲା ସ୍ତରରେ ଏହା ପାଳନ କରାଯାଇଛି । ଏହି ପକ୍ଷରେ ଜନ୍ମରୁ ୬ ବର୍ଷ ବୟସ ମଧ୍ୟରେ ଶିଶୁଙ୍କ ମସ୍ତିଷ୍କ ବିକାଶ ପାଇଁ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି । ପକ୍ଷ ପାଳନରେ ୫ଟି ମୁଖ୍ୟ ଉଦ୍ଦେଶ୍ୟ ରଖାଯାଇଛି । ତାହାହେଲା- ମା' ଓ ଶିଶୁର ପୋଷଣ, ମସ୍ତିଷ୍କର ବିକାଶ ପାଇଁ ପ୍ରାରମ୍ଭିକ ପ୍ରୋତ୍ସାହନ, ପ୍ରାରମ୍ଭିକ ବୟସରେ ଖେଳ ଆଧାରିତ ଶିକ୍ଷା, ଶିଶୁଙ୍କ ସ୍କ୍ରିନ୍ ଟାଇମ୍ କମ୍ କରିବାରେ ମାତାପିତା ଓ ସମୁଦାୟର ଭୂମିକା ଏବଂ ଅଙ୍ଗନବାଡି କେନ୍ଦ୍ରର ସଶକ୍ତିକରଣ ପାଇଁ ସାମୁହିକ ସମର୍ଥନ ଆବଶ୍ୟକ ଅଛି । ଏହି କାର୍ଯ୍ୟକ୍ରମରେ ଆଙ୍ଗନବାଡି କର୍ମୀ, ପରିଦର୍ଶିକା, ସ୍ୱୟଂ ସହାୟକ ଗୋଷ୍ଠୀ, କିଶୋରୀ ବାଳିକା ଓ ପୋଷଣ ଗୋଷ୍ଠୀ ସଂଯୋଜକମାନେ ଭାଗ ନେଇଥିଲେ । ଜିଲ୍ଲା ସ୍ତରୀୟ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ଜନ ଆନ୍ଦୋଳନ ପୋର୍ଟାଲ୍‌ରେ ଭଲ ପ୍ରଦର୍ଶନ ପାଇଁ ସମନ୍ୱିତ ଶିଶୁ ବିକାଶ ସେବା ବିନକା ଏବଂ ବୀରମହାରାଜପୁରର ପୋଷଣ ଗୋଷ୍ଠୀ ସଂଯୋଜକମାନଙ୍କୁ ସମ୍ମାନିତ କରାଯାଇଥିଲା । ପରିଶେଷରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ପ୍ରଧାନ ଏବଂ ଅନ୍ୟ ସମସ୍ତ ଅଧିକାରୀବୃନ୍ଦ ଆଙ୍ଗନବାଡି କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀ ଓ ପୋଷଣ ଗୋଷ୍ଠୀ ସଂଯୋଜକମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ପୋଷ୍ଟିକ ଖାଦ୍ୟ ପରିଦର୍ଶନ କରି ସେଗୁଡ଼ିକର ସ୍ୱାଦ ଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ସମାଜ ମଙ୍ଗଳ ବିଭାଗର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

# ଜାନକୀ ବାବୁ ଓଡ଼ିଆ ଅସ୍ମିତାର ପ୍ରତୀକ ଥିଲେ:ସୌମ୍ୟରଞ୍ଜନ



**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ବିଶିଷ୍ଟ ସାରସ୍ୱତ ସାଧକ, ପ୍ରବୀଣ ସାମ୍ବାଦିକ, ସୁପ୍ରତିଷ୍ଠିତ ରାଜନେତା, ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ୧୧ତମ ଶ୍ରାଦ୍ଧ ଦିବସ ଚୌଦ୍ୱାରରେ ପାଳିତ ହୋଇଯାଇଛି । ଚୌଦ୍ୱାର ଜାନକୀବଲ୍ଲଭ ପଟ୍ଟନାୟକ ସ୍ମୃତି ସଂସଦ ଆନୁକୁଲ୍ୟରେ ତଥା ସଂସଦର ସଭାପତି ଦାମୋଦର ସାହୁଙ୍କ ପୌରୋହିତ୍ୟରେ ଓଟିଏମ୍ କଲୋନୀ ସ୍ଥିତ ଶ୍ରମିକ ପରିବାର ଯୁବକ ସଂଘ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ସାଂସଦ ତଥା ଇଷ୍ଟର୍ଣ୍ଣ ମିଡ଼ିଆ ଲିମିଟେଡ଼ର ପରିଚାଳନା ନିର୍ଦ୍ଦେଶକ ସୌମ୍ୟରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଜାନକୀ ବାବୁଙ୍କ ସ୍ମୃତିଚାରଣ କରି ସେ ଓଡ଼ିଆ ଅସ୍ମିତାର ପ୍ରତୀକ ଥିଲେ ବୋଲି ମତବ୍ୟକ୍ତ କରିବା ସହ ଓଡ଼ିଶା ତଥା ଓଡ଼ିଆ ଜାତିର ସର୍ବାଙ୍ଗୀନ ବିକାଶରେ ତାଙ୍କର ଅବଦାନକୁ ଓଡ଼ିଶାବାସୀ ସବୁଦିନପାଇଁ ମନେ ରଖିବେ ବୋଲି ପ୍ରକାଶ କରିଥିଲେ । ବିଶିଷ୍ଟ ସାରସ୍ୱତ ସାଧକ ଡକ୍ଟର ଉଦ୍ଧବ ଚରଣ ନାୟକ ଓ କୃତିବିଦ୍ୟ ସ୍ତମ୍ଭକାର ପ୍ରଧାପକ ଅଭିରାମ ବିଶ୍ୱାଳ ଏଥିରେ ଅତିଥି ଭାବେ ଯୋଗଦେଇ ଜାନକୀବାବୁଙ୍କ ବହୁମୁଖୀ କୃତି ଓ ପ୍ରତିଭା ସମ୍ପର୍କରେ ଆଲୋଚନା କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହି ଅବସରରେ ତିରୁପତି ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରକ୍ତନ କୁଳପତି ପ୍ର. ହରେକୃଷ୍ଣ ଶତପଥୀଙ୍କୁ ଜାନକୀବଲ୍ଲଭ ସାରସ୍ୱତ ସମ୍ମାନ, ତ୍ରିମ୍ବ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଡ. ପ୍ରମୋଦ ଚନ୍ଦ୍ର ରଥଙ୍କୁ ଜାନକୀବଲ୍ଲଭ ଶିକ୍ଷା ସମ୍ମାନ ଓ ବରିଷ୍ଠ ସାମ୍ବାଦିକ ଡ. ରାଜାରାମ ଶତପଥୀଙ୍କୁ ସାମ୍ବାଦିକତା ସମ୍ମାନ ପ୍ରଦାନ କରାଯାଇଥିଲା । ସଂସଦ ସମ୍ପାଦକ ଦିବ୍ୟଜ୍ୟୋତି ପାଣିଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ କୈଳାସ ଚନ୍ଦ୍ର ସାହାଣୀ ବିବରଣୀ ପାଠ କରିଥିଲେ । ଶିଶୁ ସଦନର ଅନ୍ତେବାସୀ ମାନଙ୍କ ଦ୍ୱାରା ସମୂହ ବେଦ ଅବୃତ୍ତି ଓ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା । ସାହିତ୍ୟ ସଂସଦ ସଭାପତି ବିଶ୍ୱକଲ୍ୟାଣ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । କାହ୍ନୁ ଚରଣ ମହାନ୍ତି, ମୋନାଲିସା ଦାସ, ଅକ୍ଷୟ କୁମାର ପୃଷ୍ଟି, ଗୀତିକା ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



## ଟାଟା ଷ୍ଟିଲ୍ ପକ୍ଷରୁ ବୃହତ ଚାରା ରୋପଣ କାର୍ଯ୍ୟକ୍ରମ

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ପରିବେଶ ସୁରକ୍ଷା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ଟାଟା ଷ୍ଟିଲ୍ କଳିଙ୍ଗନଗର ପକ୍ଷରୁ କାରଖାନା ପରିସରରେ ଏକ ବୃହତ ଚାରାରୋପଣ କାର୍ଯ୍ୟକ୍ରମ ସହ ପୃଥିବୀ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ମିୟାୱାକି ଜଙ୍ଗଲ ସୃଷ୍ଟି କରିବାର ଏକ ମହତ୍ତ୍ୱାକାଂକ୍ଷୀ ଯୋଜନାର ଅଂଶ ଭାବରେ ୧,୪୦୦ଟି ଚାରା ରୋପଣ କରାଯାଇଛି । ଏହି ଉତ୍ସବରେ ଟାଟା ଷ୍ଟିଲ୍ କଳିଙ୍ଗନଗରର ମେକାନିକାଲ୍ ମେଣ୍ଟେନାନ୍ସ ଚିଫ୍ ଶଙ୍କର ବିଶ୍ୱାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଇଲେକ୍ଟ୍ରିକାଲ୍ ମେଣ୍ଟେନାନ୍ସ ଚିଫ୍ ପଙ୍କଜ ଭୁରେ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଶିଳ୍ପାୟନର ଅଭିବୃଦ୍ଧି ଏବଂ ପରିବେଶ ସୁରକ୍ଷା ମଧ୍ୟରେ ସନ୍ତୁଳନ ରକ୍ଷା କରିବା ଦିଗରେ ଏପରି ସବୁଜ ପଦକ୍ଷେପ କିଭଳି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ, ସେ ସମ୍ପର୍କରେ ଉପସ୍ଥିତ ଅତିଥିମାନେ ଆଲୋକପାତ କରିଥିଲେ । ପରିବେଶ ବିଭାଗ ଦ୍ୱାରା ଆୟୋଜିତ ଏହି ଚାରା ରୋପଣ କାର୍ଯ୍ୟକ୍ରମ, ଦୀର୍ଘସ୍ଥାୟୀ ଏବଂ ଏକ ସବୁଜ ଭବିଷ୍ୟତ ଗଠନ ଦିଗରେ ଟାଟା ଷ୍ଟିଲ୍‌ର ପ୍ରତିବଦ୍ଧତାକୁ ସୂଚାଉଛି ।

## ଅଂଶୁଘାତ, ସର୍ପ ଦଂଶନ ଓ ବଜ୍ରପାତ ମୁକାବିଲା ପାଇଁ ପଦକ୍ଷେପ



**ବାଲେଶ୍ୱର, ନ୍ୟୁଜ୍**

ବାଲେଶ୍ୱର ସ୍ଥିତ ଜିଲ୍ଲା ଅଡିଟୋରିୟମ୍ ସମ୍ମିଳନୀ କକ୍ଷ ଠାରେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ, ଭୁବନେଶ୍ୱର ଏବଂ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ବାଲେଶ୍ୱରଙ୍କ ମିଳିତ ସହଯୋଗରେ "ଅଂଶୁଘାତ, ସାପକାମୁଡ଼ା ଏବଂ ବଜ୍ରପାତ" ଉପରେ ଜନ ସଚେତନତା ନିମନ୍ତେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ ଯୋଗଦେଇଥିଲେ । ପ୍ରାରମ୍ଭରେ ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ସାଇକୃଷ୍ଣ ଜେନା ସ୍ୱାଗତ ଭାଷଣ ପ୍ରଦାନ କରି କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରେ ଉପସ୍ଥାପନା କରିଥିଲେ । ଏହାପରେ ବାଲେଶ୍ୱର ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ହେମନ୍ତ କୁମାର ସିଂ ତାଙ୍କ ବକ୍ତବ୍ୟରେ କହିଥିଲେ କି ବିପର୍ଯ୍ୟୟ ପରିଚାଳନାରେ ବିପଦ ହ୍ରାସ ଆଶା ଓ ଅଙ୍ଗନବାଡି କର୍ମୀ ମାନଙ୍କର ବହୁମୁଖୀ ଭୂମିକା ରହିଛି । ଏହି ପରିପ୍ରେକ୍ଷୀରେ ଜିଲ୍ଲା ଜରୁରୀ କାଳୀନ କାର୍ଯ୍ୟାଳୟର ପ୍ରକଳ୍ପ ଅଧିକାରୀ ଅବନୀ କାନ୍ତ ଭୂୟାଁ ଓ ଓଡ୍ରାଫ ବାହିନୀର ସତ୍ୟ ପ୍ରକାଶ ପଣ୍ଡା ପାୱାର ପଏଣ୍ଟ ମାଧ୍ୟମରେ ଅଂଶୁଘାତ, ସାପକାମୁଡା ଏବଂ ବଜ୍ରପାତ ଉପରେ ସଚେତନତା ନିମନ୍ତେ ସମସ୍ତ ବିଷୟରେ ଦଳଗତ ଆଲୋଚନା କରିଥିଲେ । ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ବାଲେଶ୍ୱର, ଓଡ୍ରାଫ୍ ବାହିନୀ, ଏନ୍.ଡି.ଆର୍.ଏଫ୍ ବାହିନୀ, ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ବାଲେଶ୍ୱର, ସ୍ୱେଚ୍ଛାସେବୀ ସଂଗଠନ, ସହ ବିଭାଗୀୟ ପଦାଧିକାରୀ ଏବଂ ବିଭିନ୍ନ ବ୍ଲକର ୧୦୦ ଜଣ ଆଶା ଓ ଅଙ୍ଗନବାଡି କର୍ମୀ ଉପସ୍ଥିତ ଥିବାବେଳେ ଜିଲ୍ଲା ଜରୁରୀ କାଳୀନ କାର୍ଯ୍ୟାଳୟର ପ୍ରକଳ୍ପ ଅଧିକାରୀ ଅବନୀକାନ୍ତ ଭୂୟାଁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ଏବଂ ପରିଶେଷରେ ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ସାଇକୃଷ୍ଣ ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

## ଆଜିର ଭଲମନ୍ଦ




**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**

| | | |
|---|---|---|
| ମୀ ୨ / ଶୁ ୨ | ଲର | ବୁ ମେ ଶ ୧୨ / ରା ୧୧ |
| ୪ ଚ | ୯ / ୪ | ୧୦ |
| କେ ୬ / ୫ | ୭ | ୮ |


ସନ- ୧୪୩୩ ସାଲ, ଶକାବ୍ଦ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ
**ତା୨୫।୦୪।୨୦୨୬, ବୈଶାଖ ଦି୧୨ନ, ଶନିବାର**
**ସୂର୍ଯ୍ୟୋଦୟ- ଘ ୫।୨୩।୪୦ ଚନ୍ଦ୍ରୋଦୟ- ଦିଘ ୧୨।୪୪।୧୨**
ନବମୀ ସଂଘ ୬।୩୧ ପର୍ଯ୍ୟନ୍ତ । ଅଶ୍ଳେଷା ନକ୍ଷତ୍ର ରାଘ ୮।୦୭ ପର୍ଯ୍ୟନ୍ତ, **କର୍କଟ ଚନ୍ଦ୍ର-** ରାଘ ୮।୦୭ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । ରାଘ ୮।୦୭ ଗତେ ମେଷ, ମିଥୁନ, ସିଂହ, ତୁଳା, ବିଛା, ଧନୁ, କୁମ୍ଭ ଓ ମୀନ ରାଶିର । **ଘାତ ଚନ୍ଦ୍ର-** ରାଘ ୮।୦୭ ଗତେ କର୍କଟ ଓ ମକର ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଲାଉ ସଂଘ ୬।୩୧ ଗତେ କଳମ ଶାଗ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୧୦।୧୧ ଗତେ ଦିଘ ୧।୦୨ ମଧ୍ୟେ । **ପର୍ବୋତ୍ସବ-** ସୀତା ନବମୀ ଓ ଶନିଶ୍ଚର ମହାଯଜ୍ଞ ।




**ମେଷ:** କର୍ମକ୍ଷେତ୍ରରୁ ଆଶାନୁରୂପକ ଫଳ ପ୍ରାପ୍ତ ହେବ । ଆୟ ଓ ବ୍ୟୟର ପିରମାଣ ସମାନ ରହିବ । ପାରିବାରିକ ଜୀବନ ସୁଖମୟ ହେବ । ଶତ୍ରୁ ନାଶ ହେବେ । ମନସ୍କାମନା ପୂରଣ ହେବ ।




**ବୃଷ:** ଚାକିରୀ କ୍ଷେତ୍ରରେ ଉନ୍ନତିର ସୂଚନା । ହଠାତ୍ କୌଣସି ଶୁଭ ଖବର ମିଳିପାରେ । ରୋଜଗାର ଭଲ ହେବ । ପୁରାତନ ବନ୍ଧୁଙ୍କ ସହ ସାକ୍ଷାତ୍ ହୋଇପାରେ । ଗୃହେ ଆନନ୍ଦ ଲାଭ କରିବେ ।




**ମିଥୁନ:** ଅନେକ ଦିନର ଆଶା ଆପଣଙ୍କର ପୂରଣ ହେବ । ବ୍ୟବସାୟରେ ଲାଭବାନ୍ ହେବେ । ଆୟର ପରିମାଣ ମଧ୍ୟମ ଧରଣର ହେବ । ପାରିବାରିକ ଜୀବନ ସୁଖ ଶାନ୍ତିରେ ବିତିବ ।



**କର୍କଟ:** ଅଟକି ରହିଥିବା କାମଟି ପୂରଣ ହେବ । ଆୟ ଠାରୁ ବ୍ୟୟର ମାତ୍ରା ବଢ଼ିବ । ପାରିବାରିକ ଜୀବନରେ ସୁଖ ଶାନ୍ତି ବିରାଜମାନ କରିବ । ଉତ୍ତମ ଭୋଜନରେ ଆପ୍ୟାୟିତ ହେବାର ସୂଚନା ।



**ସିଂହ:** କର୍ମକ୍ଷେତ୍ରରେ ସମସ୍ତ କାର୍ଯ୍ୟ ବିଳମ୍ବ ହେବ । ଆର୍ଥିକ ସ୍ଥିତି ସ୍ଥିର ରହିବ । ପରିବାରରେ ପିଲାଙ୍କ ନିମନ୍ତେ ସାମାନ୍ୟ ଚିନ୍ତିତ ହୋଇପାରନ୍ତି । ଶତ୍ରୁଙ୍କ ଠାରୁ ସତର୍କ ରହିବେ । ସମସ୍ତ ଆଡ଼କୁ ନଜର ରଖି କାର୍ଯ୍ୟ କରିବେ ।




**କନ୍ୟା:** ବ୍ୟବସାୟରେ କ୍ଷତି ହୋଇପାରେ । ଶାରୀରିକ ଅସୁସ୍ଥତା ଦେଖାଦେବ । ଘରେ ଅଶାନ୍ତି ଓ କଳହ ଦେଖାଦେବ । ଖର୍ଚ୍ଚର ପରିମାଣ ଅଧିକ ହେବ । ମାନସିକ ଦୁଶ୍ଚିନ୍ତା ଦେଖାଦେବ ।




**ତୁଳା:** ବ୍ୟବସାୟରେ ଲାଭବାନ୍ ହେବେ । ଦେହ ଓ ମନ ଭଲ ରହିବ । ଘରେ ଆନନ୍ଦ ଦେଖାଦେବ । ବନ୍ଧୁ ଦର୍ଶନ ସହିତ ସାହାଯ୍ୟ ସହଯୋଗ ମଧ୍ୟ ପ୍ରାପ୍ତ ହେବ । ଆୟରେ ଉନ୍ନତି ଦେଖାଦେବ ।




**ବିଛା:** ଆର୍ଥିକ ସ୍ଥିତି ସ୍ୱଚ୍ଛଳ ହେବ । କାମ ନିମନ୍ତେ ଦୂରକୁ ଯାତ୍ରା କରିପାରନ୍ତି । ଘରେ ସୁଖ ଶାନ୍ତି ଅବ୍ୟାହତ ରହିବ । ଉତ୍ତମ ଭୋଜନ କରିପାରନ୍ତି । ପୁରାତନ ବନ୍ଧୁଙ୍କ ସହ ଭେଟ ହୋଇପାରେ । ଦେହ ଓ ମନ ଭଲ ରହିବ ।



**ଧନୁ:** ହଠାତ୍ କୌଣସି ଖବର ପାଇ ଆନନ୍ଦିତ ହେବେ । ଦେବ ଦର୍ଶନ ସହିତ ଧର୍ମ କାର୍ଯ୍ୟରେ ମନ ଦେବେ । ମନରେ ଭକ୍ତିଭାବ ଜାଗ୍ରତ ହେବ । ପାରିବାରିକ ଜୀବନ ଶାନ୍ତିମୟ ହେବ । ରୋଜଗାର ଭଲ ହେବ ।



**ମକର:** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ତିକ୍ତତା ସୃଷ୍ଟି ହେବ । ଦିନଟି ଆପଣଙ୍କ ନିମନ୍ତେ ସମସ୍ୟା ବହୁଳ ହେବ । ଆୟ ଓ ବ୍ୟୟର ପରିମାଣ ସମାନ ରହିବ । ଘରେ ଦୁଶ୍ଚିନ୍ତା ଦେଖାଦେବ । ମନ ଅସ୍ଥିର ରହିବ ।



**କୁମ୍ଭ:** ଉତ୍ତମ ଭୋଜନ କରିପାରନ୍ତି । ବ୍ୟବସାୟ ମଧ୍ୟମ ଧରଣର ଚାଲିବ । ଦାମ୍ପତ୍ୟ ଜୀବନ ମଧୁରମୟ ହେବ । ଆୟରେ ଉନ୍ନତି ଦେଖାଦେବ । ଦେହ ଓ ମନ ଭଲ ରହିବ । ଗୃହେ ଶାନ୍ତି ଲାଭ ।



**ମୀନ:** ଚାକିରୀ କ୍ଷେତ୍ରରେ ଉନ୍ନତି ଦେଖାଦେବ । ଲାଗି ରହିଥିବା ବିବାଦରେ ବିଜୟୀ ହେବେ । ଆୟ ଭଲ ହେବ । ଘରେ ସୁଖ ଶାନ୍ତି ଅବ୍ୟାହତ ରହିବ । ନୂତନ ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ ।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# ସଙ୍କଟରେ ଦେଶର ଅର୍ଥନୀତି

ମଧ୍ୟପ୍ରାଚ୍ୟ ଯୁଦ୍ଧପାଇଁ ସବୁକିଛି ତ୍ୱରିତ ବେଗରେ ବଦଳିବାକୁ ଲାଗିଛି। ତେଲ, ଗ୍ୟାସ, ସାର ପ୍ରଭୃତି ଆଗକୁ ବହୁମୂଲ୍ୟ ହୋଇଯିବ। ସାଧାରଣ ଲୋକଙ୍କ ହାତ ପାହାନ୍ତାରୁ ଖୁବ୍ ଦୂରକୁ ଚାଲିଯିବ ଏହି ସବୁ ଅତ୍ୟାବଶ୍ୟକୀୟ ଜିନିଷ। ମହଙ୍ଗା ମାଡରେ ନଇଁ ପଡିବ ଖାଉଟିଙ୍କ ଅଣ୍ଟା। ଆହୁରି ମଧ ଖୁବ ଶୀଘ୍ର ଯୋଗାଣ ସମସ୍ୟା ଓ ମହଙ୍ଗା ମାଡ଼ରେ ଥରିବ ଅର୍ଥନୀତି । ମଧ୍ୟପ୍ରାଚ୍ୟରେ ଅଶାନ୍ତି ଏବଂ ଯୋଗାଣ ଶୃଙ୍ଖଳ ସମସ୍ୟା ଘରୋଇ ଅର୍ଥବ୍ୟବସ୍ଥାରେ ଛିଡ଼ା କରିବ ବଡ଼ ଆହ୍ୱାନ । ଉଚ୍ଚ ଶକ୍ତି ଦର, ଉତ୍ପାଦନ ଖର୍ଚ୍ଚ ଚାପ, ବାଣିଜ୍ୟିକ ପ୍ରବାହରେ ବାଧା ଏବଂ ବିତ୍ତୀୟ ବଜାରରେ ଅସ୍ଥିରତା ନୀତି ନିର୍ଦ୍ଧାରଣକାରୀଙ୍କ ପାଇଁ ମୁଣ୍ଡ ବ୍ୟଥାର କାରଣ ସାଜିବ ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍ବିଆଇ) ଚେତାବନି ଦେଇଛି । ଆର୍ବିଆଇ ଏହାର ଏପ୍ରିଲ ବୁଲେଟିନରେ ପ୍ରକାଶ କରିଛି ଯେ, ମଧ୍ୟପ୍ରାଚ୍ୟରେ ଅଶାନ୍ତି ବିଶ୍ୱ ଯୋଗାଣ ଶୃଙ୍ଖଳକୁ ବଡ଼ ଆକାରରେ ଚାପଗ୍ରସ୍ତ କରିଛି । ଘରୋଇ ବଜାରରେ ଅର୍ଥନୈତିକ ଗତିବିଧି ମନ୍ଥର ହୋଇଯାଇଛି । ଯୁଦ୍ଧ ଯଦି ଅଧିକ ଦିନ ଲାଗିରୁହେ ଏବଂ ଶକ୍ତି ଓ ଅନ୍ୟାନ୍ୟ ଭିତ୍ତିଭୂମି କ୍ଷେତ୍ରରେ କ୍ଷତି ମାତ୍ରା ବୃଦ୍ଧି ପାଏ ତେବେ ମୁଦ୍ରାସ୍ଫୀତି ଏବଂ ଅଭିବୃଦ୍ଧି ପ୍ରତି ରିସ୍କ ରହିଥିବା ଆର୍ବିଆଇ ପ୍ରକାଶ କରିଛି । ଯଦି ଯୁଦ୍ଧ ଜାରି ରୁହେ ଏବଂ ଯୋଗାଣ ଶୃଙ୍ଖଳରେ ସୁଧାର ଆସିବାରେ ବିଳମ୍ବ ହୁଏ ତେବେ ଘରୋଇ ବଜାରକୁ ଅନେକ ପ୍ରକାର ଆହ୍ୱାନର ସାମ୍ନା କରିବାକୁ ପଡ଼ିବ ବୋଲି ସର୍ବୋଚ୍ଚ ବ୍ୟାଙ୍କ ପ୍ରକାଶ କରିଛି । ଯଦିଓ ମୁଦ୍ରାସ୍ଫୀତି ସହ୍ୟ ସୀମା ମଧ୍ୟରେ ରହିଛି, ଯୋଗାଣ ଶୃଙ୍ଖଳଜନିତ ବାଧକ ଏବଂ ପାଣିପାଗଜନିତ ଅନିଶ୍ଚିତତାଗୁଡ଼ିକ ଯୋଗୁ ଅପସାଇଡ୍ ରିସ୍କ ବୃଦ୍ଧି ପାଇଥିବା ଏହା ପ୍ରକାଶ କରିଛି । ଏଭଳି ଝଟକାକୁ ସାମ୍ନା କରି ଦୃଢ଼ତାର ସହ ଛିଡ଼ା ହେବା ପାଇଁ ଭାରତୀୟ ଅର୍ଥନୀତିକୁ ମଜଭୁତ ମାକ୍ରୋ-ଅର୍ଥନୈତିକ ମୂଳଦୂଆଗୁଡ଼ିକ ବଳ ଦେବା ଉଚିତ ବୋଲି କେନ୍ଦ୍ରୀୟ ବ୍ୟାଙ୍କ ପ୍ରକାଶ କରିଛି । ପ୍ରକାଶଯୋଗ୍ୟ, ସାମ୍ପ୍ରତିକ ଅନିଶ୍ଚିତତାଗୁଡ଼ିକ ମଧ୍ୟରେ ବିଭିନ୍ନ ଜାତୀୟ ଏବଂ ଅନ୍ତର୍ଜାତୀୟ ବିତ୍ତୀୟ ପ୍ରତିଷ୍ଠାନଗୁଡ଼ିକ ଭାରତର ଅଭିବୃଦ୍ଧି ଅନୁମାନକୁ ସଂଶୋଧିତ କରୁଛନ୍ତି । ଭାରତ ପାଇଁ ଏହାର ଅଭିବୃଦ୍ଧି ଅନୁମାନକୁ ଖସାଇଛି ମୁଡିସ୍ । ମୁଡିସ୍ ରେଟିଙ୍ଗସ୍ ପ୍ରକାଶ କରିଛି ଯେ, ୨୦୨୬- ୨୭ ଆର୍ଥିକବର୍ଷରେ ଭାରତର ବିକାଶ ହାର ୬% ରହିବ । ପୂର୍ବ ଅନୁମାନ ଥିଲା ୬.୮% । ଇରାନ ଯୁଦ୍ଧ ଯୋଗୁ ଉଚ୍ଚ ଶକ୍ତି ଦର ଏବଂ ବର୍ଦ୍ଧିତ ଉତ୍ପାଦନ ଖର୍ଚ୍ଚ ମଧ୍ୟରେ ଦୁର୍ବଳ ଘରୋଇ ଚାହିଦା ଓ ମନ୍ଥର ଶିଳ୍ପ କାର୍ଯ୍ୟକଳାପ ଯୋଗୁଁ ଅନୁମାନକୁ ଖସାଇଛି ମୁଡିସ୍ । ଅନ୍ୟପକ୍ଷରେ, ବିଶ୍ୱ ଅସ୍ଥିରତାଗୁଡ଼ିକ ମଧ୍ୟରେ ଭାରତୀୟ ଅର୍ଥବ୍ୟବସ୍ଥା ୨୦୨୬ରେ ୬.୪% ଏବଂ ୨୦୨୭ରେ ୬.୬% ଅଭିବୃଦ୍ଧି ନେଇ ବଢ଼ିବ ବୋଲି ମିଳିତ ଜାତିସଂଘ ଏହାର ରିପୋର୍ଟରେ ଉଲ୍ଲେଖ କରିଛି । ଏସିଆ ପାସିଫିକ୍ କ୍ଷେତ୍ରରେ ଅଭିବୃଦ୍ଧିର ପ୍ରମୁଖ ଇଞ୍ଜିନ ଭାରତ ରହିବ ବୋଲି ଏହା ପ୍ରକାଶ କରିଛି ।

## ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ
## ବିଶ୍ୱରୂପ ଦର୍ଶନ

### ସନ୍ଦେହ ବନ୍ଧନ



ସନ୍ଦିଗ୍ଧ ମନ
ଘୂରି ବୁଲୁଛି
କାହାକୁ ଖୋଜୁଛି, କାହା ପାଇଁ ବୁଲୁଛି
କି ଦିନ, କି ରାତି, କି ସ୍ୱପ୍ନ
ସର୍ବଦା ଗୁରୁଜି, 'ଉଦାସ ଭାବଧରି
ଲଣ୍ଠନ ଆଲୋକକୁ ଦେଖି ଅନ୍ଧାରକୁ ଅତିକ୍ରମ କଲାପରି
ଏ ଜୀବ, ସନ୍ଦେହକୁ ଆଖି ଆଗରେ ରଖି
ଘୂରି ବୁଲୁଛି
ଆଗେ ଆଗେ ସନ୍ଦେହ
ପଛେ ପଛେ ମନ
କିପରି ଶାନ୍ତି ମିଳିବ
କେଉଁଠୁ ପ୍ରେମ ପାଇବ
ସତ୍ୟ, ଶାନ୍ତି, ଦୟା, କ୍ଷମା
ଶ୍ରଦ୍ଧା, ବିଶ୍ୱାସ, ଭକ୍ତି, ଜ୍ଞାନ
ଏତେ ପଥ ଥାଉ ଥାଉ
ଏ ମନ
ସନ୍ଦେହ ଜାଲରେ କାହିଁକି ଛନ୍ଦି ହେଉଛି
ସେ ନିଜେ ବି ବୁଝିପାରେ ନାହିଁ ?
ସନ୍ଦେହରୁ ଉପୁଜୁଥିବା
ଦୁଃଖ, ଯନ୍ତ୍ରଣା, ଅସହାୟତା
ନିଃସହାୟର ଫଳ ଖାଇ ଚାଲିଛି,
କିଏ ଏହି ସନ୍ଦିଗ୍ଧ ମନକୁ
ଶାନ୍ତିର ପଥ ଦେଖାଇବ
କେବେ ବା ଆସିବ
ଏହି ମନର ସୁସମୟ
କାଳ - ହସ୍ତୁ ପାଇବ ନିସ୍ତାର ।

◆◆

# ଶ୍ରୀମଦ୍ ଭଗବତ ଗୀତା ମାନବ ଜୀବନର ସମ୍ବିଧାନ



ପ୍ରଦୀପ୍ତ କୁମାର ଜେନା
ଅବସରପ୍ରାପ୍ତ ପୋଲିସ୍ ଅଫିସର୍
ମୋ-୮୨୪୯୨୮୧୫୬୭

ପ୍ରତ୍ୟେକ ବ୍ୟକ୍ତି ଏହି ଦୁନିଆରେ ସୁଖ ସମୃଦ୍ଧି ଓ ଆନନ୍ଦରେ ଜୀବନ ଯାପନ କରିବାକୁ ଇଛା ପୋଷଣ କରିଥା'ନ୍ତି । ହେଲେ ସେମାନେ ଧର୍ମ ଓ ଅଧର୍ମର ପରିଭାଷା ବୁଝି ନଥା'ନ୍ତି । କୁହାଯାଇଛି ଧର୍ମରେ ଚାଲୁଥିବା ଲୋକଟି ଭୁଲ ରାସ୍ତାରେ ଯାଏନାହିଁ । ଫଳରେ ସେ ବିପଦରେ ପଡ଼ି ନଥାଏ । ଅଧର୍ମରେ ଚାଲୁଥିବା ଲୋକଟି ଦୁଃଖ ଓ ଯନ୍ତ୍ରଣାଦାୟକ ଜୀବନ ଅତିବାହିତ କରିଥାଏ । ରାଧାନାଥ ରାୟ 'ଦରବାର' କାବ୍ୟରେ ଲେଖିଛନ୍ତି "ଧର୍ମ ଏକ ପୋତ ଗଢ଼ିଛନ୍ତି ବିହି ତରିବା ନିମନ୍ତେ ସଂସାର ବାରିଧି ।" ଏହି ମାୟାବଦ୍ଧ ଜୀବଟି କିଭଳି ଏହି ସଂସାରରେ ସୁଖ ଓ ଆନନ୍ଦରେ କାଳାତିପାତ କରିବ ସେଥିପାଇଁ ମହାପୁରୁଷ, ସାଧୁସନ୍ଥ ମାନେ ଧର୍ମ ଗ୍ରନ୍ଥ ରଚନା କରି ମାନବ ସମାଜକୁ ଧର୍ମ ମାର୍ଗରେ ଚାଲିବା ପାଇଁ ପରାମର୍ଶ ଦେଇଛନ୍ତି । କର୍ମ ସହିତ ଧର୍ମ ଯୋଡି ହୋଇ ରହିଛି । ଯେଉଁ ବ୍ୟକ୍ତି ବର୍ଣ୍ଣାଶ୍ରମ ନିୟମ ଆଧାରରେ ଓ ଶାସ୍ତ୍ରନୁମୋଦିତ କର୍ମ କରିଥାଏ । ସେ ହିଁ ତା'ର ଧର୍ମ । ମଣିଷ ମନରୁ ଆଜ୍ଞାନ ରୂପକ ଅନ୍ଧକାରକୁ ଦୁରେଇ ଦେଇ ତା' ଭିତରେ ଜ୍ଞାନର ଆଲୋକ ପ୍ରଦାନ କରିବା ପାଇଁ ପ୍ରଥମେ ଭଗବାନଙ୍କ ନିଶ୍ୱାସରୁ ବେଦ ବା ଜ୍ଞାନର ସୃଷ୍ଟି ପରେ ଭଗବାନ ଏହି ବେଦ ରୂପୀ ଜ୍ଞାନକୁ ବ୍ରହ୍ମଦେବଙ୍କୁ କହିଥିଲେ ଓ ପରେ ପରେ ବ୍ରହ୍ମଦେବ ଏ ସମାଜକୁ ବେଦ ତ୍ରୟ ଯଥା-ରୁକ୍‌ବେଦ, ଯର୍ଜୁବେଦ ଓ ଶ୍ୟାମ ବେଦ ରୂପି ଜ୍ଞାନ ପ୍ରଦାନ କରିଥିଲେ । ବେଦ ସନାତନୀମାନଙ୍କ ମୂଳ ଧର୍ମ ଗ୍ରନ୍ଥ । ପରବର୍ତ୍ତି ଅବସ୍ଥାରେ ଦ୍ୱାପର ଯୁଗରେ ବେଦବ୍ୟାସ ବେଦକୁ ସରଳିକରଣ କରି ଲୋକଲୋଚନକୁ ଆଣିଥିଲେ । ବେଦର ଅନ୍ୟ ନାମ ଶୃତି ବୋଲି କୁହାଯାଏ । କାରଣ ଏହା ଶୁଣି ଶୁଣି ମନେ ରଖିବାକୁ ପଡୁଥିଲା ଓ ଗୁରୁ ଶିଷ୍ୟ ପରମ୍ପରା ଭିତରେ ବଞ୍ଚି ରହିଥିଲା । ବେଦର ଭାଷା ଓ ସଂଯୋଜନା ଶୈଳୀ ଅତ୍ୟନ୍ତ କ୍ଳିଷ୍ଟ ଥିବାରୁ ସାଧୁ ସନ୍ଥମାନେ ବେଦ ପରେ ସଂହିତା ଭାଷ୍ୟ ଓ ଏହାପରେ ଉପନିଷଦ ବା ବେଦାନ୍ତ ରଚନା କଲେ । ଏହାପରେ ସମଗ୍ର ଉପନିଷଦର ନିର୍ଯାସକୁ ନେଇ ଭଗବାନ ଶ୍ରୀକୃଷ୍ଣ ନିଜର ପ୍ରିୟ ଶିଷ୍ୟ ଅର୍ଜନଙ୍କୁ କୁରୁକ୍ଷେତ୍ର ଯୁଦ୍ଧ କ୍ଷେତ୍ରରେ ଯେଉଁ ଉପଦେଶ ଦେଲେ ତାକୁ ବ୍ୟାସଦେବ ୧୮ ଟି ଅଧ୍ୟାୟ ଓ ୭୦୦ ଶ୍ଳୋକରେ ମହାଭାରତ ପୁରାଣର ଭୀଷ୍ମ ପର୍ବରେ ସ୍ଥାନିତ କଲେ, ଯାହାକି ଭଗବଦ୍ ଗୀତା ଭାବେ ଲୋକମାନଙ୍କ ପାଖରେ ପହଞ୍ଚିଲା । ଭଗବଦ୍ ଗୀତା ସ୍ୱୟଂ ଭଗବାନଙ୍କ ମୁଖ ନିସୃତ ବାଣୀ ଓ ଏହାକୁ ଗୀତୋପନିଷଦ ବୋଲି ମଧ କୁହାଯାଏ । ଏହାର ପ୍ରତ୍ୟେକଟି ଶ୍ଳୋକ ଗୋଟିଏ ଗୋଟିଏ ମନ୍ତ୍ର । ଏହା ଏକ ଆଧ୍ୟାତ୍ମିକ ବିଜ୍ଞାନ ଓ ଜୀବନ ଦର୍ଶନ ହୋଇଥିବାରୁ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମଗ୍ର ପୃଥିବୀର ମଣିଷ ଏହାକୁ ଅନୁସରଣ ଓ ଅନୁକରଣ ପୂର୍ବକ ନିଜ ଜୀବନକୁ ଶୃଙ୍ଖଳିତ କରିବାରେ ସହାୟକ ହୋଇଛନ୍ତି । ସମସ୍ତେ ଜାଣନ୍ତି ଦେଶ ଚାଲିବା ପାଇଁ ଆମ ନିକଟରେ ଏକ ସମ୍ବିଧାନ ରହିଛି ଯାହାକୁ ଭିତ୍ତି କରି ଆମ ଶାସନ ବ୍ୟବସ୍ଥା ଚାଲୁଛି । ଠିକ ସେହିପରି ଗୀତା ହେଉଛି ମାନବ ଜୀବନର ସମ୍ବିଧାନ । ଏହା ଆମକୁ ଉଚିତ୍ ମାର୍ଗରେ ପରିଚାଳିତ ହେବା ପାଇଁ ଉପଦେଶ ଦେଇଥାଏ । ଏହା ଯଦିଓ ହିନ୍ଦୁମାନଙ୍କ ଏକ ପବିତ୍ର ଧର୍ମ ଗ୍ରନ୍ଥ, କିନ୍ତୁ ଏଥିରେ ସମଗ୍ର ମାନବ ସମାଜ ପାଇଁ ଜୀବନ ଜିଇଁବାର ଖୋରାକ ରହିଛି । ଯଦି ଜଣେ ନିୟମିତ ଭାବେ ଗୀତା ଅଧ୍ୟୟନ କରିବ ଓ ସେଥିରେ ନିହିତ ଉପଦେଶକୁ ନିଜ ଦୈନନ୍ଦିନ ଜୀବନରେ ଅନୁସରଣ କରିବ ତା'ର ଚଲାପଥ ସୁଗମ ହେବ ଓ ମଣିଷ ଜୀବନର ସାର୍ଥକତା ହେବ, ଯାହା ଫଳରେ ସେ ସୁଖରେ ଓ ଶାନ୍ତିରେ ନିଜ ଜୀବନକୁ ଅତିବାହିତ କରିପାରିବ । ଯେତେବେଳେ ଗାଣ୍ଡିବଧାରୀ ଅର୍ଜୁନ କୁରୁକ୍ଷେତ୍ର ଯୁଦ୍ଧ କ୍ଷେତ୍ରରେ ନିଜର ଗୁରୁ ପିତାମହ ଭୀଷ୍ମ ନିଜର ଅନ୍ତରଙ୍ଗମାନଙ୍କୁ ତାଙ୍କ ବିପକ୍ଷରେ ଯୁଦ୍ଧ କରିବାକୁ ଉପସ୍ଥିତ ଥିବା ଦେଖିଲେ ତାଙ୍କର ମୋହ ଆସିଥିଲା ଓ ସେ ଯୁଦ୍ଧ କରିବେ କି ନାହିଁ ଦ୍ୱନ୍ଦ୍ୱରେ ପଡିଯାଇ କୌଣସି ସଠିକ୍ ନିଷ୍ପତ୍ତି ନେଇ ପାରିନଥିଲେ । ସେହି ମୁହର୍ତ୍ତରେ ଭଗବାନ ଶ୍ରୀକୃଷ୍ଣ ନିଜର ସଖା ଅର୍ଜୁନଙ୍କୁ ମାର୍ଗଦର୍ଶନ କରିଥିଲେ । ସେଥିପାଇଁ କୁହାଯାଏ ଗୀତା ହେଉଛି ସମସ୍ତ ସମସ୍ୟା ସମାଧାନର ଏକମାତ୍ର ଗ୍ରନ୍ଥ । ପ୍ରତ୍ୟେକ ମଣିଷ ପ୍ରତ୍ୟେକ ମୁହୂର୍ତ୍ତରେ ତା'ର ଜୀବନରେ ଏକ ଯୁଦ୍ଧକୁ ସାମ୍ନା କରୁଛନ୍ତି । ଭଗବାନ ଅର୍ଜୁନଙ୍କ ମାଧ୍ୟମରେ ସମଗ୍ର ମଣିଷ ସମାଜକୁ ସାମ୍ନା କରୁଥିବା ଜୀବନ ଯୁଦ୍ଧରେ ଜୟଲାଭ କରିପାରିବାର ସଠିକ୍ ଉପାୟ ଭଗବଦ୍ ଗୀତାରେ ବର୍ଣ୍ଣନା କରିଛନ୍ତି । ଭଗବାନ ସନାତନ ସଂସ୍କୃତିର ଦର୍ଶନକୁ ଅର୍ଜୁନଙ୍କ ନିକଟରେ ପ୍ରକାଶ କରିଛନ୍ତି । ଯଥା- ପ୍ରତ୍ୟେକ ଜୀବ ଭଗବାନଙ୍କ ଅଂଶବିଶେଷ ଓ ପ୍ରତ୍ୟେକ ଜୀବ ଭିତରେ ଅତ୍ମା ରୂପରେ ଭଗବାନ ଅବସ୍ଥାନ କରିଛନ୍ତି । କୁହାଯାଇଛି 'ଅହମାତ୍ମା ଗୁଡା କେଶ ସର୍ବ ଭୁତ ଶୟ ସ୍ଥିତଃ ଅହମାଦିଚ ମଧ୍ୟଂ ଚ ଋଢ଼ାନାମନ୍ତ ଏବ ଚ ।' ଆତ୍ମ ଓ ଶରୀର ଏକ ନୁହଁନ୍ତି । ପଞ୍ଚଭୂତରେ ଗଠିତ ଶରୀରଟି ନଷ୍ଟ ହୋଇଯାଏ, ହେଲେ ଆତ୍ମା ମରେ ନାହିଁ । ଆତ୍ମାର ଜନ୍ମ ନାହିଁ କି ମୃତ୍ୟୁ ନାହିଁ । ସେ କେବଳ ଘଟ ପରିବର୍ତ୍ତନ କରି ବାରମ୍ବାର ବିଭିନ୍ନ ରୂପରେ ଜନ୍ମ ନେଇଥାଏ, ଜୀବାତ୍ମା ଯେପର୍ଯ୍ୟନ୍ତ ପରମାତ୍ମାଙ୍କ ସହିତ ଯୁକ୍ତ ହୋଇନଥାଏ ସେ ବାରମ୍ବାର ଜନ୍ମ ନେଇଥାଏ । ଅର୍ଥାତ ଜୀବର ମୃତ୍ୟୁ ଯେଭଳି ଧ୍ରୁବ ସତ୍ୟ ଠିକ ମୃତ୍ୟୁ ହେଲେ ପୁନର୍ଜନ୍ମ ମଧ ସତ୍ୟ । କୁହାଯାଇଛି 'ଜାତସ୍ୟ ହି ଧୃବୋ ମୃତ୍ୟୁ ଧ୍ରୁବଂ ଜନ୍ମ ମୃତସ୍ୟ ଚ ।' ଭଗବଦ୍ ଗୀତା ହେଉଛି ଏକ ଅଧ୍ୟାତ୍ମିକ ବିଜ୍ଞାନ ବା ଏହାକୁ ବ୍ରହ୍ମଜ୍ଞାନ କୁଯାଇଥାଏ । ବିଜ୍ଞାନ ପ୍ରକୃତି ଉପରେ ଗବେଷଣ କରି ସତ୍ୟକୁ ଲୋକଲୋଚନକୁ ଆଣୁଥିବା ବେଳେ ଅଧାତ୍ମିକ ବିଜ୍ଞାନ ମଣିଷ ଜୀବନର ରହସ୍ୟକୁ ଉନ୍ମୋଚନ କରିଥାଏ । ଅର୍ଥାତ ମୁଁ କିଏ ? ମୁଁ କାହିଁକି ଏହି ପୃଥିବୀରେ ଜନ୍ମ ନେଇଛି ? ଭଗବାନ କିଏ ? ତାଙ୍କ ସହିତ ମୋର କି ସମ୍ପର୍କ ଅଛି ? ମୋର କ'ଣ କର୍ତ୍ତବ୍ୟ ଅଛି ? କ'ଣ କଲେ ମୁଁ ଏହି ଜନ୍ମରେ ଶାନ୍ତିରେ ରହିପାରିବି ? ଓ କ'ଣ କଲେ ମୁଁ ଇଶ୍ୱରଙ୍କ ସହିତ ଯୁକ୍ତ ହୋଇପାରିବି ? ଏହି ଗୁଢତତ୍ତ୍ୱ ଭଗବଦ୍ ଗୀତାରେ କୁହାଯାଇଛି । ଏହି ସଂସାର ଏକ ଦୁଃଖର ଆଳୟ । ଏଠାରେ ସୁଖ ଅପେକ୍ଷା ଦୁଃଖ ଅଧିକ । ରାଧାନାଥ ରାୟ 'ଚିଲିକା କାବ୍ୟ'ରେ ଲେଖିଛନ୍ତି "ସୁଖ ବୋଲି ଯାହା ଜନ ନେତ୍ରେ ଦିଶେ ହାତୁ ଆସେ ହାତେ ପଡିବା ପାଇଁ । ସେ ବସ୍ତୁ ନୁହଇଁ ସେ ଅଟଇଟି ଧୁମ ଅନ୍ୟ ନାମ ତାର ଆକାଶ କୁସୁମ ।" ପ୍ରତ୍ୟେକ ମଣିଷ ଜନ୍ମ, ମୃତ୍ୟୁ ଜରା ଓ ବ୍ୟାଧି କଷ୍ଟରେ ପଡିଥାଏ । ଏତଦ୍‌ବ୍ୟତିତ ତ୍ରିତାପ ଯଥା ଆଧିଭୌତିକ, ଆଧ୍ୟାତ୍ମିକ ଓ ଆଦୈହିକ ମଧ ମଣିଷକୁ ଗ୍ରାସ କରିଥାଏ । ଏହି ଜନ୍ମ ମୃତ୍ୟୁ ଚକ୍ରରୁ ଦୁରେଇ ରହି ଜୀବର ଅନ୍ତିମ ଲକ୍ଷ୍ୟ ଭଗବାନଙ୍କ ସହିତ ଯୁକ୍ତ ହେବା । ସାଧୁ ସନ୍ଥମନେ ଭଗବାନଙ୍କ ସହିତ ଯୁକ୍ତ ହେବା ପାଇଁ ବା ଏହି ଜନ୍ମ ମରଣ ଚକ୍ରରୁ ନିଜକୁ ଦୁରେଇ ରଖିବା ପାଇଁ ଧ୍ୟାନ, ଯୋଗ, ତପ, ପ୍ରାଣାୟାମ ଆଦି କରିଥା'ନ୍ତି । ବାସ୍ତବରେ ଭଗବନଙ୍କ ସହିତ ଯୁକ୍ତ ହେବା ବା ମୋକ୍ଷ ଲାଭ କରିବା ଏତେ ସହଜ ବ୍ୟାପାର ନୁହେଁ । ମଣିଷ ଜନ୍ମ ଏକ ଦୁଲର୍ଭ ଜନ୍ମ । ୮୪ଲକ୍ଷ ଯୋନି ଅତିକ୍ରମ ପରେ ଜୀବ ମଣିଷ ଜନ୍ମଟିଏ ପାଇଥାଏ । ଯଦି ମଣିଷଟି ଶାସ୍ତ୍ରନୁମୋଦିତ କର୍ମ ନକରେ କିମ୍ବା ଉଚିତ ମାର୍ଗରେ ପରିଚାଳିତ ନହୁଏ ତା'ର ପରବର୍ତ୍ତି ଜନ୍ମ ମଣିଷ ପରିବର୍ତ୍ତେ ପଶୁ ପକ୍ଷୀ ଜନ୍ମ ହୋଇଥାଏ। ଏହି ମାୟାବଦ୍ଧ ଜୀବଟି ସଂସାରରେ ଥାଇ କ'ଣ କଲେ ତା'ର ଜୀବନଟି ଶାନ୍ତି ଓ ସୁଖରେ କଟିବା ସହିତ ପରବର୍ତ୍ତି ଜନ୍ମଟି ଅନ୍ତତଃ ପକ୍ଷେ ମଣିଷ ଜନ୍ମ ପାଇବ, ନାହିଁତ ଭଗବାନଙ୍କ ସହିତ ଯୁକ୍ତ ହୋଇ ଏହି ଜନ୍ମ ମୃତ୍ୟୁ ଚକ୍ରରୁ ଦୁରେଇ ରହିବ । ସେଥିପାଇଁ ଭଗବାନ ଅର୍ଜୁନଙ୍କ ମାଧ୍ୟମରେ ଭିଭିନ୍ନ ଉପଦେଶ ପ୍ରଦାନ କରିଛନ୍ତି । ଯଥା-କାମ, କ୍ରୋଧ, ଲୋଭକୁ ତ୍ୟାଗ କରିବାକୁ କହିଛନ୍ତି । ଏହି ତିନିଗୋଟି ମଣିଷକୁ ର୍ନକକୁ ଠେଲି ଦେଇଥାଏ । ଲୋଭାସକ୍ତ, କାମାସକ୍ତ ଓ କ୍ରୋଧୀ ମଣିଷଟି ଅଜାଣତରେ ଅନେକ ଭୁଲ ଓ ପାପ କରିଥାଏ, ଯାହା ଫଳରେ ତା'ର ଜୀବନଟି ହଳାହଳମୟ ହୋଇପଡ଼େ । ନିଜର ମନ ସହିତ ସମସ୍ତ ଇନ୍ଦ୍ରିୟଗୁଡିକୁ ନିଜ ଆୟତରେ ରଖିବାକୁ ଓ ସେଥିପାଇଁ ନିୟମିତ ଅଭ୍ୟାସ କରିବାକୁ ଭଗବାନ କହିଛନ୍ତି । ଇନ୍ଦ୍ରିୟମାନେ ମଣିଷକୁ ସବୁ ସମୟରେ ବିପଥଗାମୀ କରିବାକୁ ଉତ୍ସାହିତ କରିଥା'ନ୍ତି । ଯଦି ସେମାନଙ୍କୁ ବିବେକ ରୂପକ ଦଉଡ଼ିରେ ବାନ୍ଧି ରଖାଯାଇପାରିବ ତାହେଲେ ମଣିଷ ଆଶୁ ବିପଦରୁ ନିଜକୁ ରକ୍ଷା କରିପାରିବ । ମଣିଷ ଜୀବନରେ ଶାନ୍ତି ଆନନ୍ଦ ପାଇବା ସହିତ ସେ କିଭଳି ତାର ଅନ୍ତିମ ଲକ୍ଷ୍ୟରେ ପହଞ୍ଚି ପାରିବ ସେଥିପାଇଁ ଜୀବନରେ ଜଣେ ତତ୍ତ୍ୱଦର୍ଶୀ ଗୁରୁଙ୍କ ପାଖରୁ ଏହି ଗୁଢତତ୍ତ୍ୱକୁ ବୁଝିବାକୁ କହିବା ସହିତ ତିନି ଗୋଟି ମାର୍ଗ ଯଥା-କର୍ମ ଯୋଗ, ଜ୍ଞାନ ଯୋଗ ଓ ଭକ୍ତି ଯୋଗ କଥା ଭଗବାନ ଅର୍ଜୁନଙ୍କୁ କହିଛନ୍ତି । ଏ ସଂସାର ହେଉଛି କର୍ମମୟ । ଏଠାରେ କର୍ମ ନକରି କେହି ରହିପାରିବେ ନାହିଁ । ଭଗବାନ ନିଜେ ମଧ କର୍ମ କରୁଥିଲେ । ସେ କହିଛନ୍ତି ମୋର କିଛି କର୍ମ କରିବାର ନାହିଁ ହେଲେ ମୁଁ କର୍ମ କରେ । ଯଦି କର୍ମ ନକରିବି ତାହେଲେ ମୋତେ ଅନୁକରଣ କରି ଲୋକ ମନେ କର୍ମ କରିବେ ନାହିଁ । ଫଳରେ ସଂସାରରେ ଘୋର ବିଭ୍ରାଟ ଓ ଅରାଜକତା ସୃଷ୍ଟି ହେବ । ପ୍ରତ୍ୟେକ ବ୍ୟକ୍ତି ପ୍ରତ୍ୟେକ ଦିନ ନିଜ ପାଇଁ କିଛି କର୍ମ କରିଥାଏ, ଯାହାକୁ ନିତ୍ୟ କର୍ମ ବୋଲି କୁହାଯାଏ । ଗୀତାରେ ଯେଉଁ କର୍ମ କଥା କୁହାଯାଇଛି ତାହା ହେଉଛି ନିଷ୍କାମ କର୍ମ । ଯେଉଁଥିରେ ଫଳ ପ୍ରତି ଆସକ୍ତ ନ ହୋଇ ନିଜର ସ୍ୱଧର୍ମ ପାଳନ କରିବା ଭଗବାନ ଗୀତାରେ କହିଛନ୍ତି । ତୁମକୁ ବର୍ଣ୍ଣାଶ୍ରମ ନିୟମ ଅନୁଯାୟୀ ଯେଉଁ କର୍ମ କରିବାକୁ କୁହାଯାଇଛି ତୁମେ ସେହି କର୍ମ ନିଷ୍ଠାପର ସହିତ କର; କିନ୍ତୁ ତା'ର ଫଳ ପ୍ରତି ଆଦୌ ଆସକ୍ତ ହୁଅ ନାହିଁ ବା ଆଶା ରଖନହିଁ । କର୍ମ କରିବାର ଅଧିକାର ତୁମର ଅଛି, ହେଲେ ଫଳ ଉପରେ ତୁମର ଅଧିକାର ନାହିଁ । ଗୀତା କହନ୍ତି "କର୍ମଣ୍ୟେବାଧିକାରସ୍ତେ ମା ଫଳେଷୁ କଦାଚନ" । ଅର୍ଜୁନଙ୍କୁ ଠିକ ସେଇ ଉପଦେଶ ଦେଇ ତାଙ୍କର ସ୍ୱଧର୍ମ ବା କ୍ଷତ୍ରିୟର ଧର୍ମ ପାଳନ ପୂର୍ବକ ଯୁଦ୍ଧ କରିବାକୁ ପରାମର୍ଶ ଦେଇଥିଲେ । ବାସ୍ତବରେ ଯୁଦ୍ଧର ପରିଣାମ ଜୟ କି ପରାଜୟ ତାହା ନିର୍ଣ୍ଣୟ କରିବାର କ୍ଷମତା କେବଳ ଇଶ୍ୱରଙ୍କ ହାତରେ ଅଛି । ତେଣୁ ପରିଣାମ କଥା ଚିନ୍ତା ନ କରି ତୁମେ ତୁମର କର୍ତ୍ତବ୍ୟ କରି ଚାଲ । ନିଜ ସ୍ୱାର୍ଥ ପାଇଁ ଯେଉଁ କର୍ମ କରାଯାଏ ତାହା କର୍ମ ନୁହେଁ । ଯେଉଁ କାର୍ଯ୍ୟ ସମାଜ ପାଇଁ ବା ଅନ୍ୟର ମଙ୍ଗଳ ପାଇଁ କରାଯାଏ ତାହା ହେଉଛି ପ୍ରକୃତ କର୍ମ ବା ଏହାକୁ ଅକର୍ମ ବୋଲି କୁହାଯାଏ । ସେ କର୍ମରେ ଇଶ୍ୱର ସନ୍ତୁଷ୍ଟ ହୁଅନ୍ତି ଓ ସେଥିରେ ଆନନ୍ଦ ଥାଏ । ଯେଉଁ କାର୍ଯ୍ୟକୁ ଆମ ଶାସ୍ତ୍ର ବିରୋଧ କରିଥାଏ ତାହା ବିକର୍ମ ବା ନିଷିଦ୍ଧ କର୍ମ । ସେ କର୍ମ ନ କରିବା ପାଇଁ ଭଗବାନ ପରାର୍ମଶ ଦେଇଛନ୍ତି । ସମସ୍ତ କର୍ମକୁ ଭଗବାନଙ୍କ ଉଦ୍ଦେଶ୍ୟର ସମପର୍ଣ କରିଦେଲେ ଲାଭ ଓ କ୍ଷତିର ହିସାବ ବରାବର ହୋଇଯିବା ଏହି କର୍ମକୁ ଆପଣାଇଥିବା ବ୍ୟକ୍ତି ଶାନ୍ତିରେ କାଳାତିପାତ କରିଥାଏ ଓ ତାହାର ଆଗାମୀ ଜନ୍ମ ମଧ ସୁଖମୟ ହୋଇଥାଏ । ଭଗବାନ ଅର୍ଜୁନଙ୍କ ମାଧମରେ ସମଗ୍ର ମାନବ ସମାଜକୁ ଜ୍ଞାନ ମାର୍ଗର ଉପଦେଶ ଦେଇଛନ୍ତି । କର୍ମରେ କୁଶଳ ହେବା ପାଇଁ ଜ୍ଞାନର ଆବଶ୍ୟକତା ରହିଛି । ଈଶ୍ୱର ଜୀବ ଓ ପ୍ରକୃତି ଏହି ତିନିଗୋଟିକୁ ଜାଣିବା ହେଉଛି ଜ୍ଞାନ । ଜ୍ଞାନ ଯୋଗୀ ପ୍ରତ୍ୟେକ ବସ୍ତୁକୁ ବିବେକର କଷଟିରେ କଷିବା ପରେ ଯେଉଁ କଥା ଉଚିତ ଲାଗେ ତାକୁ ସେ ଗ୍ରହଣ କରେ । କର୍ମଯୋଗୀ ନିଜର କ୍ରିୟା ଦ୍ୱାରା ସଂସାରଠାରୁ ଅଲଗା ହୁଏ। କିନ୍ତୁ ଜ୍ଞାନଯୋଗୀ ନିଜର ବିଚାର ଦ୍ୱାରା ସଂସାରଠାରୁ ଅଲଗା ହୁଏ । କର୍ମ କରିବାକୁ ହେଲେ ଜ୍ଞାନର ଆବଶ୍ୟକତା ଅଛି । ଯଦି ଭୁଲ ଠିକ୍‌ର ଜ୍ଞାନ ନରହେ ତାହେଲେ ଉଚିତ କର୍ମ କରିହେବନି । ଭଗବାନଙ୍କ ସହିତ ଯୁକ୍ତ ହେବା ପାଇଁ ମୁନି ଋଷିମନେ ଜପ ତପ ପ୍ରାଣାୟାମ ସହିତ ନିଜର ଇନ୍ଦ୍ରିୟମାନଙ୍କୁ ସଞ୍ଜତ କରିଥା'ନ୍ତି । ଭଗବାନ ଗୀତାରେ ଭକ୍ତି ମାର୍ଗକୁ ସହଜ ଓ ସୁବିଧା ମାର୍ଗ ବୋଲି ବର୍ଣ୍ଣନା କରିଛନ୍ତି । ଯେତେବେଳେ ମଣିଷ ଏ ମାୟା ଜଗତକୁ ବୁଝିଯିବ ଓ ମଧ ବୁଝିଯିବ ଏ ସଂସାର ପ୍ରଭୁଙ୍କ ଇଚ୍ଛାରେ ଚାଲିଛି, ତାଙ୍କ ଇଛା ବିନା ଘାସ ପତ୍ରଟିଏ ବି ହଲିପାରିବନି ସେତେବେଳେ ସେ ସମ୍ପୂର୍ଣ୍ଣ ଭାବେ ଭଗବାନଙ୍କ ନିକଟରେ ନିଜକୁ ସମପର୍ଣ କରିଦେଇଥାଏ ଓ ତା'ର ମନରେ ଭକ୍ତିର ଭାବ ପ୍ରଭାହିତ ହୁଏ । ଶୟନେ ସପନେ ସେ କେବଳ ସେହି ପ୍ରଭୁଙ୍କ କଥା ଚିନ୍ତା କରେ ଓ ସବୁ ସମୟରେ ଓ ସବୁ ସ୍ଥାନରେ ସେ କେବଳ ତାଙ୍କରି ଛବିକୁ ଦେଖିଥାଏ । ନିଜକୁ ସମ୍ପୂର୍ଣ୍ଣ ଭାବରେ ଭଗବାନଙ୍କ ନିକଟରେ ସମର୍ପଣ କରିଦେଲେ ଭଗବାନ ମଣିଷର ସମସ୍ତ ଦାୟିତ୍ୱ ନେଇଯାଇଥା'ନ୍ତି । ଭଗବାନ କହିଛନ୍ତି ଯେତେ ବଡ଼ ଦୁରାଚାରୀ ହେଉ ଯଦି ସେ ମୋତେ ଭଜନ କରେ, ମୋ ଉପରେ ସମ୍ପୂର୍ଣ୍ଣ ନିର୍ଭର କରେ ବା ମୋ ଶରଣରେ ଆସେ ମୁଁ ତାକୁ ଉଦ୍ଧାର କରିଥାଏ ଓ ତା'ର ସମସ୍ତ ଦାୟିତ୍ୱ ନେଇଥାଏ । ଏହି ତିନି ଗୋଟି ମାର୍ଗ ମଧ୍ୟରୁ ଯେକୌଣସି ଗୋଟିଏ ମାର୍ଗକୁ ଅନୁସରଣ କଲେ ମଣିଷଟି ତା' ଜୀବନରେ ସୁଖ ଶାନ୍ତିରେ ରହିପାରିବ ଓ ତା'ର ଆଗାମୀ ଜନ୍ମ ମଧ ସୁଖରେ କଟିବ । ଏହି ସଂସାର ଭିତରେ ରହି ମାୟାବଦ୍ଧ ଜୀବଟି କିଭଳି ସୁଖ ଓ ଶାନ୍ତିରେ ଜୀବନ ଅତିବାହିତ କରି ପାରିବ ସେ କଥା ଭଗବାନ ଗୀତାରେ ଉଲ୍ଲେଖ କରିଛି। ସୁଖ ଓ ଶାନ୍ତି ପାଇଁ ସନ୍ୟାସୀ ହେବା କି ଘର ଛାଡ଼ିଦେବା ଆବଶ୍ୟକ ନାହିଁ । ଗୀତା ତ୍ୟାଗ ଓ ମାନବତାର ବାର୍ତ୍ତା ଦେଇଛନ୍ତି । ବାସ୍ତବରେ ତ୍ୟାଗରେ ଯେଉଁ ଆନନ୍ଦ ଥାଏ ତାହା ଭୋଗରେ ନଥାଏ । ମଣିଷ ଏହି ସଂସାର ଭିତରେ ରହି ଏକ ତ୍ୟାଗପୁତ ଜୀବନ ଯାପାନ କରିବା ସହିତ ଈଶ୍ୱରଙ୍କ ନିକଟରେ ନିଜକୁ ସମ୍ପୂର୍ଣ୍ଣ ଭାବେ ସମର୍ପଣ କରିଦେଲେ ତା'ର ଜୀବନ ଆନନ୍ଦମୟ ହୋଇଥାଏ । ପ୍ରତ୍ୟେକ ମନୁଷ୍ୟ ଭିତରେ ଦୟା, ଶାନ୍ତି କ୍ଷମା, ଭକ୍ତି ଆଦି ଇଶ୍ୱରୀୟ ଗୁଣ ସୃଷ୍ଟି ପାଇଁ ପ୍ରେରଣ ଦେଇଥା'ନ୍ତି । ଖ୍ରୀଷ୍ଟିଆନମାନଙ୍କ ଧର୍ମଗ୍ରନ୍ଥ ବାଇବେଲ କହେ ଜଣେ ସଚ୍ଚା ଖ୍ରୀଷ୍ଟିଆନ ହୁଅ । ମୁସଲମାନମାନଙ୍କ ଧର୍ମଗ୍ରନ୍ଥ କୋରାନ କହେ ଜଣେ ସଚ୍ଚା ମୁସଲମାନ ହୁଅ । କିନ୍ତୁ ଗୀତା କହେ ଜଣେ ସଚ୍ଚା ଇନ୍‌ସାନ୍ ହୁଅ । କୁହାଯାଏ "ବୁଝୁ ନ ବୁଝୁ ପଢ ଗୀତା, ରୁଚୁ ନ ରୁଚୁ ଖା ପିତା ।" ବୈକୁଣ୍ଠ ନାଥ ବ୍ରହ୍ମଚାରୀ କହିଛନ୍ତି "ଭାଇ ପଢରେ ଗୀତା ତେଜି କୁଚିନ୍ତା କରିନିଅ ଜୀବନକୁ ପବିତ୍ର ମୟ । ଏ ଭବ କୂପେ ପଡ଼ି ତ୍ରିତାପେ । ବୁଡି ସଢ଼ି ଯିବା ପାଇଁ ନଥିବ ଭୟ ।" ଭଗବଦ୍ ଗୀତା ପୁରୁଷକୁ ପୁରୁଷୋତ୍ତମ ହେବାକୁ ପ୍ରେରଣା ଦେଇଥାଏ । ଭଗବାନଙ୍କଠାରୁ ଗୀତାର ଗୁଢ ତତ୍ତ୍ୱ ଶୁଣିସାରିବା ପରେ ଅର୍ଜୁନଙ୍କ ମୋହ ଭଙ୍ଗ ହୋଇଥିଲା ଓ ତାଙ୍କ ମନରେ ଥିବା ସମସ୍ତ ଦ୍ୱନ୍ଦ୍ୱ ଦୂର ହୋଇଥିଲା । ସେ ନିଜକୁ ଜଣେ ଶ୍ରେଷ୍ଠ ଧନୁର୍ଦ୍ଧାରୀ ବୋଲି ଭାବୁଥିଲେ, ହେଲେ ସେ ବୁଝିପାରିଲେ ସେ କେବଳ ନିମିତ୍ତ ମାତ୍ର । ଭଗବାନଙ୍କ ବିଶ୍ୱରୂପ ଭିତରେ ଦେଖିଲେ ଯେଉଁମାନଙ୍କୁ ସେ ହତ୍ୟା କରିବା ପାଇଁ ଯୁଦ୍ଧ ନକରିବାକୁ ସ୍ଥିର କରିଥିଲେ ସେମାନେ ମରିସାରିଛନ୍ତି । ତାଙ୍କର ନିଜ ଶକ୍ତି ଉପରେ ଯେଉଁ ଅହଙ୍କାର ଥିଲା ତାହା ଦୂର ହୋଇଯାଇଥିଲା ଓ ସେ ଯୁଦ୍ଧ କରିଥିଲେ । ଯେଉଁ ସନାତନ ସଂସ୍କୃତି ଗୀତା ଭଳି ଏକ ମହାନ ଗ୍ରନ୍ଥ ଏ ଜାତି ପାଇଁ ଉତ୍ସର୍ଗ କରିଛନ୍ତି ଆମେ ସେହି ଗୀତାକୁ ପାଠ କରିବା କିମ୍ବା ସେଥିରେ ଥିବା ଉପଦେଶଗୁଡିକୁ ପାଳନ କରୁନାହୁଁ । ବିଦ୍ୟାଳୟ ଗୁଡିକରେ ତା'ର ଆଲୋଚନା କରାଯାଉନାହିଁ, ଯେଉଁଥିପାଇଁ ଆଜି ସନାତନ ସଂସ୍କୃତି ଅବକ୍ଷୟମୁଖୀ । ଆମର ପିଲାମନେ ଆମ ଧର୍ମ ଓ ସଂସ୍କୃତିକୁ ଭୁଲି ପାଶ୍ଚାତ୍ୟ ସଂସ୍କୃତିକୁ ଆପଣେଇବା ଦେଖାଯାଉଛି । ଆମ ଧର୍ମ ସଂସ୍କୃତିକୁ ରକ୍ଷା କରିବାକୁ ହେଲେ ପ୍ରତ୍ୟେକ ବ୍ୟକ୍ତି ଏପରିକି ବିଦ୍ୟାଳୟ ଗୁଡିକରେ ଗୀତା ଭଳି ପବିତ୍ର ଗ୍ରନ୍ଥ ପାଠ କରାଯିବା ଉଚିତ। ଆମ ସଂଗଠନ ତରଫରୁ ବିଦ୍ୟାଳୟ ସ୍ତରରେ କିଭଳି ପିଲାମନେ ଏହି ଗୀତାରୂପୀ ଆଧାତ୍ମିକ ଜ୍ଞାନ ପ୍ରାପ୍ତ ହେବେ ଓ ଜଣେ ଭଲ ମଣିଷ ହୋଇ ସମାଜରେ ପ୍ରତିଷ୍ଠା ଲାଭ କରିବେ ସେଥିପାଇଁ ଭଗବଦ୍ ଗୀତ ଆଲୋଚନା ସହିତ ପରୀକ୍ଷା ଓ କୃତି ଛାତ୍ର ଛାତ୍ରୀମାନଙ୍କୁ ପୁରସ୍କାର ସ୍ୱରୂପ ଗୀତା ପାଠ ପାଇଁ ପ୍ରୋତ୍ସାହନ ଦେଇ ଆସୁଛୁ । ଇତି ମଧ୍ୟରେ ଅବିଭାଜିତ କଟକ ଜିଲ୍ଲା, ର୍ଖୋଦ୍ଧା ଜିଲ୍ଲାରେ ଅନେକ ବିଦ୍ୟାଳୟରେ ଗୀତା ଆଲୋଚନା ସହିତ ପରୀକ୍ଷା କରାଯାଇ ଯୋଗ୍ୟ ଛାତ୍ର ଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି ଓ ଆଗାମୀ ଦିନରେ ଓଡ଼ିଶାର ସବୁ ଜିଲ୍ଲାର ବିଦ୍ୟାଳୟମାନଙ୍କରେ ଏହି ପ୍ରକାର କାର୍ଯ୍ୟକ୍ରମ ଚାଲୁ ରଖିବା ପାଇଁ ସଂଗଠନ ଲକ୍ଷ ରଖିଛି । ସମ୍ବିଧାନର ଧାରା ୩୦ରେ ଧାର୍ମିକ ସଂଖ୍ୟା ଲଘୁ ଓ ଭାଷା ଭିତ୍ତିକ ସଂଖ୍ୟାଲଘୁମନେ ନିଜ ଇଚ୍ଛାରେ ବିଦ୍ୟାଳୟ ଖୋଲି ପାରିବେ ଓ ନିଜ ଇଚ୍ଛା ପିଲା ମାନଙ୍କୁ ଧର୍ମ ଶାସ୍ତ୍ର ପଢ଼ାଇ ପାରିବ । କିନ୍ତୁ ବହୁ ସଂଖ୍ୟକ ମାନଙ୍କୁ ଏ ସୁଯୋଗ ଦିଆଯାଇନାହିଁ । କେନ୍ଦ୍ର ସରକାରଙ୍କ ନିକଟରେ ଆମର ଏହି ଦାବୀ ରହିବ ଯେ ସରକାର ସମ୍ବିଧାନରେ ଥିବା ଏହି ଆସମାନତାକୁ ଦୂର କରି ସବୁ ଧର୍ମର ଲୋକ ମାନଙ୍କୁ ସମାନ ଧାର୍ମିକ ଅଧିକାର ଦେବାପାଇଁ ଗୀତା ସମ୍ପର୍କରେ ମାଡ୍ରାସ ଉଚ୍ଚ ନ୍ୟାୟାଳୟଙ୍କ ମନ୍ତବ୍ୟ "In December 2025 judgement, the Madras High Court ruled that the Bhagavad Gita is not a religious book, but a moral science and a part of Indian Civilization".

# ଧର୍ମାନ୍ତରଣକାରୀଙ୍କୁ ସଂରକ୍ଷଣ ନା' ଯଥାର୍ଥ



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)
ସମ୍ମାନ ଭବନ,
ଗାଙ୍ଗୋତ୍ରୀ ନଗର,ଶିଶୁପାଳଗଡ,
ମୋ-୯୪୩୭୯୯୪୩୭୯

ଦେଶରେ ହିନ୍ଦୁ, ଶିଖ୍ ଓ ବୌଦ୍ଧ ଧର୍ମାବଲମ୍ବୀ ଅନୁସୂଚିତ ଜାତି (ଏସସି) ଏବଂ ଅନୁସୂଚିତ ଜନଜାତି (ଏସଟି) ସମ୍ପ୍ରଦାୟକୁ ସଂରକ୍ଷଣ ସୁବିଧା ସୁଯୋଗ ମିଳିବ ବୋଲି ସୁପ୍ରିମକୋର୍ଟଙ୍କ ରାୟ ଯଥାର୍ଥ ବୋଲି କୁହାଯାଇପାରିବ। ଆନ୍ଧ୍ରପ୍ରଦେଶରେ ଧର୍ମ ପରିବର୍ତ୍ତନ କରି ଜଣେ ଖ୍ରୀଷ୍ଟିଆନ ଧର୍ମଯାଜକ ଏସସି/ଏସଟି ସୁରକ୍ଷା ଅଧିନରେ (ନିର୍ଯାତନା ନିବାରଣ) ଆଇନ ବଳରେ ସଂରକ୍ଷଣ ଏବଂ ସୁରକ୍ଷା ଦାବି କରିବା ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ ଏହି ଗୁରୁତ୍ୱପୂର୍ଣ୍ଣ ରାୟ ଦେଇ କହିଛନ୍ତି ଯେ, ଏହି ଆଇନ କେବଳ ହିନ୍ଦୁ, ଶିଖ ଏବଂ ଧର୍ମରେ ଥିବା ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ସମ୍ପ୍ରଦାୟ ପାଇଁ ପ୍ରଯୁଜ୍ୟ। ଏଥିସହ ଆନ୍ଧ୍ରପ୍ରଦେଶ ହାଇକୋର୍ଟଙ୍କ ଦେଇଥିବା ରାୟକୁ କାଏମ ରଖି ସର୍ବୋଚ୍ଚ ଅଦାଲତ କହିଛନ୍ତି ଯେ, ସମ୍ବିଧାନର ଧାରା ୩୪୧ ଅନୁସାରେ ୧୯୫୦ ମସିହାରେ ଜାରି ନିର୍ଦ୍ଦେଶ ଅନୁଯାୟୀ ଏହି ତିନି ଧର୍ମରୁ ଯେଉଁ ଅନୁସୂଚିତ ଜାତି ବର୍ଗର ଯେଉଁ ଲୋକମାନେ ଧର୍ମ ପରିବର୍ତ୍ତନ କରି ଅନ୍ୟ ଧର୍ମ ଗ୍ରହଣ କରିଛନ୍ତି, ସେମାନଙ୍କ ପାଇଁ ଆଇନରେ ଥିବା ସଂରକ୍ଷଣ ତଥା ସୁବିଧା ସୁଯୋଗ ପ୍ରଯୁଜ୍ୟ ହେବ ନାହିଁ ଏବଂ ସେମାନେ ଏସସି ବର୍ଗର ମାନ୍ୟତା ହରାଇବେ। ଉଲ୍ଲେଖଯୋଗ୍ୟ ଯେ, କେବଳ ହିନ୍ଦୁ ଧର୍ମରେ ଥିବା ମୂଳ ଏସସି ସମ୍ପ୍ରଦାୟ ପାଇଁ ଏହି ଆଇନ ଉଦ୍ଦିଷ୍ଟ ଥିଲା। କିନ୍ତୁ ୧୯୫୬ରେ ଶିଖ୍ ଏବଂ ୧୯୯୦ ମସିହାରେ ବୌଦ୍ଧ ଧର୍ମାଲମ୍ବୀମାନଙ୍କୁ ଏହି ଆଇନରେ ଅନ୍ତର୍ଭୁକ୍ତ କରାଯାଇଥିଲା। କହିବା ବାହୁଲ୍ୟ ଯେ, ହିନ୍ଦୁ ସମାଜରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବର୍ଗର ଜନସାଧାରଣ ଛୁଆଁ ଅଛୁଆଁ ଭେଦଭାବର ଶିକାର ହେଉଥିବା ନେଇ ସ୍ୱର୍ଗତ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁଙ୍କ ସମେତ ଭାରତର ପ୍ରତିଷ୍ଠାତା ନେତାମାନେ ସ୍ପଷ୍ଟ ଭାବେ କହିଥିଲେ। କିନ୍ତୁ ପରେ ରାଜନୈତିକ ଏବଂ ସାମାଜିକ ବାସ୍ତବତା ଏଥିରେ ସଂଶୋଧନ କରିବାକୁ ବାଧ କରିଥିଲା। ଦାବି ଏବଂ ସ୍ୱାୟତ୍ତତା କାର୍ଯ୍ୟକଳାପ ଅନୁସାରେ ଏସସି ସମ୍ପ୍ରଦାୟର ଲୋକମାନେ ଧର୍ମାନ୍ତରକରଣକୁ ଆଦରି ନେଇଥିଲେ। ଏପରିକି ସମ୍ବିଧାନର ପ୍ରଣେତା ଡକ୍ଟର ବି.ଆର. ଆମ୍ବେଦକର ନିଜେ ଏକ ଗଣ ଧର୍ମାନ୍ତକରଣର ନେତୃତ୍ୱ ନେଇ ବୌଦ୍ଧ ଧର୍ମ ଗ୍ରହଣ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ସେ ୧୯୫୬ ମସିହାରେ ବୌଦ୍ଧ ଧର୍ମ ଗ୍ରହଣ କରିଥିଲେ। ଯେଉଁ ବର୍ଷ କି ଶିଖ୍ ଧର୍ମରେ ଥିବା ସମସ୍ତ ଅନୁସୂଚିତ ଜାତି ସମ୍ପ୍ରଦାୟକୁ ସଂରକ୍ଷଣ ସମେତ ସ୍ୱତନ୍ତ୍ର ସୁବିଧା ସୁଯୋଗ ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ କରାଯାଇଥିଲା। ବହୁ ବିଳମ୍ବରେ ୧୯୯୦ ମସିହାରେ ବୌଦ୍ଧ ଧର୍ମରେ ଥିବା ଏସସି ବର୍ଗକୁ ଏହି ଆଇନର ପରିସରଭୁକ୍ତ କରାଯାଇଥିଲା। ଧର୍ମତତ୍ତ୍ୱ ଓ ଆଇନଗତ ବିତର୍କକୁ ଆଧାରରେ କୋର୍ଟ ଏହି ପ୍ରଭେଦ ଘୋଷଣା କରିଥିଲେ। ଆହୁରି ମଧ ଖ୍ରୀଷ୍ଟିଆନ ଓ ଇସ୍‌ଲାମ ଧର୍ମରେ ସାମାଜିକ ବର୍ଗୀକରଣ ଆଧାରରେ କୌଣସି ବାଚବିଚାର ବା ଭେଦଭାବ ନାହିଁ। ସେହିପରି ଶିଖ୍ ଓ ବୌଦ୍ଧ ଧର୍ମ ହିନ୍ଦୁ ସମାଜ ତଥା ହିନ୍ଦୁ ଧର୍ମର ଏକ ଅଂଶ ବିଶେଷ, ଯେଉଁଥିରେ ବାଛବିଚାର ଓ ବର୍ଗୀକରଣ ରହିଛି। ଯାହା ଫଳରେ ସେମାନେ ରାଜନୈତିକ ଓ ସାମ୍ବିଧାନିକ ବୈଧତା ପାଇବାକୁ ହକଦାର ହୋଇଛନ୍ତି। ଆହୁରି ମଧ ସମ୍ବିଧାନର ୨୫(୨) ଧାରା ଅନୁସାରେ ଶିଖ୍, ବୁଦ୍ଧ ଏବଂ ଜୈନ ବିଶ୍ୱାସ ହିନ୍ଦୁ ଧର୍ମ ଅନ୍ତର୍ଭୁକ୍ତ। କିନ୍ତୁ ଇସ୍‌ଲାମ ଓ ଖ୍ରୀଷ୍ଟ ଧର୍ମରେ ଦୀକ୍ଷିତ ଧର୍ମାନ୍ତକରଣଙ୍କ ପାଇଁ ଏଭଳି କୌଣସି ଅକାଟ୍ୟ ଧର୍ମତତ୍ତ୍ୱ କିମ୍ବା ସାମ୍ବିଧାନିକ ବ୍ୟାଖ୍ୟା ନାହିଁ। କହିବା ବାହୁଲ୍ୟ ଯେ, ଇସ୍‌ଲାମ କିମ୍ବା ଖ୍ରୀଷ୍ଟ ଧର୍ମ ଗ୍ରହଣ କରିଥିବା ଏସସି ଲୋକମାନେ ସେମାନଙ୍କ ନୂତନ ଧର୍ମରେ କୌଣସି ବାଛବିଚାର କିମ୍ବା ଅସ୍ପୃଶ୍ୟତାର ଶିକାର ହୁଏ। ଏହା ସତ୍ୟ ଯେ, କୌଣସି ଧର୍ମତତ୍ତ୍ୱ ବାଛବିଚାର ମଞ୍ଜୁରୀ ଆବଶ୍ୟକତା କରେ ନାହିଁ। ଏହା ସତ୍ତ୍ୱେ ପରିବର୍ତ୍ତନକାରୀଙ୍କୁ ସଂରକ୍ଷଣ ଓ ଅନ୍ୟ ସୁବିଧା ସୁଯୋଗର ଅର୍ନ୍ତଭୁକ୍ତ କରିବା ପ୍ରସଙ୍ଗ ଏବେ ଏକ ଭାରାକ୍ରାନ୍ତ ପ୍ରସଙ୍ଗ ହୋଇ ରହିଛି। ଏ ସମ୍ପର୍କରେ ପରୀକ୍ଷା ପାଇଁ ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି କେଜି ବାଲକ୍ରିଷ୍ଣନଙ୍କ ନେତୃତ୍ୱରେ ଏକ କମିଶନ ସରକାର ଗଠନ କରିଛନ୍ତି। କମିଶନ ତାଙ୍କ ରିପୋର୍ଟ ଖୁବଶୀଘ୍ର ପ୍ରଦାନ କରିବା ଆଶା କରାଯାଉଛି। ଅତୀତରେ ୨୦୦୭ରେ ଜଷ୍ଟିସ ରଙ୍ଗନାଥ ମିଶ୍ର କମିଶନ ଖ୍ରୀଷ୍ଟ ଏବଂ ଇସ୍‌ଲାମ ଧର୍ମକୁ ଧର୍ମାନ୍ତକରଣ କରିଥିବା ଦଳିତଙ୍କୁ ଏସସି ସଂରକ୍ଷଣ ପାଇଁ ସୁପାରିଶ କରିଥିଲେ ମଧ୍ୟ କେନ୍ଦ୍ର ସରକାର ୨୦୨୨ରେ ରିପୋର୍ଟକୁ ଅଗ୍ରାହ୍ୟ କରିଦେଇଥିଲେ। ଉଲ୍ଲେଖଯୋଗ୍ୟ ଏସସି/ଏସଟି ଧର୍ମାନ୍ତକରଣ ସଂରକ୍ଷଣ ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ପ୍ରଦାନ ଦାବିକୁ ଦଳିତମାନେ ଦୃଢ ବିରୋଧ କରି ଆସୁଛନ୍ତି। ଏସି ସମ୍ପ୍ରଦାୟର ଯେଉଁମାନେ ଖ୍ରୀଷ୍ଟ କିନ୍ତୁ ଇସଲାମ ଧର୍ମ ଗ୍ରହଣ କରିଛନ୍ତି, ସେମାନଙ୍କୁ ସମ୍ବିଧାନର ଧାରା ୧୫(୪) ଅନୁସାରେ ସାମାଜିକ ଓ ଶିକ୍ଷାଗତ ପଛୁଆ ବର୍ଗ ଭାବେ ସୁବିଧା ସୁଯୋଗ ପାଉଛନ୍ତି। ଉପସ୍ଥିତ ଆଇନ ଓ ସାମ୍ବିଧାନିକ ନିର୍ଦ୍ଦେଶ ଅନୁସାରେ ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି ଯଥାର୍ଥ। ତେବେ ଏଥିପାଇଁ ଯେକୌଣସି ପରିବର୍ତ୍ତନ ବା ସଂଶୋଧନ କେବଳ ଏକ ରାଜନୈତିକ ପ୍ରକ୍ରିୟା ଏବଂ ବିଧେୟକ ପଥ ସମ୍ଭବ ହେବ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

## ଅପହଞ୍ଚ

**କବିତା ମହାନ୍ତି**



ଏମିତି ଅପହଞ୍ଚ ସ୍ୱପ୍ନ କାହିଁକି ସେ ଦେଖେ !!
ଏମିତି ଅପହଞ୍ଚ ଉଡାଣ କାହିଁକି ସେ ଉଡ଼େ!!

ଶୁଣିଥିଲା ସିଏ
ରାତି ତମାମ ସ୍ୱପ୍ନ ଦେଖିବାକୁ
ସ୍ୱପ୍ନ, କିଛି ବି ହେଉ,

କେବେ ପରୀ ରାଇଜର ରାଣୀ ହୋଇ
ଅବା ସାରା ବ୍ରହ୍ମାଣ୍ଡର ବିଶ୍ୱ ସୁନ୍ଦରୀ ହୋଇ
ନିଜକୁ ଦେଖିବାକୁ
ଦୌଡିବାକୁ ସ୍ୱପ୍ନ ପଛରେ
ଯେଯାବତ୍ ସ୍ୱପ୍ନକୁ ସାକାର କରିନପାରିଛି

ଏମିତି ଅନେକ ସ୍ୱପ୍ନ
ଖୋଲା ଆକାଶରେ ପକ୍ଷୀଟିଏ ଭଳି
ଉଡାଣ ଉଡିବାକୁ
ଯେଉଁଠି ରାସ୍ତା ଲମ୍ବି ଯାଇଥିବ
ବାଦଲକୁ ଛୁଇଁ ହେଉଥିବ
ଏମିତି ଏକ ଲମ୍ବା ଉଡାଣ
ବିନା କିଛି କଟକଣାରେ
ସେ ଦିଗହରା ହୋଇ ଉଡ଼ିବୁଲୁଥିବ
ରାତିକୁ ଡର ନଥିବ
ଅନ୍ଧାରକୁ ଭଲପାଉଥିବ



ହେଲେ ସବୁ ସ୍ୱପ୍ନ
ସବୁ ଉଡାଣ କଣ ସତ ହୋଇପାରେ!!
କେହି ତ କେବେ କହିଲେନି
ସ୍ୱପ୍ନ ଏମିତି ଦେଖେ
ଯେଉଁଠି ପହଞ୍ଚି ହେବ
ଉଡାଣ ଏମିତି ଉଡ
ଯେମିତି ଡେଣା ଝଡ଼ି ନପଡିବ

ଏତେ ବଡ ଅପହଞ୍ଚ ଉଡାଣରେ
ହାତ ପାଉନଥିବା ସ୍ୱପ୍ନକୁ ମୁଠାଉ ମୁଠାଉ
କ୍ଷତାକ୍ତ ହୋଇ ଦିଗହଜା ହେବନି ତ ସିଏ ?

*ଶୈଳ ନିବାସ, ନିଗମାନନ୍ଦ ନଗର, ବମିଖାଲ ଭୁବନେଶ୍ୱର*
*ମୋ-୯୯୩୭୩୪୮୨୫୦*

## ପାଦ ପଦ୍ମରେ ମନ ରହୁ



**ସନ୍ତୋଷ ମିଶ୍ର**



ନୀଳ ସାହୁ ସୁରଥପୁର ଅଞ୍ଚଳର ଜଣେ କୁଖ୍ୟାତ ଚୋର। ଥରେ ରାତିରେ ଚୋରି କରିବା ପାଇଁ ବାହାରି, କୁଆଡ଼େ କିଛି ସୁବିଧା ନପାଇ ଗୋଟିଏ ମନ୍ଦିର ଭିତରକୁ ପଶିଗଲା। ସେହି ମନ୍ଦିରଟି ଥିଲା ମହାଦେବ ମନ୍ଦିର। ନୀଳକୁ ଜଣାଥିଲା ମହାଦେବଙ୍କ ଲିଙ୍ଗ ଉପରେ ଗୋଟିଏ ସ୍ୱର୍ଣ୍ଣ କୁମ୍ଭ ଅଛି। ଭାବିଲା କୌଣସି ପ୍ରକାରେ କୁମ୍ଭଟି ହାତକୁ ଆସିଗଲେ ତାହା ବିକ୍ରୟ କରି ଜୀବନ ସାରା ବେଶ୍ ଆରାମରେ ଚଳିଯାଇପାରିବ। କୁମ୍ଭ ପାଖରେ ହାତ ପହଞ୍ଚିବା ସମ୍ଭବ ନହେବାରୁ, ଗୋଡ଼ ବୁଲାଇ କିଛି ଗୋଟେ ଉଚ୍ଚ ସ୍ଥାନର ସନ୍ଧାନ କରୁଥିବା ସମୟରେ ଶିବ ଲିଙ୍ଗ ଉପରେ ଗୋଡ଼ ବାଜିଲା। ବିଳମ୍ବ ନକରି ଲିଙ୍ଗ ଉପରେ ଛିଡ଼ା ହୋଇ ସ୍ୱର୍ଣ୍ଣ କୁମ୍ଭକୁ ସ୍ପର୍ଶ କଲାମାତ୍ରେ ମହାଦେବ ସ୍ୱୟଂ ଆବିର୍ଭୂତ ହୋଇ କହିଲେ- ଭକ୍ତ ନୀଳ!! ମୁଁ ତୁମ ଉପରେ ପ୍ରସନ୍ନ। କି ବର ମାଗୁଚ ମାଗ। ମହାଦେବଙ୍କୁ ଦେଖି ନୀଳ ଭୀତତ୍ରସ୍ତ ହୋଇ ହାତ ଯୋଡ଼ି ବିନୀତ କଣ୍ଠରେ କହିଲା- ପ୍ରଭୁ ପ୍ରଣାମ। ମୁଁ ଆପଣଙ୍କ ଭକ୍ତ ନୁହେଁ। ମୁଁ ସ୍ୱର୍ଣ୍ଣ କୁମ୍ଭ ଚୋରି କରିବାକୁ ଆସିଥିଲି। ମୁଁ ଜଣେ ସାମାନ୍ୟ ଚୋର। ମୋର ପରମ ସୌଭାଗ୍ୟ ଆପଣଙ୍କ ଦର୍ଶନ ମିଳିଗଲା। ମୋତେ କ୍ଷମା କରନ୍ତୁ।

ମହାଦେବ କହିଲେ- ଆରେ ମୋର ଶ୍ରେଷ୍ଠ ଭକ୍ତମାନଙ୍କ ମଧ୍ୟରୁ ତୁମେ ଅନ୍ୟତମ। ଭକ୍ତମାନେ ସାମାନ୍ୟ ବେଲପତ୍ର ଅବା ଫୁଲଟିଏ ମୋ ଲିଙ୍ଗ ଉପରେ ଚଢ଼ାଇ ମନ ବାଞ୍ଛିତ ବର ହାସଲ କରୁଛନ୍ତି। ତୁମେ ତ ଜଣେ ଦୃଢ଼ମନା ନିଷ୍ଠାପର ଭକ୍ତ ! ତୁମେ ନିସ୍ୱାର୍ଥପର ଭାବେ ତୁମର ସମଗ୍ର ଶରୀରକୁ ମୋ ଲିଙ୍ଗ ଉପରେ ଅର୍ପଣ କରିଛ। ତୁମର ଅସାଧାରଣ, ଅନନ୍ୟ ଭକ୍ତିରେ ମୁଁ ସନ୍ତୁଷ୍ଟ। ତୁମେ କି ବର ମାଗୁଛ, ମାଗ। ନିସଙ୍କୋଚରେ ମାଗ।

ନୀଳ ଭାବିଲା- ମହାଦେବ ଯେତେବେଳେ ବର ଯାଚୁଚନ୍ତି, ଅଯଥାରେ ଚୋରି କରି ନିନ୍ଦିତ ହେବି କାହିଁକି। ସୁଯୋଗ ହାତଛଡ଼ା କରିବା ଠିକ୍ ହେବନାହିଁ।

ମହାଦେବ- ଆରେ ହଠାତ୍ ଚିନ୍ତିତ ହୋଇପଡ଼ିଲ କାହିଁକି। କେତୁଟା ବର ଚାହୁଁଚ ମାଗ। ଯାହା ମାଗିବ ତାହା ମିଳିବ ଅବଶ୍ୟ।

ନୀଳ ହାତ ଯୋଡ଼ି ବିନୀତ ଭାବେ କହିଲା- ପ୍ରଭୁ ! ଆପଣଙ୍କ ନାମ ଶଙ୍କର, ତିନି ଅକ୍ଷର; ସ୍ତ୍ରୀ ପାର୍ବତୀ, ପୁଅ ଗଣେଶ, କାର୍ତ୍ତିକ ତିନି ଅକ୍ଷର। ବାସସ୍ଥାନ କୈଳାଶ, ବେକରେ ସର୍ପ ବାସୁକି ତିନି ଅକ୍ଷର। ତିନି ସଂଖ୍ୟା ଯେହେତୁ ଆପଣଙ୍କର ଅତ୍ୟନ୍ତ ପ୍ରିୟ, ମୋତେ ତିନୋଟି ବର ଦିଅନ୍ତୁ।

ମହାଦେବ କହିଲେ- ତଥାସ୍ତୁ ।

ନୀଳ ଚିନ୍ତା କଲା- ଜାତି ଭିତ୍ତିକ କୋଟା ପ୍ରଥା ପ୍ରଚଳନ କରି ସମାଜରେ ମଣିଷମାନଙ୍କ ଭିତରେ ଭେଦଭାବ ସୃଷ୍ଟି କରାଯାଉଛି। ଉଚ୍ଚବର୍ଣ୍ଣର ଯଥା କରଣ ହୋଇଥିବାରୁ ଆମ୍ଭେ କୋଟା ଶ୍ରେଣୀ ଭୁକ୍ତ ହୋଇପାରିନାହୁଁ। ଫଳରେ ଫାଷ୍ଟ କ୍ଲାସ୍ କ୍ୟାରିଅର୍ ଥାଇ ସୁଦ୍ଧା ସରକାରୀ ଚାକିରି ନପାଇ ଆମ୍ଭେ ଚୌର୍ଯ୍ୟ ବୃତ୍ତିକୁ ଆପଣେଇବାକୁ ବାଧ୍ୟ ହୋଇଛୁ। ଆମ ଜାତିର ଝିଅମାନେ କୋଟା ଶ୍ରେଣୀୟ ନିମ୍ନବର୍ଗର ସରକାରୀ ଚାକିରି ପାଇଥିବା ପୁଅମାନଙ୍କୁ ବିବାହ କରି ଘର ସଂସାର କରିବା ପାଇଁ ଆଗଭର ହେଉଛନ୍ତି । ପରିଣାମ ସ୍ୱରୂପ ନିଜ ଜାତିର ଝିଅ ବିବାହ କରିବା ଆମ ପାଇଁ ସ୍ୱପ୍ନ ହୋଇପଡ଼ିଛି। ଝିଅମାନଙ୍କ ବାପାମାନେ ସରକାରୀ ଜୋଇଁ ପାଇବା ପାଇଁ ପାଗଳ। ଯଦି କୋଟା ଉଠିଯାନ୍ତା ତାହେଲେ ନିଶ୍ଚିତ ଭାବେ ସରକାରୀ ଚାକିରି ପାଇବା ସଙ୍ଗେ ସଙ୍ଗେ ମନପସନ୍ଦର ସୁନ୍ଦରୀ ଝିଅ ବିବାହ କରିବା ସମ୍ଭବ ହୋଇପାରନ୍ତା।

ନୀଳ ମାଗିଲା ପ୍ରଥମ ବର- ଜାତି ଭେଦ ଓ କୋଟା ପ୍ରଥା ଉଠିଯାଉ।

ମହାଦେବ- ତଥାସ୍ତୁ।

ନୀଳ ଭାବିଲା ବିବାହ ପରେ ସ୍ତ୍ରୀକୁ ନେଇ ସେ କଣ ମାଟିକାନ୍ଥ ଚାଳଛପର ଘରେ ରହିବ।

ତେଣୁ ଦ୍ୱିତୀୟ ବର ମାଗିଲା- ରହିବା ପାଇଁ ଗୋଟେ ସୁନ୍ଦର କୋଠାଘର ମିଳୁ । ମହାଦେବ- ତଥାସ୍ତୁ। ଏଥର ତୃତୀୟ ବର ମାଗ।

ନୀଳ କହିଲା- ପ୍ରଭୁ, ଆପଣ ଦୁଇଟି ବର ଦେଇ ସାରିଲେଣି। ଏବେ ତୃତୀୟ ବର- ମୁଁ ଯେତେବେଳେ ଚାହିଁବି ତିନୋଟି ବର ମାଗିବି।

ମହାଦେବ- ଆରେ ପୁଣି ତିନୋଟି ବର କଣ। ଦୁଇଟି ମାଗି ସାରିଲାଣି। ଆଉ ଗୋଟିଏ ମାଗ।

ନୀଳ- ଆଜ୍ଞା ମୁଁ ତ ତିନୋଟି ବର ମାଗୁଛି।

ମହାଦେବ- ହଉ, ଠିକ୍ ଅଛି । ଏତିକି କହି ଅନ୍ତର୍ହିତ ହୋଇଗଲେ।

ଯଥା ସମୟରେ ନୀଳ ସରକାରୀ ଚାକିରି ପାଇଲା। ମନ ପସନ୍ଦର ସୁନ୍ଦରୀ ଝିଅକୁ ବିବାହ କଲା। କୋଠା ଘରେ ବେଶ୍ ଆରାମରେ ରହିଲା।

ମାତ୍ର ବିବାହ ପରେ ସ୍ତ୍ରୀ ନୀଳପ୍ରଭାର ଅସୁସ୍ଥତା ଏବଂ ପିଲାଛୁଆ ନହେବା କାରଣରୁ ଚିନ୍ତାରେ ପଡ଼ିଗଲା ନୀଳ। ସାହି ପଡ଼ିଶାଙ୍କ ଟୁପୁରୁ ଟାପର, ପୋଖରୀ ତୁଠରେ ଗାଁ ମାଇପଙ୍କ ଆଖି ଠାରାଠାରି ଅଶେଷ ଯନ୍ତ୍ରଣା ଦେଉଥିଲା ନୀଳପ୍ରଭାକୁ।

କାଳ ବିଳମ୍ବ ନକରି ମହାଦେବଙ୍କୁ ସ୍ମରଣ କଲା ନୀଳ। ମହାଦେବ ଆବିର୍ଭୂତ ହୋଇ କହିଲେ- କି ବର ଚାହୁଁଚ ନୀଳ। ନୀଳ ହାତ ଯୋଡ଼ି କହିଲା- ପ୍ରଭୁ ମୋ' ସ୍ତ୍ରୀ ସମ୍ପୂର୍ଣ୍ଣ ନିରୋଗ ଓ ପୂର୍ବ ଭଳି ସୁନ୍ଦରୀ ହୋଇଯାଉ।

ମହାଦେବ- ତଥାସ୍ତୁ। ଦ୍ୱିତୀୟ ବର ମାଗ।

ନୀଳ- ମୋତେ ସର୍ବଗୁଣ ସମ୍ପନ୍ନ ପୁଅଟିଏ ମିଳୁ।

ମହାଦେବ- ତଥାସ୍ତୁ। ଏଥର ତୃତୀୟ ବର।

ନୀଳ- ଆଉ ତିନୋଟି ବର ମୋର ଯେତେବେଳେ ଆବଶ୍ୟକ ହେବ, ମାଗି ନେବି।

ମହାଦେବ- ବସ୍ ନୀଳ। ଏହା ଠିକ୍ ନୁହେଁ। କେବଳ ତିନୋଟି ବର ତୁମର ପ୍ରାପ୍ୟ।

ନୀଳ ନମ୍ର ଭାବେ କହିଲା- ପ୍ରଭୁ ମୁଁ ତିନୋଟି ବର ହିଁ ମାଗିଛି।

ମହାଦେବ ଅଦୃଶ୍ୟ ହୋଇଗଲେ।

ପୁଅର ପାଠ ପଢ଼ା ବୟସ ହେବାରୁ ସ୍ତ୍ରୀ କହିଲା- ପୁଅକୁ ଏବେ କୋଉ ସ୍କୁଲରେ ପାଠ ପଢ଼ାଇବା ତାହା ସ୍ଥିର କର। ସରକାରୀ ସ୍କୁଲରେ କିପରି ପାଠପଢ଼ା ହେଉଛି ତାହା ନ କହିବା ଭଲ। ଆମ ଘର ପାଖରେ ଥିବା ଭୁଷା ଦୋକାନରେ କିଛି ଶିକ୍ଷକ ଓ ଶିକ୍ଷୟିତ୍ରୀ ଡାଲି, ଚାଉଳ, ଅଣ୍ଡା ନିୟମିତ ଭାବେ ବିକ୍ରୟ କରୁଥିବା କଥା ମୁଁ ଜାଣେ। ସ୍କୁଲରେ ପାଠ ନପଢ଼ାଇ ଘରେ ଟିଉସନ୍ ନାଁ ରେ ସେମାନେ ପାଠ ବେପାର କରୁଛନ୍ତି। ଇଂଲିଶ ମିଡିଅମ୍ ପ୍ରାଇଭେଟ୍ ସ୍କୁଲରେ ଯଥା ରୀତି ପାଠପଢ଼ା ହେଉଥିଲେ ବି ଆଖିବୁଜା ମୋଟା ଅଙ୍କର ଅର୍ଥ ଶୋଷଣ କରାଯାଉଚି। ଏଭଳି ପରିସ୍ଥିତିରେ କ'ଣ କରାଯିବ ଭାବି ଚିନ୍ତି କୁହ।

ନୀଳ କହିଲା- ହଉ ମୋତେ ତିନି ଦିନ ସମୟ ଦିଅ। ମୁଁ କିଛି ଗୋଟେ ବ୍ୟବସ୍ଥା କରୁଛି।

ଏପଟେ ଚିନ୍ତାରେ ଥିଲେ ମହାଦେବ। ଭଲା ବର ଦେଲେ ଯେ... ନୀଳର ବର ମାଗିବା ଶେଷ ହେଉନାହିଁ। ଶେଷରେ ଏହାର ସମାଧାନ ନିମନ୍ତେ ନାରାୟଣଙ୍କୁ ସାକ୍ଷାତ କଲେ। ନାରାୟଣ କହିଲେ- କଳି ଯୁଗର ଭକ୍ତଙ୍କୁ ଆପଣ ଜାଣନ୍ତିନାହିଁ। ଆଙ୍ଗୁଳି ଦେଖାଇଲେ ସେମାନେ ବାହା ଗିଳିଯିବେ। ଥରେ ଦେଲେ ସେମାନଙ୍କର ମାଗିବା ଶେଷ ହେବନାହିଁ। ସେଥିପାଇଁ ତ ହାତ ଗୋଡ଼ ନରଖି ମୁଁ ନୀଳାଚଳରେ ବସି ରହିଛି। ଅବଶ୍ୟ ନୀଳର ସ୍ୱାର୍ଥ ସହିତ ସାମାଜିକ ସଂସ୍କାର ମଧ୍ୟ ଜଡ଼ିତ ରହିଛି। ହଉ ଯାହା ହେବାର କଥା ହେଇସାରିଲାଣି। ଆପଣ ନିଶ୍ଚିନ୍ତ ହୋଇ ରହନ୍ତୁ। ମୁଁ ଏ ସମସ୍ୟାର ଅନ୍ତ ଘଟାଇବା ପାଇଁ ବିହିତ ବ୍ୟବସ୍ଥା କରୁଛି। ଏହାପରେ ସରସ୍ୱତୀଙ୍କୁ ଡାକି ସେ ଆବଶ୍ୟକୀୟ ନିର୍ଦ୍ଦେଶ ଦେଲେ।

ପୁଅର ଭବିଷ୍ୟତ ନିର୍ଦ୍ଧାରଣ ପାଇଁ ନୀଳ ସ୍ତ୍ରୀ ଠାରୁ ତିନି ଦିନ ସମୟ ନେଇଥିଲା। ଠିକ୍ ତୃତୀୟ ଦିନ ହିଁ ସେ ମହାଦେବଙ୍କୁ ସ୍ମରଣ କଲା। ମହାଦେବ ଆବିର୍ଭୂତ ହୋଇ ବର ଯାଚିଲେ।

ନୀଳ ଯୋଡ଼ ହସ୍ତରେ କହିଲା- ପ୍ରଥମ ବର... ସମସ୍ତ ବେସରକାରୀ ଶିକ୍ଷାନୁଷ୍ଠାନ ସମେତ ଟିଉସନ୍ ଓ କୋଚିଂ ସେଣ୍ଟର ବନ୍ଦ କରାଯାଉ। କେବଳ ସରକାରୀ ଶିକ୍ଷାନୁଷ୍ଠାନରେ କୌଣସି ଦେୟ ବିନା ମନ୍ତ୍ରୀଙ୍କ ପିଲା ଠାରୁ ଆରମ୍ଭ କରି ସାଧାରଣ ବ୍ୟକ୍ତିଙ୍କ ପିଲା ପର୍ଯ୍ୟନ୍ତ ସମସ୍ତେ ଶିକ୍ଷା ଲାଭ କରିବାର ସୁଯୋଗ ପାଆନ୍ତୁ।

ମହାଦେବ- ତଥାସ୍ତୁ।

ଦ୍ୱିତୀୟ ବର- ମୋର ଏକ ମାତ୍ର ପୁଅର ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ।

ମହାଦେବ- ତଥାସ୍ତୁ। ତାପରେ ଶଙ୍କିତ କଣ୍ଠରେ କହିଲେ- ଆଉ ତୃତୀୟ ବର ।

ସେତେବେଳକୁ ନୀଳ କଣ୍ଠରେ ବିଜେ ହୋଇସାରିଥିଲେ ସରସ୍ୱତୀ। ନୀଳ ଅର୍ଦ୍ଧ ନିମିଳିତ ନୟନରେ ଭକ୍ତିପୂର୍ଣ୍ଣ କଣ୍ଠରେ କହିଲା- ପ୍ରଭୁ ! ଆପଣଙ୍କ ପାଦ ପଦ୍ମରେ ସଦା ସର୍ବଦା ମୋ' ମନ ରହିଥାଉ !

ମହାଦେବ କହିଲେ- ତଥାସ୍ତୁ।

ତାପରେ ସନ୍ତର୍ପଣରେ କୈଳାଶ ପ୍ରତ୍ୟାବର୍ତ୍ତନ କରୁଥିବା ସମୟରେ ନାରାୟଣଙ୍କୁ ଅଜସ୍ର ଧନ୍ୟବାଦ ଦେଇ କହୁଥିଲେ- ଧନ୍ୟ ମହାପ୍ରଭୁ ! ଧନ୍ୟ ତବ ଲୀଳା !

*ଉଦଳା, ମୟୂରଭଞ୍ଜ*
*ମୋ- ୯୪୩୯୨୯୫୦୦୯*

## ଅସରା ଆଲୁଅ ତୁମର

**ଜ୍ୟୋତ୍ସ୍ନା ପାଢ଼ୀ**



କାହିଁକି କରୁଛ ତାକୁ ଏତେ ହତାଦର
ଆଲୋକରେ ପହଁରିବାକୁ ଦିଅନା
ଖାଲି ଗୋଟେ ଥର।
ଦେଖିବ କେବେବି କଣ୍ଟା ହୋଇ
ପଡ଼ିବନି ସେ ତୁମ ରାସ୍ତାରେ
ବରଂ ବିଛାଇ ଦେବ ନିଜକୁ
ଦୁବ ହୋଇ ତୁମ ତଳିପାରେ।
ହେଳା କରିବନି ସେବାରେ ଦେବାରେ
ବାଟ ବି ଆଗୁଳିବନି ତମାମ୍ ଜୀବନ
ନିଃସ୍ୱାର୍ଥରେ ସ୍ୱଇଚ୍ଛାରେ ସବୁଜାକ
ଅଳି ଓ ଅର୍ଦ୍ଦଳି କରିବ ପୁରଣ।
ରୌଦ୍ର ତାପକୁ ନକରି ଭ୍ରୁକ୍ଷେପ
ଆପଣେଇ ନେବ ସବୁ ଋତୁକୁ ସେ ଭାବିକି ବସନ୍ତ।

ଉପନୀତ ହେଲେ ବୟସର ସାୟାହ୍ନରେ
ପୋଛି ଦେଇ ଝାଳ ପବନର ପାପୁଲିରେ।
କୋଳରେ ଶୁଆଇ ସାଉଁଳିବ ଅଳରା କେଶକୁ
ଧିରେ ଧିରେ ଶୁଣାଇବ ଲୋରୀ ବି ତୁମକୁ
ହଁ ଶେଷ କଥାଟି ଶୁଣ !
ଅସରା ଆଲୁଅ ତୁମର
(ଆଉ) ସକଳ ଅନ୍ଧାର ତାର।
ତାକୁ ଗର୍ଭରୁ ନକରି ନଷ୍ଟ
ଖାଲି ଆଲୋକରେ ପହଁରିବାକୁ ଦିଅନା ଗୋଟେ ଥର
କାହିଁକି କରୁଛ ତାକୁ ଏତେ ହତାଦର।

*ପି.ଡବ୍ଲୁ.ଡି ରୋଡ଼, କେନ୍ଦୁଝରଗଡ଼-୭୫୮୦୦୧*

## ଆହେ ଜଗନ୍ନାଥ



**ସୁକାନ୍ତି ମହାପାତ୍ର**




ଆହେ ଜଗନ୍ନାଥ
କି ମାୟ କି ଜାଦୁ କରିଛୁ ତୁ ମତେ
ତତେ ନ ଦେଖିଲେ ଏ ଦୁନିଆ ମିଛ ଲାଗେ ସତେ
କଳା ବୋଲି ତୁ ମୋ ମନରେ ନାହିଁ କେବେ ଦୁଃଖ
ଏତିକି ଦୁଃଖ କେବେ ଦେଖିବି ତୋ କଳା ଶ୍ରୀମୁଖ
ଜୟ ଜଗନ୍ନାଥ

*ହଳଦିପଦା, କଲ୍ୟାଣପୁର*

## ବିଶ୍ୱାସେ ନଦିଅ ବିଷ...

**ରାମଚନ୍ଦ୍ର ବେହେରା**



ବିଶ୍ୱାସ ଖୁଅରେ ଚାଲିଛି ଦୁନିଆଁ
ଚାଲୁଥିବ ଯୁଗ ଧରି
ବିଶ୍ୱାସ ଅଟଇ ସମ୍ପର୍କର ସେତୁ
ଦିଏ ଆତ୍ମୀୟତା ଭରି
ବିଶ୍ୱାସ ଦିଏ ଭରସା
ବିଷାଦ ପରାଣେ ଜାଗେ ଅନୁରାଗ
ଜନ୍ମନିଏ ନୂଆ ଆଶା।
ବିଶ୍ୱାସର ବଳେ ପୂଣ୍ୟ ନନ୍ଦିଘୋଷ
ବଡଦାଣ୍ଡେ ହେଲା ସ୍ତବ୍ଧ
ଭକ୍ତ ସାଲବେଗ କରିଲେ ଦର୍ଶନ
ଆଗକୁ ବଢିଲା ରଥ
ବିଶ୍ୱାସ ଦିଅଇ ଭକ୍ତି
ବିଶ୍ୱାସ ଡୋରୀକୁ ମଜବୁତ୍ କଲେ
ମିଳଇ ପରାଣେ ତୃପ୍ତି।
ବିଶ୍ୱାସରେ ବିଷ ସମର୍ପି ମନ୍ଥରା
ପାଇଥିଲା ଅପଯଶ
ଶକୁନିର ଘୃଣ୍ୟ ରାଜନୀତି ପାଇଁ
ଧ୍ୱଂସ ହେଲା ଯଦୁବଂଶ
ବିଶ୍ୱାସ ଅମୃତ ଧାରା
ବିଶ୍ୱାସ ସହିତ ଯେ ଖେଳ ଖେଳଇ
ସହି ନପାରଇ ଧରା।
ବିଶ୍ୱାସରେ ବିଷ ଦିଏ ଯେଉଁ ଜନ
କଳାମେଘ ଆସେ ଘେରି
ନିଜର ପତନ ନିଜେ କରିଥାଏ
ସୁଖ ଶାନ୍ତି ହୁଏ ଦୂରୀ
ମନକୁ ଥରେ ପଚାର
ବିଶ୍ୱାସ ଘାତକ ସାଜିଲେ ଜଗତେ
ନିଜେ ହେବ ଛାରଖାର।
ବିଶ୍ୱାସକୁ ଦିଅ ମାନ ସନମାନ
ସେ'ପରା ଆଶାର ଉତ୍ସ
ନିଜ ସ୍ୱାର୍ଥ ତେଜି ଅନ୍ୟ ହିତ ପାଇଁ
ସର୍ବଦା କର ପ୍ରୟାସ
ନିରାଶା ହୋଇବ ଲୀନ
ତୁମ ସୁବିଚାର ଆଦରିବେ ଜନେ
ଜୀବନ ହୋଇବ ଧନ୍ୟ।

*ତେନ୍ତୁଳିପଦା, ଜଗତସିଂହପୁର*
*ମୋ-୭୩୫୫୬୭୩୪୩୪୬*



## ଶ୍ରମିକ ଦିବସ

**ଜଗଦୀଶ ସାହୁ**

ଦେଖିଛି ତାକୁ ଇଟା ଭାଟିରେ
ମୁଣ୍ଡରେ ଠେକା ଭିଡ଼ି
କାମ କରିକି ଥକି ପଡ଼ିଲେ
ଟାଣେ ଖଣ୍ଡିଆ ବିଡ଼ି ।
ଦେଖିଛି ତାକୁ କାରଖାନାରେ
ସାଙ୍ଗ ଶ୍ରମିକ ମେଳେ
ହାତକୁ ହାତ ମିଶାଇ ହସି
କାମ କରିବା ବେଳେ ।
ଦେଖିଛି ତାକୁ କ୍ଷେତମାଳରେ
ହାତେ କୋଦାଳ ଧରି
ଝାଳରେ ଭିଜି ମନ୍ଦା କରଇ
ମାଟିକୁ ଗୁଣ୍ଡ କରି ।
ଦେଖିଛି ତାକୁ ଖୋଳିବା ବେଳେ
ଗାଆଁ ପୋଖରୀ ମାଟି
ରାସ୍ତା ତିଆରି କରିଛି ସିଏ
ଘାଟି ପଥର କାଟି ।
ଦେଖିଛି ତାକୁ ମୁଣ୍ଡରେ ଠେକା
କୋଠା ଗଢ଼ିବା କାଳେ
କଂସାଏ ବାସି ପଖାଳ ଖାଏ
ଧରି ପିଆଜ ଫାଳେ ।
ଦେଖିଛି ତାକୁ ନଦୀବନ୍ଧକୁ
ବାନ୍ଧିଛି ହାତେ ତାର
ତା' ପରିଶ୍ରମ ମୂଲ ଦେବାକୁ
ଶକତି ଅଛି କାର ।
ଅନ୍ତର ଭରି ଜୁହାର କରେ
ତା' ପାଇଁ ଦିନଟିଏ
ମେ ପହିଲା ପାଳିବା ଆସ
ଯେଉଁଠି ଅଛ ଯିଏ ।

*ସଂଜପଡ଼ା, ହିନ୍ଦୋଳ,*
*ଢେଙ୍କାନାଳ-୭୫୯୧୨୮*
*ମୋ-୯୦୭୮୧୮୫୬୧୬*

## ଅଶୁଦ୍ଧ ଅନୁମାନ

**ତନିମା ବାଳା ପରିଡ଼ା**



ଝିପି ଝିପି ବର୍ଷା ଛୁଇଁ ଛୁଇଁ ଯାଏ ଯେବେ
ଅନୂଢ଼ା କିଶୋରୀ ଦେହ,
ଅନୁରକ୍ତିର ଟିପି ଟିପି ବର୍ଷା ଝରିପଡ଼େ
ଗୋଲାପି ଚିବୁକରୁ ତାର !
ସ୍ମିତହାସ୍ୟରୁ ପଡ଼ିଯାଏ ଧରା
ଅକୁହା କଥା ସବୁ ତା ମନ ତଳର !
ଏମିତି ଅନେକ କଥା କିଛି
ଅନୁଭବରେ ସହଜେ ହୁଏ ବୁଝି।
ଦୂର ଚନ୍ଦନ ବନର ମହ ମହ ବାସ୍ନାରେ,
ଆମ୍ବଡାଳ ଫାଙ୍କରୁ କୋଇଲିର କୁହୁ ତାନରେ
ମନ୍ଦ ମନ୍ଦ ମଳୟ ପବନରେ,
ଅନୁଭବି ହୁଏ ବସନ୍ତ ଆସୁଛି
ଫଗୁଣ ସାଥିରେ !
ହୁଅ ପଛେ ତୁମେ ଯେତେ ରୁପସୀ ସୁନ୍ଦରୀ
ଚେହେରାର ରକ୍ଷତାରୁ ତୁମ
ଇର୍ଷା ଅସୂୟା ଭାବ ସ୍ପଷ୍ଟ ହୁଏ ବାରି !

ଅନୁଭବ ଅନୁଭୂତିରୁ କରିହୁଏ ଅନୁମାନ
ଅନୁମାନ ଏକ ସ୍ୱୟଂସିଦ୍ଧ ପ୍ରମାଣ।
ଦୂର ପାହାଡ଼ରୁ ଉଠୁଥିବା ଧୂଆଁଧାର ଦେଖି
ଛାଏଁ ଜଣାପଡ଼େ ନିଆଁ ନିଶ୍ଚୟ ଲାଗିଛି ସେଇଠି !
ଉଚ୍ଚ ଆକାଶରେ କଳା ମେଘମାଳା ସୂଚାଏ
ବାଦଲ ଫଟେଇ ଧୁମ୍ ବର୍ଷିବ ଏବେ !
ଅନୁଭୂତିର ଅଙ୍କ ସବୁ ଭୁଲ୍ ହୁଏ
ଯେବେ ବ୍ୟତିକ୍ରମ ଘଟେ ପ୍ରକୃତିରେ
ଆକାଶରୁ ଅଜାଡ଼ି ହୋଇପଡ଼େ
ବର୍ଷାର ଧାରା ବିନା ଶ୍ରାବଣରେ !

ଠିକ୍ ସେମିତି ଭାଗ୍ୟର ବିଡ଼ମ୍ବନା ଘଟେ
ଏକ ନିରୀହ ମଣିଷ ଜୀବନରେ !
ନିର୍ବୋଧଟିଏ ଛଳନାର ଚାଦର ତଳେ
ଢାଙ୍କି ଦେଇ ନିଜ ଦୋଷ ଦୁର୍ଗୁଣ
ଆନୁମାନିକ ବିଚାରରେ
ନିରାଧାରେ ଉଡ଼ାଉଥାଏ ଅପବାଦର ଧୂଆଁ
ସରଳ ଏକ ମଣିଷର !
ବୋଲି ଦେଇ ତା ଦେହେ
ମୁଠାଏ କାଳିମା ଅବିର
ଭୋଗେ ଆତ୍ମସନ୍ତୋଷ ସ୍ପର୍ଦ୍ଧାର !
ହେଲେ, ଯେତେ ଯେତେ ଅନ୍ଦାଜି ଖିଆଲି
କଷଟିରେ ତାକୁ ପରଖୁଥାଏ
ସେତେ ସେତେ ନିଷ୍କପଟ ଖିଆଲିପଣରେ
ହୃଦୟ ତାର ସ୍ୱର୍ଣ୍ଣ ସମ ଚମକୁଥାଏ।

*ଏମ.ଏ (ଉତ୍କଳ) ଦର୍ଶନ, ଭୁବନେଶ୍ୱର*
*ମୋ-୯୪୩୭୦୮୯୮୫*

## ଜହ୍ନ:ଚଉପଦୀ

**ରତ୍ନକାନ୍ତି ମିଶ୍ର**



ରାକା ରଜନୀରେ ନୀଳାଭ ଆକାଶ ଦେହେ
ଚିକମିକ ତାରା ନିଃକ୍ଷୋଭ ନିଃସାର ମ୍ଳାନ,
ଅମା ଅନ୍ଧକାରେ ଦୀପ୍ତିତ ଥିଲା ତା କାନ୍ତି
ରୂପର ରୋଷଣୀ ଜାଳେ ଆଜି ତୋଫା ଜହ୍ନ ॥

ସାଗର ଉତ୍ତାଳ ଦୀର୍ଘ ପ୍ରତୀକ୍ଷାନ୍ତ ପରେ
ବଢାଇ ଦେଇଛି ଲହଡ଼ି ପାପୁଲି ଧୀରେ,
ତୋଳିବାକୁ ମନ ସ୍ନିଗଧ ରଜତ ଜ୍ୟୋତ୍ସ୍ନା
ପ୍ରୀତି ଅଭିସାର ରଚେ ପରା ଶର୍ବରୀରେ ॥

ପୂର୍ଣ୍ଣମୀ ତିଥିରେ ସୌର୍ଯ୍ୟ ସୌମ୍ୟକାନ୍ତ ଜହ୍ନ
ଚକୋର ପ୍ରାଣରେ ବିରହ ଗୀତିକା ତୋଳେ,
ନଈ ସେପାରିରେ କନକ ଗୋରୀର ଗାଆଁ
ପ୍ରେମୀ ଛାତିତଳେ ପ୍ରଣୟ ପିପାସା ଢାଳେ॥

କୁଆଁର ପୁନେଇଁ ତୋଫା ଜହ୍ନ ଅଭିଷେକ
ଆନ୍ଦୋଳିତ କରେ କୁଆଁରୀ କନିଆଁ ମନ,
କେତେ ଯେ ସପନ ବେପଥୁ ଜଗାଏ ଆସି
ବୁଝା ଅବୁଝାରେ ସୁରଭିତ ସମ୍ମୋହନ॥

*ଆଳି, କେନ୍ଦ୍ରାପଡ଼ା*

## ସେହି ମୋର ଗାଁଟି



**ଅସୀମା ପ୍ରଧାନ**

ଜିଳିବ ନାହିଁ ସେଇଠି ଦିନେ
ମୋର ଚିତା ନିଆଁଟି ॥
କେତେ ଦିନୁ ଛାଡ଼ିଛି ଗାଁ ମୋର
ଯାଇ ଶାଶୁଘର
ଦୁଇଟି ଗାଁକୁ ନିଜର କରି
ଭୁଲିନି ଗାଁ ମୋର ॥
ସେହି ମୋର ଗାଁଟି
ପାଖରେ ଥାଇ ଦୂରେଇ ଯାଇ
ରଖିବି ତା ନାଁଟି ॥
ସେଇ ଦଣ୍ଡ ପୋଖରୀକୂଳ
ଆଜି ତ ଅଚିହ୍ନା
ପିଜୁଳି ଗଛ ଆମ୍ବର ଡାଳ
ସବୁ ତ ଅଜଣା ॥
ସେହି ମୋର ଗାଁଟି
ଚିହ୍ନିବେ ନାହିଁ ମୋତେ ତ କେହି
ଗଲେ ଦିନ ଦୁଇଟି ॥
ଧୂଳି ମାଟିର ମୋର ସରଗ
ମୋ ପାଇଁ ଅଭୁଲା
ଅଙ୍କା ବଙ୍କା ତା ସଡ଼କ ପଥ
କାହିଁ ହଜିଗଲ ॥
ସେହି ମୋର ଗାଁଟି
ଶରୀର ମୋର ଯେଉଁଠି ଥାଉ
ହୃଦୟ ସେଇଠି ॥
ମାହେଶ୍ୱରୀ ଗାଁ ଦେବୀଙ୍କୁ ଦେଖି
ଥରୁଥିଲା ଛାତି
ମା' ମୋତେ ତୁ କୋଳେଇ ନେ ଆଜି
କରଇ ବିନତି ॥
ସେହି ମୋର ଗାଁଟି
ଆଜି ବି ଡିଏଁ ଦଉଡେ ନାଚେ
ଗାଁ କଥା ଭାବି ଟି ॥
ତା ତାଳ ସଜ ଖଜୁରୀ ମୂଳ
ମଧୁଠାରୁ ମିଠା
ପୂରେ ନାହିଁ ମନ ମୋର ଆଜି
ଖାଇ କେତେ ପିଠା ॥
ସେହି ମୋର ଗାଁଟି
ଯାହା ନାଁ ସହ ନିଜ ନାଁ ଯୋଡ଼ି
ଉଷତ ହୁଏଟି ॥
ଛଳ ଛଳ ତାର ରୂପା ଜଳ
ଡରାଇଛି କେତେ
ହଜିବାକୁ ଇଚ୍ଛା ହୁଏ ଆଜି
ତା ଶୀତଳ ସ୍ରୋତେ ॥
ସେହି ମୋର ଗାଁଟି
ଛିଣ୍ଡେଇ ଶୃଙ୍ଖଳ ଯିବି ଧାଇଁ
ପ୍ରଶାନ୍ତି ଖୋଜିଟି ॥

*ବୀରମହାରାଜପୁର, ସୁବର୍ଣ୍ଣପୁର*

## ଏ ପରାଣ ମୋର ତୋତେ ହିଁ ଖୋଜୁଛି

**ହରିଶ୍ଚନ୍ଦ୍ର ବେହେରା**

ଏ ପରାଣ ମୋର ତୋତେ ହିଁ ଖୋଜୁଛି
ଯେତେ ଦୂରେ ଥାଏଁ ମୁହିଁ
ଅଙ୍କା ବଙ୍କା ନଈଟିଏ ବୋହି ଯାଏ
ହୃଦୟକୁ ଛୁଇଁ ଛୁଇଁ ।।

ଆଖିରେ ଆଖିଏ ଲୁହ ନେଇ ନିତି
ତୋହରି ବନ୍ଦନା ଗାଏ
ତୋ କଥା ଯେବେବି ମନେ ପଡ଼େ ମୋର
କୁସୁମ ବରଷି ଯାଏ
ହୃଦୟ କୁଞ୍ଜରୁ କୋଇଲିର କୁହୁ
ଅଦିନେ ବି ଶୁଭୁ ଥାଇ ।।

କେଉଁଠି ହଜିଲା ପାଞ୍ଚ ମାଣିଆରେ
ମାଛଧରା ଦିନ ମାନ
ତାଳ ବୁରେଇରେ ତାଳ ସଜ ଖିଆ
ଚକୁଳିଆ ପଣ୍ଡା ଗାନ
ହାରିହାଟ ଆଉ ରାସ ପଞ୍ଚମୀର
ଦିନ ସବୁ ଗଲା କାହିଁ ।।

କାନ୍ଦଣା ଲହରୀ ଖୁଲଣା ସୁନ୍ଦରୀ
ଗୀତ ଆଉ ଶୁଭୁ ନାହିଁ
ଶୁଭ ଓ ଅଶୁଭ ଖବର ଦେବାକୁ
ଦାଣ୍ଡ କାକ ଆସୁ ନାହିଁ
ସେରକ ପୂରିଲା ମାଣକ ପୂରିଲା
କପୋତୀ ବାହୁନା କାହିଁ ।।

*କଲ୍ୟାଣ ନଗର, ବାଲେଶ୍ୱର -୧*
*ମୋ-୯୪୩୭୮୧୩୭୦୮*

## ପାରଦ ଗଲାଣି ବଢ଼ି

**ସୁହଂସ ଭୋଇ**



ବଇଶାଖ ଖରା ଟାଇଁଟାଇଁ ମାରେ
ପାରଦ ଗଲାଣି ବଢ଼ି,
ରହି ରହି ଦେଖ ଚଗଲା ପବନ
ବୋହୁଛି ଘଡିକୁ ଘଡି ।

ନିଛାଟିଆ ଲାଗେ ନଈକୂଳ ବିଲ
ପତର ପଡୁଛି ଝଡ଼ି,
ଥୁଣ୍ଟା ଗଛଟିରେ ଝୁପାଝୁପା ହୋଇ
ଝୁଲୁଛି ମହୁଲ କଢ଼ି ।

କେରାକେରା ଝରା ବଉଳର ବାସ
ବଣ ସାରା ମହକୁଛି,
ଅଳପ ଦିନରେ ଧରିବ ସେ କଷି
ରଙ୍ଗ ତାର ବଦଳୁଛି ।

ସୋରିଷ ଫୁଲଟି ଝାଉଁଳି ପଡୁଛି
ଦେହରେ ବାଜିଲେ ତାତି,
ରବି ମୁଖ ଚାହିଁ ହସେ ସୂର୍ଯ୍ୟମୁଖୀ
ହସରୁ ଝରୁଛି ମୋତି ।

ହିଡ ମୁଣ୍ଡେ ଠିଆ ହୋଇଛି ପଳାଶ
ମନ ଉଣା ଟିକେ କରି,
ବାସ ଗନ୍ଧ ସିନା ନାହିଁ ତା' ନିଜର
ଶୋଭା ନିଏ ମନ ହରି ।

ନଈ ସୁଅ ଧାର ସରୁ ଦିଶିଲାଣି
ମନ୍ଥର ହେଲାଣି ଗତି,
ଏଣିକି ଚଇତି ଶୋଷି ନେବ ସବୁ
ସେ' ତ ନିଦାରୁଣ ଅତି ।

*ପହଣ୍ଡି, ବିଜେପୁର, ବରଗଡ଼*
*ମୋ-୯୪୩୭୫୨୨୪୫୫*

# ବିଶ୍ୱର ଶ୍ରେଷ୍ଠ ୧୦ କ୍ରୀଡ଼ାପ୍ରଧାନ ଦେଶରେ ପରିଣତ ହେବ ଭାରତ : କ୍ରୀଡ଼ାମନ୍ତ୍ରୀ

**ନୂଆଦିଲ୍ଲୀ**

ଆସନ୍ତା ୧୦ ବର୍ଷରେ ଅର୍ଥାତ ୨୦୩୬ ସୁଦ୍ଧା ଭାରତ ବିଶ୍ୱର ଶ୍ରେଷ୍ଠ ଦଶଟି ଓ ୨୦୪୭ ସୁଦ୍ଧା ଶ୍ରେଷ୍ଠ ପାଞ୍ଚ କ୍ରୀଡ଼ାପ୍ରଧାନ ଦେଶ ମଧ୍ୟରେ ଅନ୍ୟତମ ହେବ ବୋଲି କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ କହିଛନ୍ତି । କଶ୍ମୀର ଗସ୍ତ ଅବସରରେ ସେ କହିଛନ୍ତି ଯେ ଦେଶରେ କ୍ରୀଡ଼ାର ଉନ୍ନତି ଲାଗି ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି । 'ଖେଲୋ ଇଣ୍ଡିଆ' ଓ 'ଫିଟ୍ ଇଣ୍ଡିଆ' ଆଦି କାର୍ଯ୍ୟକ୍ରମ ଯୋଗୁଁ ଦେଶର କ୍ରୀଡ଼ା କ୍ଷେତ୍ରରେ ଉନ୍ନତି ହେଉଛି ଓ ଯୁବପିଢି ସୁଯୋଗ ପାଉଛନ୍ତି । ସେ କହିଛନ୍ତି ଯେ ୨୦୩୦ରେ ଭାରତ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ କରିବାକୁ ଯାଉଛି ଓ ୨୦୩୬ ଅଲମ୍ପିକ୍ସ ପାଇଁ ଦାବି କରୁଛି । ଅନ୍ତର୍ଜାତୀୟ ଅଲମ୍ପିକ କମିଟିର ସବୁ ପ୍ରକାରର ଦାବି ଓ ମାନଦଣ୍ଡ ପୂରଣ ଲାଗି ପଦକ୍ଷେପ ନିଆଯାଉଛି । ଦେଶରେ କ୍ରୀଡ଼ା ପ୍ରଶାସନର ଉନ୍ନତି ଓ ଏକ ଢାଞ୍ଚାଗତ ବ୍ୟବସ୍ଥା ସୃଷ୍ଟି ଲାଗି ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।



# ଗୁଜରାଟକୁ ୫ ୱିକେଟ୍‌ରେ ହରାଇଲା ବେଙ୍ଗାଲୁରୁ

**ବେଙ୍ଗାଲୁରୁ**

ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୬ର ୩୪ତମ ମ୍ୟାଚରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ କମାଲ କରିଛି । ଗୁଜରାଟ ବିପକ୍ଷରେ ୫ ୱିକେଟ୍‌ରେ ବିଜୟୀ ହୋଇଛି । ସ୍ଥାନୀୟ ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ୨୦୬ ରନ୍‌ର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିଲା । ବେଙ୍ଗାଲୁରୁ ୧୮.୫ ଓଭରରେ ୫ଟି ୱିକେଟ ହରାଇ ଲକ୍ଷ୍ୟ ହାସଲ କରିଛି । ଦଳର ପ୍ରାରମ୍ଭିକ ବ୍ୟାଟିଂ ସେତେ ଭଲ ନଥିଲେ ମଧ୍ୟ ପରେ ଦଳ ପ୍ରଶଂସନୀୟ ପ୍ରଦର୍ଶନ କରିଥିଲା । ବେଙ୍ଗାଲୁରୁ ଦଳ ଏକ ସଙ୍କଟ ସ୍ଥିତି ଦେଇ ଗତି କରୁଥିବା ବେଳେ କୃଣାଳ ପାଣ୍ଡ୍ୟା (ଅପରାଜିତ ୨୩ ରନ୍) ଏବଂ ଟିମ୍ ଡେଭିଡ (ଅପରାଜିତ ୧୦ ରନ୍) ଧୈର୍ଯ୍ୟର ସହିତ ବ୍ୟାଟିଂ କରିଥିଲେ ।

ବେଙ୍ଗାଲୁରୁ ପାଇଁ ଜାକୋବ ବେଥେଲ ଏବଂ ବିରାଟ କୋହଲି ଇନିଂସ ଆରମ୍ଭ କରିଥିଲେ । ଉଭୟ ବ୍ୟାଟର ପ୍ରଥମ ୱିକେଟ୍ ପାଇଁ ୨୪ ରନ୍ ସଂଗ୍ରହ କରିଥିଲେ । ଏଥିରେ ବେଥେଲଙ୍କ ବ୍ୟକ୍ତିଗତ ସ୍କୋର ୧୪ ରନ୍ ଥିଲା, ଯିଏକି ୩ଟି ଚୌକା ମାଧ୍ୟମରେ ଏହା କରିଥିଲେ ।

ବେଙ୍ଗାଲୁରୁକୁ ୧୪୧ ରନ୍‌ରେ ଦ୍ୱିତୀୟ ଝଟ୍‌କା ଲାଗିଥିଲା । କୋହଲିଙ୍କ ସହିତ ଦେବଦୂତ୍ତ ପଡ୍ଡିକଲ ୧୧୭ ରନ୍‌ର ଭାଗିଦାରୀ କରି ଆଉଟ୍ ହୋଇଥିଲେ । ସେ ବ୍ୟକ୍ତିଗତ ଭାବେ ୨୭ଟି ବଲ୍‌ରୁ ୫୫ ରନ୍ ସଂଗ୍ରହ କରିଥିଲେ । ଏଥିରେ ୨ଟି ଚୌକା ଏବଂ ୬ଟି ଛକା ସାମିଲ ଥିଲା । ଗୁଜରାଟର ତୃତୀୟ ଶିକାର ବିରାଟ କୋହଲି ହୋଇଥିଲେ । କିନ୍ତୁ କୋହଲି ଆଉଟ୍ ହେବା ପୂର୍ବରୁ ଦଳ ପାଇଁ ଏକ ବଡ଼ ଯୋଗଦାନ ଦେଇଥିଲେ । ସେ ୪୪ଟି ବଲ୍‌ର ସାମ୍ନା କରି ୮୧ ରନ୍ ସଂଗ୍ରହ କରିଥିଲେ । ଏଥିରେ ୮ଟି ଚୌକା ଏବଂ ୪ଟି ଛକା ସାମିଲ ଥିଲା ।

ଆୟୋଜକ ବେଙ୍ଗାଲୁରୁ ଟସ୍ ଜିଣି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା । ଗୁଜରାଟ ନିର୍ଦ୍ଧାରିତ ୨୦ ଓଭରରେ ୩ଟି ୱିକେଟ୍ ହରାଇ ୨୦୫ ରନ୍ କରିଛି । ଫଳରେ ବେଙ୍ଗାଲୁରୁକୁ ୨୦୬ ରନ୍‌ର ବିଜୟ ଲକ୍ଷ୍ୟ ମିଳିଛି । ବେଙ୍ଗାଲୁରୁ ୱିକେଟ ପାଇବାକୁ ବିକଳ ହେଉଥିଲା ବେଳେ ଗୁଜରାଟର ପ୍ରାରମ୍ଭିକ ବ୍ୟାଟର ସାଇସୁଦର୍ଶନ ଏବଂ ଅଧିନାୟକ ଶୁବମନ ଗିଲ୍ ବିସ୍ଫୋରକ ବ୍ୟାଟିଂ କରିଥିଲେ । ଉଭୟ ବ୍ୟାଟର ପ୍ରଥମ ୱିକେଟ୍ ପାଇଁ ୧୦୦ ରନ୍‌ର ଭାଗିଦାରୀ କରିଥିଲେ । ଏଥିରୁ ଗିଲ୍ ୩୨ ରନ୍ ବ୍ୟକ୍ତିଗତ ଭାବେ ସ୍କୋର କରିଥିଲେ । ସେ ୨୪ଟି ବଲ୍ ଖେଳି ୨ଟି ଚୌକା ଏବଂ ଗୋଟିଏ ଛକା ମାରିଥିଲେ ।

ବେଙ୍ଗାଲୁରୁ ଦ୍ୱିତୀୟ ୱିକେଟ୍ ଭାବେ ସାଇ ସୁଦର୍ଶନଙ୍କୁ ଆଉଟ୍ କରିଥିଲା । ମାତ୍ର ସୁଦର୍ଶନ ଆଉଟ୍ ହେବା ପୂର୍ବରୁ ଶତକ (୧୦୦ ରନ୍) ହାସଲ କରିଥିଲେ । ସେ ୫୮ଟି ବଲ୍ ସାମ୍ନା କରି ୧୧ଟି ଚୌକା ଏବଂ ୫ଟି ଛକା ମାରିଥିଲେ । ଜୋସ ହେଜଲଉଡ୍‌ଙ୍କୁ ବେଙ୍ଗାଲୁରୁ ତୃତୀୟ ୱିକେଟ୍ ଭାବେ ଆଉଟ୍ କରିଥିଲା । ହେଜଲଉଡ୍ ୧୬ଟି ବଲ୍ ଖେଳି ୨ଟି ଚୌକା ଏବଂ ଗୋଟିଏ ଛକା ବଳରେ ୨୫ ରନ୍ ସଂଗ୍ରହ କରିଥିଲେ ।



# ଓଡ଼ିଶାରେ ଆୟୋଜିତ ହେବ ଜାତୀୟ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ ଚାମ୍ପିଅନସିପ୍




**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

କଳିଙ୍ଗ ଷ୍ଟାଡିୟମଠାରେ ଆସନ୍ତା ଏପ୍ରିଲ ୨୫ରୁ ମେ' ୩ ପର୍ଯ୍ୟନ୍ତ ୨୦୨୬–୨୭ ଜୁନିୟର ଓ ସିନିୟର ଜାତୀୟ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ ଚାମ୍ପିଅନସିପ୍ ଅନୁଷ୍ଠିତ ହେବ । ଓଡ଼ିଶା ଜିମ୍ନାଷ୍ଟିକ୍ ଆସୋସିଏସନ (ଓଜିଏ) ପକ୍ଷରୁ ଶୁକ୍ରବାର ଭୁବନେଶ୍ୱରରେ ଏକ ସାମ୍ବାଦିକ ସମ୍ମିଳନୀ ଏହି ସୂଚନା ଦିଆଯାଇଛି ।

ଏହି ପ୍ରତିଯୋଗିତା ଓଡ଼ିଶା ଜିମ୍ନାଷ୍ଟିକ୍ ଆସୋସିଏସନ, ଭାରତୀୟ ଜିମ୍ନାଷ୍ଟିକ୍ ଫେଡେରେସନ୍ (ଜିଏଫଆଇ) ଏବଂ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗର ମିଳିତ ସହଯୋଗରେ ଆୟୋଜିତ ହେଉଛି ।

ଏହି ପ୍ରତିଯୋଗିତାରେ ୨୫ଟି ରାଜ୍ୟ, ୩ଟି କେନ୍ଦ୍ରଶାସିତ ଅଞ୍ଚଳ ଏବଂ ସର୍ଭିସ୍ ବୋର୍ଡର ୬୦୦ରୁ ଅଧିକ ଜିମ୍ନାଷ୍ଟ ଭାଗ ନେବେ । ପୁରୁଷ ଏବଂ ମହିଳା ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ ବର୍ଗରେ ଟିମ୍ ଚାମ୍ପିଅନସିପ୍, ବ୍ୟକ୍ତିଗତ ଅଲ-ଆରାଉଣ୍ଡ ଏବଂ ଆପାରାଟସ୍ ଫାଇନାଲ୍ ଅନୁଷ୍ଠିତ ହେବ । ପ୍ରଣତି ନାୟକ, ତପନ ମହାନ୍ତି, ଯୋଗେଶ୍ୱର ସିଂ, ଆଶିଷ କୁମାରଙ୍କ ଭଳି ଦେଶର ନାମୀଦାମୀ ଜିମ୍ନାଷ୍ଟମାନେ ଏଥିରେ ପ୍ରତିଭା ପ୍ରଦର୍ଶନ କରିବେ । ଏହି ଜାତୀୟ ଚାମ୍ପିଅନସିପ୍ ଆଧାରରେ ଆଗାମୀ ଏସୀୟ କ୍ରୀଡ଼ା, କମନୱେଲ୍‌ଥ ଗେମ୍ସ ଏବଂ ଏସୀୟ ଚାମ୍ପିଅନସିପ୍ ପାଇଁ ଖେଳାଳି ଚୟନ କରାଯିବ ।

ସାମ୍ବାଦିକ ସମ୍ମିଳନୀରେ କ୍ରୀଡ଼ା ବିଭାଗର ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ କହିଛନ୍ତି ଯେ, ଓଡ଼ିଶା ବିଶ୍ୱସ୍ତରୀୟ ଭିତ୍ତିଭୂମି ଏବଂ ବୈଜ୍ଞାନିକ ପ୍ରଶିକ୍ଷଣ ମାଧ୍ୟମରେ କ୍ରୀଡ଼ା କ୍ଷେତ୍ରରେ ଏକ ପ୍ରମୁଖ କେନ୍ଦ୍ର ଭାବେ ଉଭା ହୋଇଛି । ଜିମ୍ନାଷ୍ଟିକ୍ ଫେଡେରେସନର ମୁଖ୍ୟ କାର୍ଯ୍ୟନିର୍ବାହୀ କଲ୍ଲୋଳ ମୁଖାର୍ଜୀ ଏବଂ ଓଡ଼ିଶା ଜିମ୍ନାଷ୍ଟିକ୍ ଆସୋସିଏସନର ସମ୍ପାଦକ ଅଶୋକ ସାହୁ ଏହି ପ୍ରତିଯୋଗିତାକୁ ଯୁବ ପ୍ରତିଭାଙ୍କ ପାଇଁ ଏକ ବଡ଼ ସୁଯୋଗ ବୋଲି ଅଭିହିତ କରିଛନ୍ତି ।

## ୫୩ ବର୍ଷରେ ପାଦ ଥାପିଲେ କ୍ରିକେଟର ଭଗବାନ

# ସଚିନ ତେନ୍ଦୁଲକରଙ୍କ ୭ ରେକର୍ଡ, ଯାହା ଆଜି ପର୍ଯ୍ୟନ୍ତ କେହି ଭାଙ୍ଗିପାରିନାହାନ୍ତି

**ନୂଆଦିଲ୍ଲୀ**

ଯେତେବେଳେ ବି କ୍ରିକେଟ କଥା ଆସେ, ସଚିନ ତେନ୍ଦୁଲକରଙ୍କ ନାମ ସର୍ବାଗ୍ରେ ଆସେ । ସଚିନଙ୍କୁ କ୍ରିକେଟର ଭଗବାନ ଆଖ୍ୟା ଦିଆଯାଇଛି । ସାରା ବିଶ୍ୱରୁ ଅନେକ କିମ୍ବଦନ୍ତୀ କ୍ରିକେଟରଙ୍କ ସହ ଖେଳିଥିବା ସଚିନ ତାଙ୍କ ବ୍ୟାଟିଂରେ ନିଜର ପରିଚୟ ସୃଷ୍ଟି କରି ବିଶ୍ୱ କ୍ରିକେଟରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି । ସଚିନ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଗ୍ରହଣ କରିବାର ୧୩ ବର୍ଷରୁ ଅଧିକ ସମୟ ବିତିଗଲାଣି, କିନ୍ତୁ ଆଜି ମଧ୍ୟ ତାଙ୍କ ନାମରେ ଏପରି ଅନେକ ରେକର୍ଡ ଅଛି ଯାହାକୁ କେହି ଭାଙ୍ଗି ପାରି ନାହାନ୍ତି । ମାତ୍ର ୧୬ ବର୍ଷ ବୟସରେ ଭାରତ ପାଇଁ ଡେବ୍ୟୁ କରିଥିବା ସଚିନ ତାଙ୍କର ୫୩ତମ ଜନ୍ମଦିନ ପାଳନ କରିଛନ୍ତି । ଏହି ଅବସରରେ ତାଙ୍କର ବିଶେଷ ରେକର୍ଡଗୁଡ଼ିକ ଉପରେ ନଜର ପକାଇବା... ।

୧–ସର୍ବାଧିକ ଦିନିକିଆ ରନ : ସଚିନ ତେନ୍ଦୁଲକରଙ୍କ ପାଖରେ ଏବେ ବି ଦିନିକିଆରେ ସର୍ବାଧିକ ରନ କରିବାର ରେକର୍ଡ ଅଛି । ଏହି ପରିସଂଖ୍ୟାନ ଦେଖିଲେ ମନେହୁଏ ଯେ, ଆଗାମୀ ଅନେକ ବର୍ଷ ପର୍ଯ୍ୟନ୍ତ କେହି ଏହି ରେକର୍ଡ ଭାଙ୍ଗିପାରିବେ ନାହିଁ । ସଚିନ ୧୯୮୯ ରୁ ୨୦୧୨ମଧ୍ୟରେ ମୋଟ ୪୬୩ ଦିନିକିଆ ଖେଳି ୧୮,୪୨୬ ରନ କରିଥିଲେ । ବିରାଟ କୋହଲି ତାଙ୍କ ନିକଟତମ, କିନ୍ତୁ ସେ ମଧ୍ୟ ପ୍ରାୟ ୪,୦୦୦ ରନ ପଛରେ ଅଛନ୍ତି । କୋହଲି ବର୍ତ୍ତମାନ ଦିନିକିଆ ଫର୍ମାଟରେ ଖେଳନ୍ତି, ଯଦିଓ ଏହି ରେକର୍ଡ ଭାଙ୍ଗିବା ତାଙ୍କ ପାଇଁ ବହୁତ କଷ୍ଟକର ହେବ ।

୨. ସର୍ବାଧିକ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିବା ରେକର୍ଡ : ସଚିନ ତେନ୍ଦୁଲକର ହେଉଛନ୍ତି ସବୁଠାରୁ ଅଧିକ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିବା ଖେଳାଳି । ସେ ତାଙ୍କ କ୍ୟାରିଅରରେ ମୋଟ ୬୬୪ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଛନ୍ତି । ବର୍ତ୍ତମାନର ଖେଳାଳିମାନଙ୍କ ମଧ୍ୟରେ କୋହଲି ତାଙ୍କ ନିକଟତମ, ୫୫୯ ମ୍ୟାଚ୍ ଖେଳିଛନ୍ତି, କିନ୍ତୁ ସେ ବର୍ତ୍ତମାନ କେବଳ ଦିନିକିଆ ଫର୍ମାଟରେ ଖେଳନ୍ତି । ତେଣୁ ତାଙ୍କ ପାଇଁ ଆଉ ୧୦୪ ମ୍ୟାଚ୍ ଖେଳିବା କଷ୍ଟକର । ଏହା ଅସମ୍ଭବ ।



ମାହେଲା ଜୟବର୍ଦ୍ଧନେ (୬୫୨) ସଚିନଙ୍କ ରେକର୍ଡ ଭାଙ୍ଗିବା ନିକଟରେ ପହଞ୍ଚିଥିଲେ, କିନ୍ତୁ ସେ କରିପାରି ନ ଥିଲେ ।

୩. ସର୍ବାଧିକ ଅନ୍ତର୍ଜାତୀୟ ଶତକ : ଅନ୍ତର୍ଜାତୀୟ କ୍ରିକେଟରେ ସର୍ବାଧିକ ଶତକର ରେକର୍ଡ ସଚିନଙ୍କ ନାମରେ ଅଛି । ସେ ୧୦୦ ଶତକ ମାରିଛନ୍ତି । ବିରାଟ କୋହଲିଙ୍କ ପାଖରେ ଏହି ରେକର୍ଡ ଭାଙ୍ଗିବାର ସମ୍ଭାବନା ଅଛି ବୋଲି କୁହାଯାଏ, କାରଣ ସେ ପୂର୍ବରୁ ୮୫ ଶତକ ମାରିସାରିଛନ୍ତି । ସେ ଟି୨୦ ଏବଂ ଟେଷ୍ଟ କ୍ରିକେଟରୁ ଅବସର ନେଇସାରିଛନ୍ତି ଏବଂ ଦିନିକିଆ ଫର୍ମାଟରେ କମ୍ ମ୍ୟାଚ୍ ଅଛି, ଯାହା ଫଳରେ ତାଙ୍କ ପାଇଁ ଆଉ ୧୫ ଦିନିକିଆ ଶତକ ମାରିବା ବହୁତ କଷ୍ଟକର ହୋଇପଡ଼ିଛି ।

୪. ସବୁଠାରୁ ଲମ୍ବା ଅନ୍ତର୍ଜାତୀୟ କ୍ୟାରିଅର : ସଚିନ ତେନ୍ଦୁଲକର ନଭେମ୍ବର ୧୯୮୯ରେ ତାଙ୍କର ଅନ୍ତର୍ଜାତୀୟ ଡେବ୍ୟୁ କରିଥିଲେ ଏବଂ ନଭେମ୍ବର ୨୦୧୩ରେ ତାଙ୍କର ଶେଷ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିଲେ । ତାଙ୍କର ଅନ୍ତର୍ଜାତୀୟ କ୍ୟାରିଅର ୨୪ ବର୍ଷ ଏବଂ ଗୋଟିଏ ଦିନ ଥିଲା, ଯାହା ସବୁଠାରୁ ଲମ୍ବା ।

୫. ସର୍ବାଧିକ ଅନ୍ତର୍ଜାତୀୟ ରନ ସ୍କୋରର ସଚିନ ତେନ୍ଦୁଲକର : ସଚିନ ୬୬୪ ଅନ୍ତର୍ଜାତୀୟ ମ୍ୟାଚର ୭୮୨ ଇନିଂସରେ ୩୪,୩୫୭ ରନ କରିଛନ୍ତି । ବିଶ୍ୱରେ ଆଉ କେହି ୩୦,୦୦୦ ରନ ମଧ୍ୟ କରିନାହାଁନ୍ତି । ତାଙ୍କ ୧୦୦ ଶତକ ବ୍ୟତୀତ, ସଚିନ ୧୬୪ ଅର୍ଦ୍ଧଶତକ ମାରିଛନ୍ତି ।

୬. ସର୍ବାଧିକ ଟେଷ୍ଟ ଶତକ : ଟେଷ୍ଟ କ୍ରିକେଟରେ କେବଳ ସଚିନ ତେନ୍ଦୁଲକର ଶତକର ଅର୍ଦ୍ଧଶତକ ମାରିଛନ୍ତି । ସଚିନ ୨୦୦ ଟେଷ୍ଟ ମ୍ୟାଚରେ ୫୧ ଶତକ ମାରିଛନ୍ତି । ବର୍ତ୍ତମାନର ଖେଳାଳିମାନଙ୍କ ମଧ୍ୟରେ, ଜୋ ରୁଟ୍ (୪୧) ସର୍ବାଧିକ ଟେଷ୍ଟ ଶତକର ରେକର୍ଡ ରଖିଛନ୍ତି । ସଚିନଙ୍କ ରେକର୍ଡ ଭାଙ୍ଗିବା ପାଇଁ ତାଙ୍କୁ ଆଉ ୧୧ ଟେଷ୍ଟ ଶତକ ଆବଶ୍ୟକ ।

୭. ଦିନିକିଆରେ ସର୍ବାଧିକ ପ୍ଲେୟାର ଅଫ ଦି ମ୍ୟାଚ ପୁରସ୍କାର : ସଚିନ ତେନ୍ଦୁଲକର ଦିନିକିଆରେ ସର୍ବାଧିକ ପ୍ଲେୟାର ଅଫ ଦି ମ୍ୟାଚ୍ ପୁରସ୍କାର ଜିତିବାର ବିଶ୍ୱ ରେକର୍ଡ ରଖିଛନ୍ତି, ସେ ମୋଟ ୬୨ ଥର ଏହି ପୁରସ୍କାର ଜିତିଛନ୍ତି । ସକ୍ରିୟ ଖେଳାଳିମାନଙ୍କ ମଧ୍ୟରେ, ବିରାଟ କୋହଲି ସର୍ବାଧିକ ପ୍ଲେୟାର ଅଫ ଦି ମ୍ୟାଚ ପୁରସ୍କାର ଜିତିବାର ରେକର୍ଡ ରଖିଛନ୍ତି, ସେ ୪୫ ଥର ଏହା ଜିତିଛନ୍ତି । ସଚିନଙ୍କ ରେକର୍ଡ ଭାଙ୍ଗିବାକୁ ହେଲେ ତାଙ୍କୁ ୧୮ ଥର ଏହି ପୁରସ୍କାର ଜିତିବାକୁ ପଡ଼ିବ, ଯାହା ପ୍ରାୟ ଅସମ୍ଭବ ।

# ଓସିଏ ଆନ୍ତଃ ଜିଲ୍ଲା ମହିଳା କ୍ରିକେଟ : ବରଗଡ଼ ମହିଳା ଦଳ ବିଜୟୀ



**ଖୋର୍ଦ୍ଧା, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶା କ୍ରିକେଟ ଆସୋସିଏସନ୍ ଆନୁକୂଲ୍ୟରେ ଚାଲିଥିବା ଆନ୍ତଃ ଜିଲ୍ଲା ସିନିୟର୍ ମହିଳା ଟି –୨୦ କ୍ରିକେଟ ପ୍ରତିଯୋଗିତାର ଖୋର୍ଦ୍ଧା ଜୋନ୍ ମ୍ୟାଚ୍ ଶୁକ୍ରବାର ସ୍ଥାନୀୟ ବିଜେବି ହାଇସ୍କୁଲ ମିନି ଷ୍ଟାଡିୟମ ଆରମ୍ଭ ହୋଇଅଛି । ପ୍ରାରମ୍ଭିକ ମ୍ୟାଚ୍‌ରେ ବରଗଡ଼ ଜିଲ୍ଲା ଦଳ କୋରାପୁଟ ଜିଲ୍ଲା ଦଳକୁ ପରାସ୍ତ କରି ବିଜୟୀ ହୋଇଛି ।

ବରଗଡ଼ ଦଳ ପ୍ରଥମେ ବ୍ୟାଟିଂ ଆରମ୍ଭ କରି ନିର୍ଦ୍ଧାରିତ ୨୦ ଓଭରରେ ୪ ୱିକେଟ୍ ହରାଇ ଏଞ୍ଜେଲ ରାଜ ଙ୍କ ୫୭ ରନ୍ ଓ ଲିପ୍‌ସା ରଥଙ୍କ ୨୯ ରନ୍ ସହାୟତାରେ ୧୪୫ ରନ୍ କରିଥିଲେ । ପତ୍ୟୁତ୍ତରରେ କୋରାପୁଟ ଦଳ ୧୮.୫ ଓଭରରେ ସମସ୍ତ ୱିକେଟ୍ ହରାଇ ମାତ୍ର ୮୧ ରନ୍‌ରେ ସୀମିତ ରହିଥିଲା । ଦଳ ତରଫରୁ ସୁଧୃତି ରାଉତ ୨୫ ରନ୍ କରିଥିବା ବେଳେ ବରଗଡ଼ ପକ୍ଷରୁ ଦେବାଂଶି, ଲୁଇସା ଦାଶ ଓ ଶ୍ରେୟା ପରମାଣିକ ପ୍ରତ୍ୟେକ ୩ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ ।

ପ୍ରାରମ୍ଭରେ ଏହି ଜୋନାଲ ମ୍ୟାଚ୍‌କୁ ଖୋର୍ଦ୍ଧା ପୌରପରିଷଦର ପୂର୍ବତନ ପୌରାଧକ୍ଷା ସଂଯୁକ୍ତା ସାହୁ ଏବଂ ଖୋର୍ଦ୍ଧା କ୍ରିକେଟ କ୍ଲବ୍‌ର ପୂର୍ବତନ ଅଧିନାୟକ ଦେବୀ ଶଙ୍କର ପଣ୍ଡା ଉଦ୍‌ଘାଟନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଆସୋସିଏସନ୍‌ର ସଭ୍ୟ ବିବେକାନନ୍ଦ ବୋଷ, ଚଣ୍ଡୀ ପ୍ରସାଦ ଆଚାର୍ଯ୍ୟ, ସୁଧୀର ସାହୁ, କାଜଲ ବଳିଆରସିଂ, ଅବ୍ୟକ୍ତ ହରିହର ଖାଡ଼ଙ୍ଗା, ବିରଞ୍ଚି ନାରାୟଣ ଜେନା ପ୍ରମୁଖ ଉପସ୍ଥିତ ରହି ମ୍ୟାଚ୍‌କୁ ପରିଚାଳନା କରିଥିଲେ । ଏହି ଅବସରରେ ଖୋର୍ଦ୍ଧା ମହିଳା ଜିଲ୍ଲା ଦଳର ଦିବ୍ୟାନ୍ବି ପଣ୍ଡା ଓ ସୌମ୍ୟା ପାଟଶାଣୀଙ୍କୁ ଜିଲ୍ଲା ସଙ୍ଘ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅମ୍ପାୟାର ରୂପେ ସତ୍ୟ ତ୍ରିପାଠୀ, ରାଜେଶ ମହାପାତ୍ର ଓ ସ୍କୋରର ଭାବେ ବିଶାଳ ପରିଡ଼ା କାର୍ଯ୍ୟ କରିଥିଲେ ।

# ମା'ଙ୍କୁ ମୁଖାଗ୍ନି ଦେଇ ମ୍ୟାଚ୍ ଖେଳିଲେ ମୁକେଶ ଚୌଧୁରୀ

**ନୂଆଦିଲ୍ଲୀ**

ବିରାଟ କୋହଲିଙ୍କ ବିଷୟରେ ଏକ ପ୍ରସିଦ୍ଧ ଏବଂ ହୃଦୟସ୍ପର୍ଶୀ କାହାଣୀ ଅଛି, ଯିଏ ତାଙ୍କ ପିତାଙ୍କ ମୃତ୍ୟୁ ପରେ ମଧ୍ୟ ତାଙ୍କ ଦିଲ୍ଲୀ ଦଳ ପାଇଁ ରଣଜୀ ଟ୍ରଫି ମ୍ୟାଚ୍‌ରେ ତାଙ୍କର କର୍ତ୍ତବ୍ୟ ନିର୍ବାହ କରିଥିଲେ । ଏହା ପୂର୍ବରୁ ସଚିନ ତେନ୍ଦୁଲକରଙ୍କ ପିତାଙ୍କର ୧୯୯୯ ବିଶ୍ୱକପ୍ ସମୟରେ ଦେହାନ୍ତ ହୋଇଥିଲା । ସେ ତାଙ୍କ ପିତାଙ୍କ ଅନ୍ତିମ ସଂସ୍କାରରେ ଯୋଗ ଦେବା ପରେ, ସେ ତୁରନ୍ତ ଟିମ୍ ଇଣ୍ଡିଆ ପାଇଁ ପଡ଼ିଆକୁ ଫେରିଥିଲେ । ଠିକ୍ ସେମିତି ଚେନ୍ନାଇର ମୁକେଶ ଚୌଧୁରୀ ମା'ଙ୍କୁ ହରାଇବା ସତ୍ତ୍ୱେ ୱାଙ୍ଖେଡେ ମୈଦାନକୁ ଓହ୍ଲାଇ ଦଳ ପାଇଁ ପ୍ରତିବଦ୍ଧତାର ଏକ ଦୃଢ଼ ଉଦାହରଣ ସ୍ଥାପନ କରିଛନ୍ତି । ମା'ଙ୍କ ବିୟୋଗ ପରେ ବି ମୁମ୍ବାଇ ବିପକ୍ଷ ମ୍ୟାଚ୍ ଖେଳିଲେ ଏବଂ ଡି କକ୍‌ଙ୍କ ୱିକେଟ୍ ଅକ୍ତିଆର କରିଥିଲେ ।

ରାଜସ୍ଥାନର ଭିଲୱାରାର ବାମହାତୀ ପେସର ମୁକେଶ ଚୌଧୁରୀ ଚେନ୍ନାଇ ସୁପର କିଙ୍ଗ୍ସ ପାଇଁ ନେଟ୍ ବୋଲର ଭାବରେ ତାଙ୍କ ଆଇପିଏଲ କ୍ୟାରିୟର ଆରମ୍ଭ କରିଥିଲେ । ୨୦୨୨ରେ ସୁଯୋଗ ମିଳିଥିଲା, ସେ ୧୩ ମ୍ୟାଚ୍‌ରେ ୧୬ ୱିକେଟ୍ ନେଇ ଚେନ୍ନାଇର ପ୍ରମୁଖ ୱିକେଟ୍ ଟେକର ହୋଇଥିଲେ । ଗତ ବୁଧବାର ଦୀର୍ଘ ଦିନ ଧରି ଅସୁସ୍ଥ ଥିବା ମୁକେଶଙ୍କ ମା'ଙ୍କ ଦେହାନ୍ତ ହୋଇଥିଲା । ଏହା ପରେ ମୁକେଶ ମା'ଙ୍କ ଶେଷକୃତ୍ୟ ସାରି ଚେନ୍ନାଇ ଶିବିରରେ ଯୋଗ ଦେଇଥିଲେ । ମୁମ୍ବାଇ ବିପକ୍ଷରେ ଖେଳିଥିଲେ ଏବଂ ୱିକେଟ୍ ନେଇଥିଲେ । ଚେନ୍ନାଇ-ମୁମ୍ବାଇ ମ୍ୟାଚ୍‌ରେ ମୁକେଶଙ୍କ ଏହି ପ୍ରତିବଦ୍ଧତାକୁ ନେଇ ବେଶୀ ଚର୍ଚ୍ଚା ।



ସୋସିଆଲ ମିଡିଆରେ ତାଙ୍କୁ ପ୍ରଂଶସାର ସୁଅ ଛୁଟିଛି । ମୁକେଶଙ୍କୁ ସାଲ୍ୟୁଟ୍ କରୁଛି ଚେନ୍ନାଇ ସୁପରକିଙ୍ଗସ ଏବଂ ସୋସିଆଲ ମିଡିଆ ୟୁଜର୍ସ । ଚେନ୍ନାଇ ମୁକେଶଙ୍କ ମା'ଙ୍କ ସମ୍ମାନର୍ଥେ କଳା ପଟି ପିନ୍ଧି ମ୍ୟାଚ୍ ଖେଳିଥିଲା ।

ମୁକେଶ ଗତ ଦୁଇଟି ସିଜିନରେ କେବଳ ତିନୋଟି ମ୍ୟାଚ୍ ଖେଳିଛନ୍ତି । ଏପର୍ଯ୍ୟନ୍ତ ୧୮ଟି ମ୍ୟାଚ୍‌ରେ ତାଙ୍କ ନାମରେ ୨୦ଟି ୱିକେଟ୍ ଅଛି । ୱାଙ୍ଖେଡେ ଷ୍ଟାଡିୟମରେ ଚେନ୍ନାଇ ବିପକ୍ଷରେ ମୁମ୍ବାଇ ପାଇଁ ଖେଳି ମୁକେଶ ୪ ଓଭରରେ ୭.୭୫ ଇକୋନୋମି ରେଟ୍ ରେ ୩୧ ରନ୍ ଦେଇଥିଲେ ଏବଂ କ୍ୱିନ୍ ଡି କକ୍‌ଙ୍କ ଗୁରୁତ୍ୱପୂର୍ଣ୍ଣ ୱିକେଟ୍ ନେଇଥିଲେ । ଏହି ସିଜିନର ଶେଷ ମ୍ୟାଚରେ ମୁକେଶ ହାଇଦ୍ରାବାଦ ବିପକ୍ଷରେ ୨୧ ରନ୍ ଦେଇ ଦୁଇଟି ୱିକେଟ୍ ନେଇଥିଲେ । ଡି କକ୍‌ଙ୍କ ୱିକେଟ୍ ନେବା ପରେ ମୁକେଶ ଆକାଶକୁ ଚାହିଁ ନୀରବ ସେଲିବ୍ରେସନ କରିଥିଲେ । ମନେ ହେଉଥିବ ସେ ତାଙ୍କ ମା'ଙ୍କୁ ମନେ ପକାଉଛନ୍ତି । ଚେନ୍ନାଇର ଏହି ବିଜୟକୁ ମୁକେଶଙ୍କୁ ଉତ୍ସର୍ଗ କରିଛନ୍ତି କ୍ୟାପ୍ଟେନ୍ ଋତୁରାଜ ଗାଏକ୍ୱାଡ୍ । ସେ କହିଛନ୍ତି ମୁକେଶ ଜାଣିଥିଲେ ତାଙ୍କୁ ଦଳର ଆବଶ୍ୟକତା ଅଛି ।

# ପୁଣି ଟେନିସ୍ କୋର୍ଟରେ ରାଫେଲ୍ ନାଦାଲ୍

**ମାଡ୍ରିଡ୍**

ପୁଣି କୋର୍ଟକୁ ଫେରିଛନ୍ତି ୨୦୨୪ରେ ଅବସର ନେଇଥିବା ଟେନିସ୍ କିମ୍ବଦନ୍ତୀ ରାଫେଲ୍ ନାଦାଲ୍ । ତେବେ ନିୟମିତ ଟେନିସ୍ ନୁହେଁ, ସେ ଏକ ସ୍ୱତନ୍ତ୍ର ପ୍ରଦର୍ଶନୀ ମ୍ୟାଚ୍ ପାଇଁ କୋର୍ଟକୁ ଓହ୍ଲାଇଛନ୍ତି । ପ୍ରସିଦ୍ଧ ଫୁଟବଲ୍ କ୍ଲବ୍ ରିଅଲ୍ ମାଡ୍ରିଡ୍‌ର ଘରୋଇ ଷ୍ଟାଡିୟମ ସାଣ୍ଟିଆଗୋ ବର୍ଣ୍ଣାବେଉରେ ନିର୍ମିତ ଏକ ଅସ୍ଥାୟୀ ଟେନିସ୍ କୋର୍ଟରେ ଏହି ପ୍ରଦର୍ଶନୀ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ମାଡ୍ରିଡ୍ ଓପନ୍‌ର ପ୍ରଚାର ଲାଗି ଏହି ପ୍ରଦର୍ଶନୀ ମ୍ୟାଚ୍‌ର ଆୟୋଜନ କରାଯାଇଥିଲା । ଏହି ମ୍ୟାଚ୍‌ରେ ଫୁଟ୍‌ବଲ୍ ଓ ଟେନିସ୍‌ର ଏକ ଅଦ୍ଭୁତ ମିଳନ ଦେଖିବାକୁ ମିଳିଥିଲା । ଏହି ଡବଲ୍ସ ମ୍ୟାଚ୍‌ରେ ନାଦାଲ୍‌ଙ୍କ ସହଯୋଗୀ ଥିଲେ ରିଅଲ ମାଡ୍ରିଡ୍‌ର ଗୋଲ୍‌କିପର ଥିବାଉଟ୍ କୋର୍ଟୋସିସ୍ ଓ ବିପକ୍ଷରେ ଥିଲେ ବିଶ୍ୱର ନଂ୧ ଟେନିସ୍ ଖେଳାଳି ଜାନିକ୍ ସିନର ଓ ମିଡ୍‌ଫିଲ୍ଡର ଜ୍ୟୁଡ୍ ବେଲିଙ୍ଗହାମ୍ ।

GOVT. OF ODISHA
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER,
DRAINAGE DIVISION, JAGATSINGHPUR-754103
e-procurement Notice No. SEDD-JSPUR-01/2026-27
email Id: eeddispur@gmail.com
32001/118/2627

| | | |
|---|---|---|
| 1. Name of Work | : | Improvement to Singarpur Harippa DC including construction of inlets. |
| 2. Total number of works | : | 01 (One) no. of Package |
| 3. Bid Identification No. | : | SEDD-JSPUR/BLK-01/2026-27 |
| 4. Estimated Cost | : | Rs. 66.28 Lakhs |
| 5. Period of completion | : | 10 (Ten) Calendar months |
| 6. Availability of Tender On-Line. | : | From 28.04.2026 at 16.30 Hours to 12.05.2026 upto 17.30 Hours. |
| 7. Date of Opening of .Technical Bid | : | 13.05.2026 at 11.30 Hours in the O/o the Superintending Engineer, Drainage Division, Jagatsinghpur. |
| 8. Class of Contractor | : | "B" Class |
| 9. EMD required | : | As per DTCN. |
| 10.Cost of Tender paper | : | Rs.10,000/- |
| 11.Procurement Officer | : | Superintending Engineer, Drainage Division, Jagatsinghpur- 754103 |

*Tender will be accepted if registered in the CDMS Portal.
Further details can be seen from the Govt. web site www.tendersorissa.gov.in. Addendum / Corrigendum/ Cancellation if any required will be published only in Govt. web site www.tendersorissa.gov.in

Sd/-Superintending Engineer
Drainage Division, Jagatsinghpur
OIPR-32001/32378/1/26-27/0001

OFFICE OF THE SUPERINTENDINGENGINEER
DEOGARH (R&B) DIVISION, DEOGARH
INVITATIONS FOR BIDS (IFB)
34001/103/2627
Letter No. 1477 Dtd. 20.04.2026
Invitation for Bids
Bid Identification No. SE PWD DGR No. 01 of 2026-27

| | | | |
|---|---|---|---|
| 1. | The Superintending Engineer, Deogarh (R&B) Division, Deogarh, on behalf of Government of Odisha, invites percentage rate bids in Single cover system in ONLINE MODE only, for Electrical work as detailed below. | | |
| 2. | Nature of work | : | Electrical work |
| 3. | No. of works | : | Electrical 01 No. |
| 4. | Bid Cost. | : | Rs. 6000/- |
| 5. | Class of Contractor | : | Specialized agency actively involved in fire fighting work having MoU with associate electrical contractor (MV/HT or Above) having valid license from ELBO |
| 6. | Availability of Bid Documents in the website | : | From dt. 27.04.2026 to 17:00 hours of dt. 07.05.2026 |
| 7. | Date of Opening of Technical Bid | : | Dt. 08.05.2026 at 11:30 AM. |
| 8. | The Bidders have to participate in ONLINE bidding only. Further details can be seen from the website: http://www.tendersorissa.gov.in. Any addendum / corrigendum / cancellation of tender can also be seen in the said website only. | | |

Sd/- Superintending Engineer
Deogarh (R&B) Division
OIPR-34001/34061/1/26-27/0001

# ଏଫ୍‌ଏମ୍‌ୟୁ ଓ ଓକେସିଏଲ୍ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ

**ବାଲେଶ୍ୱର, ନ୍ୟୁଜ୍**

ଫକୀରମୋହନ ବିଶ୍ୱବିଦ୍ୟାଳୟର ଓ ଓଡ଼ିଶା ନଲେଜ କର୍ପୋରେସନ ଲିମିଟେଡ୍ (ଓକେସିଏଲ୍), ଭୁବନେଶ୍ୱର ମଧ୍ୟରେ 'ଏଆଇ କ୍ଷମତା ବିକାଶ' ବିଷୟରେ ଏକ ଗୁରୁତ୍ୱପୂର୍ଣ୍ଣ ବୁଝାମଣା ପତ୍ର ସ୍ୱାକ୍ଷର ସହ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହା ବିଶ୍ୱବିଦ୍ୟାଳୟର ଆଭ୍ୟନ୍ତରୀଣ ଗୁଣବତ୍ତା ନିଶ୍ଚିତତା ବିଭାଗ (ଆଇକ୍ୟୁଏସି) ସହଯୋଗରେ ସଂଗଠିତ କରାଯାଇଥିଲା । କାର୍ଯ୍ୟକ୍ରମର ଆରମ୍ଭରେ ଆଇକ୍ୟୁଏସିର ନିର୍ଦ୍ଦେଶକ ପ୍ରଫେସର ପଙ୍କଜ କୁମାର ପାରହୀଙ୍କ ଅଭିଭାଷଣରେ ସମସ୍ତଙ୍କୁ ସ୍ୱାଗତ କରାଯାଇଥିଲା । ନିଜ ଅଧ୍ୟକ୍ଷୀୟ ଭାଷଣରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ କହିଥିଲେ ଯେ, "ଏଆଇ-ଭିତ୍ତିକ କ୍ଷମତା ବିକାଶ ଆଜିକାଲି ଆଉ ବିକଳ୍ପ ନୁହେଁ, ବରଂ ଶିକ୍ଷାଗତ ଉତ୍କର୍ଷତା ଓ ପ୍ରଶାସନିକ କାର୍ଯ୍ୟକୁଶଳତା ପାଇଁ ଅତ୍ୟାବଶ୍ୟକ ହୋଇପଡ଼ିଛି ।" ସେ ଏହି ବୁଝାମଣାପତ୍ର ଦ୍ୱାରା ସହଯୋଗ ମାଧ୍ୟମରେ କାର୍ଯ୍ୟ କ୍ଷେତ୍ରରେ ନୂତନତ୍ୱ ଓ ସୁଯୋଗର ଦ୍ୱାର ଖୋଲିବ ବୋଲି ଆଶାବ୍ୟକ୍ତ କରିଥିଲେ । ଏଥିସହ ଅତିଶୀଘ୍ର ବିଶ୍ୱବିଦ୍ୟାଳୟର ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀଙ୍କ ପାଇଁ ଏଆଇ ଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ) କରିବା ପାଇଁ ଓକେସିଏଲକୁ ପ୍ରସ୍ତାବ ଦେଇଥିଲେ । କୁଳସଚିବ କୁକୁମୀନା ଦାସ ତାଙ୍କ ଭାଷଣରେ ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କ ଡିଜିଟାଲ୍ କୌଶଳ ବିକାଶରେ ପ୍ରତିଷ୍ଠାନମୂଳକ ସହଯୋଗର ଗୁରୁତ୍ୱକୁ ଉଲ୍ଲେଖ କରିଥିଲେ ଓ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ଉଚ୍ଚ ଶିକ୍ଷାରେ କୃତ୍ରିମ ମେଧାର ପରିବର୍ତ୍ତନଶୀଳ ଭୂମିକାକୁ ଉଲ୍ଲେଖ କରିଥିଲେ । ବାଲେଶ୍ୱର ସ୍ଥିତ ଆରଜେଏସଏମଏସର ନିର୍ଦ୍ଦେଶକ ଡକ୍ଟର ଶାନ୍ତନୁ କୁମାର ପାଣି, ଭବିଷ୍ୟତ ପାଇଁ ପ୍ରସ୍ତୁତ ଗବେଷକ ଓ ଛାତ୍ରଛାତ୍ରୀମାନଙ୍କ ପାଇଁ କୌଶଳମୂଳକ ଶିକ୍ଷାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ । ଏହି ଅବସରରେ ଓକେସିଏଲର ଏକ କର୍ପୋରେଟ୍ ଭିଡିଓ ପ୍ରଦର୍ଶିତ ହୋଇଥିଲା, ଯାହା ଏହାର ବିଭିନ୍ନ ପଦକ୍ଷେପ ଓ କାର୍ଯ୍ୟକ୍ଷେତ୍ର ବିଷୟରେ ଅବଗତ କରାଇଥିଲା । ଓକେସିଏଲର ବ୍ୟବସ୍ଥାପନ ନିର୍ଦ୍ଦେଶକ ଡକ୍ଟର ମନୋରଞ୍ଜନ ପୁଥାଳ ସଂଗଠନର ଦୃଷ୍ଟିକୋଣ ବିଷୟରେ କହିଥିଲେ ଯେ, ପ୍ରଯୁକ୍ତିମୂଳକ କୌଶଳ ବିକାଶ ମାଧ୍ୟମରେ ଶିକ୍ଷା ଓ ଶିଳ୍ପ ମଧ୍ୟରେ ଥିବା ମତଭେଦକୁ କମାଇବା ଏହାର ଲକ୍ଷ୍ୟ । ସେ ପ୍ରଶାସନିକ କାର୍ଯ୍ୟକୁଶଳତା ବୃଦ୍ଧିରେ ଶିକ୍ଷା ପ୍ରକ୍ରିୟାର ଗୁରୁତ୍ୱକୁ ମଧ୍ୟ ଉଲ୍ଲେଖ କରିଥିଲେ । ଫକୀରମୋହନ ବିଶ୍ୱବିଦ୍ୟାଳୟ ଓ ଓକେସିଏଲ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷର, ଯାହା ଏଆଇ ଓ ଡିଜିଟାଲ୍ କୌଶଳର ସଂଯୁକ୍ତ କ୍ଷମତା ବିକାଶ ପାଇଁ ଏକ କୌଶଳଗତ ପଦକ୍ଷେପ ଗ୍ରହଣ ସହ ଏଆଇ ଗ୍ରହଣୀୟ ପ୍ରଥମ ବିଶ୍ୱବିଦ୍ୟାଳୟ ଭାବେ ପରିଚିତ ହେବାନେଇ ଆଶାବ୍ୟକ୍ତ କରାଯାଇଛି । କାର୍ଯ୍ୟକ୍ରମରେ ଦୁଇଟି ପ୍ରାୟୋଗିକ ଶିକ୍ଷା ଅଧିବେଶନ ମଧ୍ୟ ଆୟୋଜିତ ହୋଇଥିଲା । ସୁଶାନ୍ତ ଜେ. ଦାସ ଶିକ୍ଷାଗତ ଓ ପ୍ରଶାସନିକ କ୍ଷେତ୍ରରେ ଉତ୍ପାଦକତା ବୃଦ୍ଧି ପାଇଁ ଏଆଇ କୌଶଳର ବ୍ୟବହାର ବିଷୟରେ ଉପସ୍ଥାପନା କରିଥିଲେ । ପରେ ନୀଳାଦ୍ରି ବିହାରୀ ରାୟ ଓକେସିଏଲରେ ଛାତ୍ରଛାତ୍ରୀଙ୍କ ଇଣ୍ଟର୍ଣ୍ଣସିପ୍ ଇକୋ-ସିଷ୍ଟମ୍‌ର ଲାଇଭ୍ ଡେମୋ ପ୍ରଦର୍ଶନ କରି, ଶିଳ୍ପ-ପ୍ରସ୍ତୁତ କୌଶଳ ଗୁଡ଼ିକ ଅବଗତ କରାଇଥିଲେ । ଡକ୍ଟର ରାଜଶ୍ରୀ ଦତ୍ତଙ୍କ ଦ୍ୱାରା କାର୍ଯ୍ୟକ୍ରମଟି ସଂଯୋଜିତ ହୋଇଥିଲା ଓ ଶେଷରେ ଡକ୍ଟର ପ୍ରହଲ୍ଲାଦ ଖିଲ୍ଲା ଧନ୍ୟବାଦ ଜ୍ଞାପନ କରିଥିଲେ ।





# ଉପମୁଖ୍ୟମନ୍ତ୍ରୀଙ୍କ ଦୁଇ ଦିନିଆ ଗଞ୍ଜାମ ଗସ୍ତ: ବିଭିନ୍ନ କାର୍ଯ୍ୟର ସମୀକ୍ଷା ସହ ସମ୍ପୂର୍ଣ୍ଣ ଶ୍ରୀ ମିଶନ ଯୋଜନା ଶୁଭାରମ୍ଭ





ଗଞ୍ଜାମ, ନ୍ୟୁଜ ବ୍ୟୁରୋ

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଶୁକ୍ରବାର ଠାରୁ ଦୁଇ ଦିନିଆ ଗଞ୍ଜାମ ଜିଲ୍ଲା ଗସ୍ତ କରି ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଶୁକ୍ରବାର ପ୍ରଥମ ଦିନରେ ଗଞ୍ଜାମ ଜିଲ୍ଲା ପରିଷଦ ରଷିକୂଲ୍ୟା ସମ୍ମିଳନୀ କକ୍ଷରେ ମହିଳା ଓ ଶିଶୁ ବିକାଶ ବିଭାଗ, ମିଶନ ଶକ୍ତି ବିଭାଗ ଓ ପର୍ଯ୍ୟଟନ ବିଭାଗର ଜିଲ୍ଲା ସ୍ତରୀୟ ସମୀକ୍ଷା କରିଛନ୍ତି। ପ୍ରଥମେ ଖଲ୍ଲିକୋଟ ସ୍ଥିତ ମା' ନାରାୟଣୀଙ୍କୁ ଦର୍ଶନ କରି ଅପରାହ୍ନରେ ଛତ୍ରପୁରରେ ପହଂଚିଥିଲେ। ଜିଲ୍ଲାରେ ଛାତ୍ରଛାତ୍ରୀମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବିଷୟରେ ପଚାରି ବୁଝିଥିଲେ। ବିଭିନ୍ନ ବ୍ଲକରେ କେତେ ଅଙ୍ଗନବାଡି କେନ୍ଦ୍ର ରହିଛି, କେତେକ କେନ୍ଦ୍ରର ନିଜସ୍ୱ କୋଠା ରହିଛି, କେତେ କେନ୍ଦ୍ର ଭଡାରେ ଚାଲିଛି, କେତେ ସ୍କୁଲ କୋଠାରେ ଚାଲିଛି ଏବଂ କେତେକ ଆରମ୍ଭ ହୋଇନି ସେସବୁର ସମୀକ୍ଷା କରିଥିଲେ।

ଯେଉଁଠି କୋଠା କାର୍ଯ୍ୟ ଆରମ୍ଭ ହୋଇନି ସେଠାରେ କ'ଣ ସମସ୍ୟା ରହିଛି ତାହାର ରିପୋର୍ଟ ମାଗିଥିଲେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡାକ୍ଷ ସେହିପରି ପ୍ରାୟ ୧ ହଜାର ଅଙ୍ଗନବାଡି କେନ୍ଦ୍ରରେ ବିଦ୍ୟୁତ ଯୋଗାଣ ନଥିବାରୁ ସେଗୁଡିକୁ ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ଯୋଜନାରେ ସାମିଲ କରିବାକୁ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ନିର୍ଦ୍ଦେଶ ଦେଇଛନ୍ତି। ପ୍ରାୟ ୨ ଶହ କେନ୍ଦ୍ରରେ ରୋଷେଇ ଘର ନାହିଁ, ୫ ସହ କେନ୍ଦ୍ରରେ ଟଏଲେଟ ନଥିବାରୁ ସେଗୁଡ଼ିକ ସମାଧାନ ପାଇଁ କହିଥିଲେ। ୪୪୨ କେନ୍ଦ୍ର ଭଡାଘରେ ଚାଲିଥିବା ମୁଖ୍ୟମନ୍ତ୍ରୀଙ୍କୁ ରିପୋର୍ଟ ପ୍ରଦାନ କରାଯାଇଥିଲା ସେହିପରି ଛତୁଆ ବଣ୍ଟନରେ ଜିଲ୍ଲାରେ ବହୁ ଅଭିଯୋଗ ଆସୁଛି, ଏଣୁ ମିଶ୍ରଣ ବେଳେ ଅଧିକାରୀମାନେ ଉପସ୍ଥିତ ରହିବାକୁ ଉପମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ସେହିପରି ସୁଭଦ୍ରା ଯୋଜନାରେ ଜିଲ୍ଲାରେ ୮ ଲକ୍ଷ ୧୬ ହଜାର ୧୬୭ ଜଣ ଯୋଗ୍ୟ ହୋଇଥିବା ବେଳେ ପେମେଣ୍ଟ ଫେଲ ହୋଇଥିବା ୭୬୭ ଜଣଙ୍କ ସମସ୍ୟା ସମାଧାନ କରିବାକୁ କୁହାଯାଇଥିଲା। ସେହିପରି ବିଭିନ୍ନ ସରକାରୀ ଯୋଜନାର କାର୍ଯ୍ୟାନ୍ୱୟନ ସମୀକ୍ଷା କରାଯାଇଥିଲା। ଜିଲ୍ଲାରେ ୨୩ ଟି ସ୍ଥାନକୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ପ୍ରଦାନ କରାଯାଇଛି। ଆହୁରି ୩୭ ଟି ଜାଗାକୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ପ୍ରଦାନ କରିବାକୁ ପ୍ରସ୍ତାବ ଦିଆଯାଇଛି।

ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ସମୟରେ ଗଞ୍ଜାମ ଜିଲ୍ଲାରେ ସମ୍ପୂର୍ଣ୍ଣ ଶ୍ରୀ ମିଶନ ଯୋଜନା ଆରମ୍ଭ ହୋଇଛି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହାକୁ ଶୁଭାରମ୍ଭ କରିଛନ୍ତି। ଆସନ୍ତା କାଲି ଉପମୁଖ୍ୟମନ୍ତ୍ରୀ ଗୋପାଳପୁର, ସୋନାପୁର ବିଚ ଓ ତମ୍ପରା ବୁଲି ସେଠାରେ ଉନ୍ନତି କାର୍ଯ୍ୟର ତଦାରଖ କରିବେ।

# ୨୦୨୫-୨୬ ଆର୍ଥିକ ବର୍ଷରେ ପୂର୍ବତଟ ରେଳପଥର ଦୃଢ଼ ଆର୍ଥିକ ପ୍ରଦର୍ଶନ

ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ

ପୂର୍ବତଟ ରେଳପଥ ୨୦୨୫-୨୬ ଆର୍ଥିକ ବର୍ଷରେ ଏକ ଦୃଢ଼ ତଥା ସନ୍ତୁଳିତ ଆର୍ଥିକ ପ୍ରଦର୍ଶନ ହାସଲ କରିଛି। ଏହା କାର୍ଯ୍ୟକ୍ଷମ ଦକ୍ଷତା, ରାଜସ୍ୱ ସଂଗ୍ରହ ଏବଂ ସୁଚିନ୍ତିତ ଆର୍ଥିକ ପରିଚାଳନା କ୍ଷେତ୍ରରେ ଭାରତୀୟ ରେଳବାଇର ଅନ୍ୟତମ ଅଗ୍ରଣୀ ଜୋନ୍ ଭାବରେ ନିଜର ସ୍ଥାନକୁ ପୁନଃ ପ୍ରତିପାଦିତ କରିଛି।

ଏହି ଜୋନ୍ ୫୪.୮୧%ର ଏକ ପ୍ରଭାବଶାଳୀ 'ଅପରେଟିଂ ରେସିଓ' (କାର୍ଯ୍ୟକ୍ଷମ ଅନୁପାତ) ରେକର୍ଡ କରି ସମସ୍ତ ରେଳ ଜୋନ୍ ମଧ୍ୟରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ଏହା ପ୍ରଭାବଶାଳୀ ଖର୍ଚ୍ଚ ନିୟନ୍ତ୍ରଣ, ଉନ୍ନତ ଉତ୍ପାଦନ ଏବଂ ସମ୍ବଳର ଦକ୍ଷ ବିନିଯୋଗକୁ ସୂଚାଉଛି। ମାର୍ଚ୍ଚ ୨୦୨୬ ସୁଦ୍ଧା ପୂର୍ବତଟ ରେଳପଥର ମୋଟ ଆନୁପାତିକ ରାଜସ୍ୱ ୨୬,୦୫୮.୧୦ କୋଟିରେ ପହଞ୍ଚିବା ସହ ଆୟରେ ସ୍ଥିର ଅଭିବୃଦ୍ଧି ପ୍ରଦର୍ଶନ କରିଛି।

ଏଥିସହିତ, ଜୋନ୍‌ର ପ୍ରାରମ୍ଭିକ ଆୟ ୩୨,୮୩୭.୬୭ କୋଟିରେ ପହଞ୍ଚିଛି, ଯାହା ପୂର୍ବ ବର୍ଷ ତୁଳନାରେ ୧୧% ରୁ ଅଧିକ ଅଭିବୃଦ୍ଧି ଦର୍ଶାଉଛି। ଏହା ପୂର୍ବତଟ ରେଳପଥର ଶକ୍ତିଶାଳୀ ମାଲ୍ ପରିବହନ ଭିତିଭୂମି ଏବଂ ବିଭିନ୍ନ କ୍ଷେତ୍ରରେ ରାଜସ୍ୱ ସଂଗ୍ରହର ନିରନ୍ତର ଗତିକୁ ପ୍ରତିଫଳିତ କରୁଛି।

ଆର୍ଥିକ ପରିଚାଳନା କ୍ଷେତ୍ରରେ ଏକ ଉଲ୍ଲେଖନୀୟ ଉନ୍ନତି ପରିଲକ୍ଷିତ ହୋଇଛି। 'ଟ୍ରାଫିକ୍ ସସପେନ୍ସ' ଗତ ଆର୍ଥିକ ବର୍ଷର ୨୫.୦୪ କୋଟି (୦.୧୦୫%) ରୁ ହ୍ରାସ ପାଇ ୨୨.୮୬ କୋଟି (୦.୦୮୭%) ରେ ପହଞ୍ଚିଛି। ଏହି ଗୁରୁତ୍ୱପୂର୍ଣ୍ଣ ହ୍ରାସ ଉନ୍ନତ ଆକାଉଣ୍ଟିଂ ଦକ୍ଷତା, ବାକି ଥିବା ଅର୍ଥର ଶୀଘ୍ର ସମାଧାନ ଏବଂ ଉନ୍ନତ ଆର୍ଥିକ ସ୍ୱଚ୍ଛତାକୁ ସୂଚାଉଛି।

ପୂର୍ବତଟ ରେଳପଥ ଚଳିତ ବର୍ଷ ପୁଞ୍ଜି ଖର୍ଚ୍ଚରେ ମଧ୍ୟ ଯଥେଷ୍ଟ ଅଗ୍ରଗତି କରିଛି। ମୋଟ ପୁଞ୍ଜି ଖର୍ଚ୍ଚ ୧୨,୨୨୧.୮୧ କୋଟିରେ ପହଞ୍ଚିଛି, ଯାହାର ସାମଗ୍ରିକ ବ୍ୟବହାର ସଂଶୋଧିତ ଅନୁଦାନର ୧୦୦% ଅତିକ୍ରମ କରିଛି। ମୋଟ ଆଧାରରେ (ଲିଜ୍, ମୂଲ୍ୟହ୍ରାସ ଏବଂ ଅନ୍ୟାନ୍ୟ ସଂଶୋଧନକୁ ବାଦ ଦେଇ), ଖର୍ଚ୍ଚ ୬,୪୮୮.୨୪ କୋଟି ଥିଲା, ଯାହା ଭିତିଭୂମି ପ୍ରକଳ୍ପଗୁଡ଼ିକରେ ଦୃଢ଼ କାର୍ଯ୍ୟକାରିତାକୁ ପ୍ରତିଫଳିତ କରେ। ଯାହାକି, ନୂତନ ଲାଇନ, ଦୋହରୀ କରଣ କାର୍ଯ୍ୟ, ଟ୍ରାକ୍ ନବୀକରଣ, ସେତୁ କାର୍ଯ୍ୟ, ସିଗ୍ନାଲିଂ ଏବଂ ଟେଲିଯୋଗାଯୋଗ ପ୍ରଣାଳୀ ଏବଂ ଗ୍ରାହକ ସୁବିଧା, କ୍ଷମତା ସୁଦୃଢ଼ କରିବା ଏବଂ ନେଟୱାର୍କରେ ସେବା ଗୁଣବତ୍ତା ଉନ୍ନତ କରିବାରେ ନିବେଶ।

ଆର୍ଥିକ ଶୃଙ୍ଖଳାକୁ ଏକ ପ୍ରମୁଖ ପ୍ରାଥମିକତା ଭାବେ ଗ୍ରହଣ କରାଯାଇଛି। ଅଡିଟ୍ ଅନୁପାଳନ, ଷ୍ଟକ୍ ସିଟ୍, ଆକାଉଣ୍ଟାଲ୍ ପ୍ରକ୍ରିୟା ଏବଂ ବାକି ବିଲ୍ ଆଦାୟ କ୍ଷେତ୍ରରେ ପ୍ରଭାବଶାଳୀ ମନିଟରିଂ ଏବଂ ଉଲ୍ଲେଖନୀୟ ଅଗ୍ରଗତି ହୋଇଛି। ଏହି ପ୍ରୟାସ ଜୋନ୍ ମଧ୍ୟରେ ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଏବଂ ସାମଗ୍ରିକ ଆର୍ଥିକ ପ୍ରଶାସନକୁ ସୁଦୃଢ଼ କରିଛି।

ସାମୁହିକ ଭାବେ, ୨୦୨୫-୨୬ ଆର୍ଥିକ ବର୍ଷରେ ପୂର୍ବତଟ ରେଳପଥର ପ୍ରଦର୍ଶନ ଦକ୍ଷତା, ଅଭିବୃଦ୍ଧି ଏବଂ ଆର୍ଥିକ ସତର୍କତା ଉପରେ ଏହାର ନିରନ୍ତର ଧ୍ୟାନକୁ ପ୍ରତିଫଳିତ କରେ। ସେବାର ଉଚ୍ଚ ମାନ ବଜାୟ ରଖିବା ସହିତ ବିଶେଷ କରି ପ୍ରମୁଖ କ୍ଷେତ୍ରଗୁଡ଼ିକରେ ମାଲ୍ ପରିବହନ କାର୍ଯ୍ୟରେ ଏହି ଜୋନ୍ ଏକ ପ୍ରମୁଖ ଭୂମିକା ଗ୍ରହଣ କରି ଚାଲିଛି।

## ରାଜସ୍ୱ ପର୍ଷଦ ଅନ୍ତର୍ଗତ ସମସ୍ତ ରିଭିଜନାଲ କୋର୍ଟଗୁଡ଼ିକର କାର୍ଯ୍ୟ ସମ୍ପାଦନ ସମୀକ୍ଷା

# ୭୬,୦୦୦ ବିଚାରାଧୀନ ମାମଲାର ତ୍ୱରିତ ଶୁଣାଣି ଉପରେ ନିର୍ଦ୍ଦେଶ

ଭୁବନେଶ୍ୱର/କଟକ, ନ୍ୟୁଜ୍‌ବ୍ୟୁରୋ

ରାଜସ୍ୱ ପର୍ଷଦର ସଦସ୍ୟ ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ୪୧ ଗୋଟି ରିଭିଜନାଲ୍ କୋର୍ଟର କାର୍ଯ୍ୟ ସମ୍ପାଦନ ପ୍ରକ୍ରିୟାକୁ ତ୍ୱରାନିତ୍ୱ କରିବା ନିମନ୍ତେ ଏକ ସମୀକ୍ଷା ବୈଠକ ସମସ୍ତ ପ୍ରିଜାଇଡିଂ ଅଫିସରମାନଙ୍କ ସହ ଅନୁଷ୍ଠିତ ହୋଇଛି। ଏହି ସମୀକ୍ଷା ବୈଠକରେ କଟକ ଓ ଭୁବନେଶ୍ୱରରେ ଥିବା କୋର୍ଟ ଗୁଡିକର ପ୍ରିଜାଇଡିଂ ଅଫିସରମାନେ ଯୋଗ ଦେଇଥିଲେ ଏବଂ ରାଜସ୍ୱ ବିଭାଗ ତରଫରୁ ଅତିରିକ୍ତ ସଚିବ, ଜଗନ୍ନାଥ ମହାପ୍ରଭୁ ଓ ଲିଙ୍ଗରାଜ ମହାପ୍ରଭୁ ପ୍ରଶାସନର ରାଜସ୍ୱ ଅଧିକାରୀ, ରାଜସ୍ୱ ଆୟୁକ୍ତ, ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳ ଓ ଅତିରିକ୍ତ କମିଶନରମାନେ ଆଭାସୀ ମାଧ୍ୟମରେ ଯୋଗ ଦେଇଥିଲେ। ସାଧାରଣ ଜନତାଙ୍କୁ ଜମିଜମା ସମ୍ବନ୍ଧୀୟ କେସ୍ ଗୁଡିକରେ ତ୍ୱରାନ୍ୱିତ ନ୍ୟାୟ ପ୍ରଦାନ ପାଇଁ ଶ୍ରୀ ସାହୁ ଗୁରୁତ୍ୱାରୋପ କରିବା ସହ କୋର୍ଟ ଗୁଡିକର ସୁପରିଚାଳନାର ସୁବିସ୍ତୃତ ସମୀକ୍ଷା କରିଛନ୍ତି। ଉପବିଭାଗ ତଥା ତହସିଲ, ବନ୍ଦୋବସ୍ତ ଇତ୍ୟାଦି କାର୍ଯ୍ୟାଳୟମାନଙ୍କୁ ମଗାଯାଉଥିବା ପାରାୱାଇଜ୍ ରିପୋର୍ଟ/ନିମ୍ନ ଅଦାଲତ କାଗଜାତ୍ ଗୁଡିକୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଭାବେ ଯଥାଶୀଘ୍ର ରିଭିଜନ୍ କୋର୍ଟଗୁଡିକରେ ଉପସ୍ଥାପନା କରିବାପାଇଁ ଶ୍ରୀ ସାହୁ ନିର୍ଦ୍ଦେଶ ଦେଇଛନ୍ତି। ଅତିକମ୍‌ରେ ସପ୍ତାହରେ ୩ ଦିନ ରିଭିଜନ୍ କୋର୍ଟ କରିବା ପାଇଁ ସମସ୍ତ ପ୍ରିଜାଇଡିଂ ଅଫିସରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରିଭିଜନ୍ କୋର୍ଟର ପ୍ରିଜାଇଡିଂ ଅଫିସରମାନଙ୍କୁ ତାଙ୍କ କୋର୍ଟରେ ପଡିରହିଥିବା କେସ୍‌ଗୁଡିକୁ ନ୍ୟାୟିକ ଭିତ୍ତିରେ ଶୀଘ୍ର ଫଇସଲା କରିବାପାଇଁ ରାଜସ୍ୱ ପର୍ଷଦ ନିର୍ଦ୍ଦେଶ ଦେଇଛନ୍ତି। ଉଚ୍ଚନ୍ୟାୟଳୟଙ୍କର ବିଭିନ୍ନ ସମୟରେ ଆସୁଥିବା ନିର୍ଦ୍ଦେଶକୁ ତୁରନ୍ତ କାର୍ଯ୍ୟକାରୀ କରିବାପାଇଁ ନିର୍ଦ୍ଦେଶ ଦିଆଯାଇଛି।

ଏଥିସହିତ ଦୂରଦୂରାନ୍ତରୁ ଆସୁଥିବା ସାଧାରଣ ଜନତା କିପରି ଉପକୃତ ହୋଇପାରିବେ, ସେଥିପାଇଁ ରିଭିଜନ୍ କୋର୍ଟରେ ସଂସ୍ଥାପିତ ପ୍ରଯୁକ୍ତିବିଦ୍ୟା ଯଥା ସିସିଏମ୍ଏସ୍ ୨.୦ ର ସଦୁପଯୋଗ କରି ପ୍ରତ୍ୟହ କୋର୍ଟରେ ହେଉଥିବା କଜ୍ ଲିଷ୍ଟ, ମଧ୍ୟକାଳୀନ ଅର୍ଡର, ଫାଇନାଲ୍ ଅର୍ଡର ଇତ୍ୟାଦିକୁ ଅପଡେଟ୍ କରିବାପାଇଁ ଶ୍ରୀ ସାହୁ ଗୁରୁତ୍ୱାରୋପ କରିଛନ୍ତି। କୌଣସି କେସ୍‌ରେ ସର୍ବାଧିକ ୩ ଥରରୁ ଅଧିକା ଅର୍ଜିଦାତା ଅନୁପସ୍ଥିତ ରହିଲେ କେସ୍‌ଟି ଖାରଜ କରିବାକୁ ନଷ୍ପତି ନିଆଯାଇଛି। ନିକଟ ଅତୀତରେ ରାଜସ୍ୱ ବିଭାଗ ପକ୍ଷରୁ ପ୍ରକାଶ ପାଇଥିବା ବିଜ୍ଞପ୍ତି ଓ ଏସ୍.ଓ.ପି ଅନୁଯାୟୀ ରିଭିଜନ୍ କୋର୍ଟମାନଙ୍କରେ ପଡିରହିଥିବା ପୁରାତନ କବଲା ସମ୍ବନ୍ଧୀୟ କେସ୍‌ଗୁଡିକୁ ତ୍ୱରିତ ଫଇସଲା ନିମନ୍ତେ ସମ୍ପୃକ୍ତ ତହସିଲ କାର୍ଯ୍ୟାଳୟକୁ ଶୀଘ୍ର ପଠାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସରକାରୀ ଲିଜ୍ ଜମି, ଜଙ୍ଗଲ କିସମ ଜମି, ଶ୍ରୀଜଗନ୍ନାଥ ମହାପ୍ରଭୁ, ଲିଙ୍ଗରାଜ ମହାପ୍ରଭୁ, ଅନ୍ୟାନ୍ୟ ସର୍ବସାଧାରଣ ଦେବୋତର ଜମି ଏବଂ ଅନୁସୂଚିତ ଜାତି ଓ ଜନଜାତିଙ୍କ ଜମିଗୁଡିକୁ ସୁରକ୍ଷିତ ରଖିବାକୁ ସଦସ୍ୟ, ରାଜସ୍ୱ ପର୍ଷଦ ସମସ୍ତ କୋର୍ଟର ପ୍ରିଜାଇଡିଂ ଅଫିସରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସାଧାରଣ ଜନତାଙ୍କୁ କିପରି ନ୍ୟାୟ ମିଳିବ, ଜମି ଦୁର୍ନୀତିକୁ କିପରି ରୋକାଯାଇପାରିବ ଏବଂ ସରକାରୀ ଜମିର ସୁରକ୍ଷା ନିମନ୍ତେ କଡାକଡି ଆଦେଶ ଦିଆଯାଇଛି।

# ଶିଶୁମାନଙ୍କ ପାଇଁ ଅନଲାଇନ ସୁରକ୍ଷା ସମ୍ପର୍କିତ କର୍ମଶାଳା ଆୟୋଜିତ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

"ଶିଶୁମାନଙ୍କ ପାଇଁ ଅନଲାଇନ ସୁରକ୍ଷା" ବିଷୟରେ ଜିଲ୍ଲା ଶିକ୍ଷା ଅଧିକାରୀ ଓ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମାନଙ୍କ ପାଇଁ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ (ଓଏସସିପିସିଆର) ଏବଂ ଚାଇଲ୍ଡଫଣ୍ଡ ଇଣ୍ଡିଆଙ୍କ ସହଯୋଗରେ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଓଏସସିପିସିଆର, ଓସେପା, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ଚାଇଲ୍ଡଫଣ୍ଡ ଇଣ୍ଡିଆର କର୍ମକର୍ତ୍ତାମାନଙ୍କ ସମେତ ମୋଟ ୮୦ ଜଣ ଅଂଶଗ୍ରହଣ କରିଥିଲେ। ଉଦଘାଟନୀ ଉତ୍ସବରେ ଓଏସସିପିସିଆରର ଅଧ୍ୟକ୍ଷା ଶ୍ରୀମତୀ ବବିତା ପାତ୍ର, ଅତିଥି ଓ ଅଂଶଗ୍ରହଣକାରୀମାନଙ୍କୁ ସ୍ୱାଗତ କରି ଅନଲାଇନ ସୁରକ୍ଷା ପଦକ୍ଷେପର ଗୁରୁତ୍ୱ ଉପରେ ଉଲ୍ଲେଖ କରିଥିଲେ। ସେ ଶିଶୁମାନଙ୍କୁ ଅନଲାଇନ ବିପଦରୁ ସୁରକ୍ଷା ଦେବାରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଆୟୁକ୍ତ-ତଥା-ଶାସନ ସଚିବ ଡ଼ା. ଏନ. ତିରୁମାଲା ନାୟକ ଅନଲାଇନ ସୁରକ୍ଷା ସମ୍ବନ୍ଧରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଥିବାରୁ ଓଏସସିପିସିଆର ଓ ଚାଇଲ୍ଡଫଣ୍ଡ ଇଣ୍ଡିଆଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। ସେ ସମସ୍ତ ଅଂଶଗ୍ରହଣକାରୀଙ୍କୁ ଶିଶୁ ଓ ଅଭିଭାବକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରି ଅନଲାଇନ ଶୋଷଣରୁ ସେମାନଙ୍କୁ ସୁରକ୍ଷିତ ରଖିବାକୁ ଆହ୍ୱାନ ଦେଇଥିଲେ।

# ଆଇଆଇଟି ଭୁବନେଶ୍ୱରରେ ପ୍ରଯୁକ୍ତିବିଦ୍ୟା ବାଣିଜ୍ୟିକରଣ ଏବଂ ଷ୍ଟାର୍ଟ-ଅପ ବିକାଶ ଉପରେ ଅଧିବେଶନ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଭାରତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଆଇଆଇଟି) ଭୁବନେଶ୍ୱର, ଏହାର ୧୦୦ କ୍ୟୁବ୍ ଉଦ୍ୟୋଗୀତା ବିକାଶ ପଦକ୍ଷେପର ଏକ ଅଂଶ ସ୍ୱରୂପ, ୨୩ ଏପ୍ରିଲ ୨୦୨୬ରେ ପ୍ରଯୁକ୍ତି ବାଣିଜ୍ୟକରଣ ଉପରେ ଏକ ଅନ୍ତର୍ଦୃଷ୍ଟିପୂର୍ଣ୍ଣ ଅଧିବେଶନର ଆୟୋଜନ କରିଥିଲା। ଏହି ଅଧିବେଶନରେ ଅଧ୍ୟାପକ, ଗବେଷକ, ନବସୃଜନକାରୀ ଏବଂ ପ୍ରତିଷ୍ଠାନର ନବସୃଜନ ଏବଂ ଇନକ୍ୟୁବେସନ୍ ଇକୋସିଷ୍ଟମର ସଦସ୍ୟମାନେ ୨୦୨୫ ରାଷ୍ଟ୍ରୀୟ ବିଜ୍ଞାନ ପୁରସ୍କାର ବିଜେତା ଭାରତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ ମାଡ୍ରାସର ପ୍ରଫେସର ମୋହନଶଙ୍କର ଶିବପ୍ରକାଶମଙ୍କ ସହିତ ଏକ ଭାବବିନିମୟ ପାଇଁ ଏକତ୍ରିତ ହୋଇଥିଲେ। ଅଧିବେଶନରେ ଶିକ୍ଷାଗତ ଗବେଷଣାକୁ ପ୍ରଭାବଶାଳୀ ପ୍ରଯୁକ୍ତି ଏବଂ ବାଣିଜ୍ୟିକ ଭାବରେ ସମ୍ଭବ ଉତ୍ପାଦରେ ପରିଣତ କରିବାର ଉପାୟ ବିଷୟରେ ଆଲୋଚନା କରାଯାଇଥିଲା।

ପ୍ରାରମ୍ଭରେ, ପ୍ରଫେସର ଶ୍ରୀପାଦ କର୍ମାଲକର କହିଥିଲେ ଯେ ପ୍ରତିଷ୍ଠାନର ୧୦୦ କ୍ୟୁବ ପଦକ୍ଷେପର ଲକ୍ଷ୍ୟ ହେଉଛି ଓଡ଼ିଶାର ୧୦୦ତମ ବର୍ଷ, ଅର୍ଥାତ୍ ୨୦୩୬ ସୁଦ୍ଧା ଅତି କମରେ ୧୦୦ କୋଟି ଟଙ୍କା ମୂଲ୍ୟର ୧୦୦ ଟି ଷ୍ଟାର୍ଟ-ଅପର ବିକାଶ କରିବା। ସେ ଏହି ଲକ୍ଷ୍ୟ ପାଇଁ ପ୍ରତିଷ୍ଠାନ ଦ୍ୱାରା ନିଆଯାଇଥିବା ଦୁଇଟି ପ୍ରମୁଖ ପଦକ୍ଷେପ ବିଷୟରେ ଉଲ୍ଲେଖ କରିଥିଲେ। ଏଥିରେ ଗବେଷଣା ଛାତ୍ରଙ୍କ ପାଇଁ 'ଗବେଷଣା ଏବଂ ଉଦ୍ୟୋଗ' ଉପରେ ଏକ ବାଧ୍ୟତାମୂଳକ ପାଠ୍ୟକ୍ରମ ଏବଂ ଶିଳ୍ପ-ଶିକ୍ଷା ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ପ୍ରତ୍ୟେକ ଅଧ୍ୟାପକ ସଦସ୍ୟଙ୍କ ପାଇଁ ସହଯୋଗ ପାଇଁ ଦୁଇଟି ଶିଳ୍ପ ଚିହ୍ନଟ କରିବା ପାଇଁ ନିର୍ଦ୍ଦେଶ ଅନ୍ତର୍ଭୁକ୍ତ। ସେ ଉଲ୍ଲେଖ କରିଥିଲେ ଯେ ପ୍ରତିଷ୍ଠାନ ବର୍ତ୍ତମାନ ୧୪୦ ଟି ଷ୍ଟାର୍ଟ-ଅପକୁ ମାର୍ଗଦର୍ଶନ ଦେଉଛି, ଯେଉଁଥିରୁ ୮ଟି ଆଇଆଇଟି ଭୁବନେଶ୍ୱରର ଅଧ୍ୟାପକଙ୍କ ଦ୍ୱାରା ପରିଚାଳିତ, ୧୬ଟି ଆଇଆଇଟି ଛାତ୍ରଙ୍କ ଦ୍ୱାରା ପରିଚାଳିତ ଏବଂ ବାକି ୧୦୦ରୁ ଅଧିକ ଅନ୍ୟମାନଙ୍କ ଦ୍ୱାରା ପରିଚାଳିତ।

ପ୍ରଫେସର ମୋହନଶଙ୍କର ଆଇଆଇଟି ଭୁବନେଶ୍ୱରର ଉପରୋକ୍ତ ପ୍ରୟାସକୁ ପ୍ରଶଂସା କରିଛନ୍ତି ଏବଂ ଷ୍ଟାର୍ଟ-ଅପ୍ ଦ୍ୱାରା ଆବୃତ କ୍ଷେତ୍ରଗୁଡ଼ିକର ବିବିଧତା ଏବଂ ଏହି ପ୍ରତିଷ୍ଠାନ ବହୁ ସଂଖ୍ୟକ ଅଣ-ଆଇଆଇଟି ଉଦ୍ୟୋଗୀଙ୍କୁ ଆକର୍ଷିତ କରିଛି ବୋଲି ପ୍ରଶଂସା କରିଛନ୍ତି। ସେ ଗଭୀର-ପ୍ରଯୁକ୍ତିବିଦ୍ୟା ନବସୃଜନ, ଶିଳ୍ପ ସହଯୋଗ ଏବଂ ସଫଳ ପ୍ରଯୁକ୍ତିବିଦ୍ୟା ଇକୋସିଷ୍ଟମ ନିର୍ମାଣରେ ତାଙ୍କର ବ୍ୟାପକ ଅଭିଜ୍ଞତାରୁ ଅନ୍ତର୍ଦୃଷ୍ଟି ବାଣ୍ଟିଛନ୍ତି। ଶିଳ୍ପ ସହଯୋଗର ଗୁରୁତ୍ୱକୁ ଦୃଢ଼ କରି, ସେ ଉଲ୍ଲେଖ କରିଛନ୍ତି ଯେ 'ଆପଣଙ୍କୁ ବହୁତ ଦୃଢ଼ ଶିଳ୍ପ ସଂଯୋଗ ସୃଷ୍ଟି କରିବାକୁ ପଡିବ ... ଏକ ସଂଯୋଗ ଏବଂ ସହଯୋଗ ଯେଉଁଠାରେ ଗୋଟିଏ ଅନ୍ୟକୁ ପ୍ରଭାବିତ କରେ,' ଏପରି ସହଭାଗୀତା ସ୍ଥାୟୀ ପ୍ରଯୁକ୍ତିବିଦ୍ୟା ବାଣିଜ୍ୟୀକରଣ ଇକୋସିଷ୍ଟମ ନିର୍ମାଣ ପାଇଁ ଗୁରୁତ୍ୱପୂର୍ଣ୍ଣ। ପାରମ୍ପରିକ ଗବେଷଣା ଢାଞ୍ଚାରୁ ଆଗକୁ ବଢ଼ିବା ପାଇଁ ଶିକ୍ଷାନୁଷ୍ଠାନଗୁଡ଼ିକର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରି ସେ କହିଛନ୍ତି, 'ପ୍ରଯୁକ୍ତିବିଦ୍ୟା ବାଣିଜ୍ୟୀକରଣର ଅନେକ ପଥ ଅଛି ... ଇନକ୍ୟୁବେସନ୍ ଗୋଟିଏ ପଥ, କିନ୍ତୁ ଆବଶ୍ୟକ ନୁହେଁ ଯେ ଏକମାତ୍ର ପଥ। ଶିଳ୍ପ ସହିତ ସହ-ବିକଶିତ ଉତ୍ପାଦ ଏବଂ ଲାଇସେନ୍ସିଂ ମାଧ୍ୟମରେ ପ୍ରଯୁକ୍ତିବିଦ୍ୟା ସ୍ଥାନାନ୍ତର ସମାନ ଗୁରୁତ୍ୱପୂର୍ଣ୍ଣ ପଥ।' ସେ ଉଲ୍ଲେଖ କରିଛନ୍ତି ଯେ ପ୍ରଭାବଶାଳୀ ପ୍ରଯୁକ୍ତିବିଦ୍ୟା ବାଣିଜ୍ୟକରଣ କଠୋର ଏବଂ ବୌଦ୍ଧିକ ଭାବରେ ଦୃଢ଼ ଗବେଷଣାରେ ମୂଳ।

# ସୀମାନ୍ତ କୋଟିଆରେ ଚାଲିଛି ଜନଗଣନା



କୋରାପୁଟ, ନ୍ୟୁଜ

ଦୀର୍ଘ ବର୍ଷ ଧରି କୋଟିଆ କୁ ନେଇ ଓଡ଼ିଶା ଓ ଆନ୍ଧ୍ର ମଧ୍ୟରେ ବିବାଦ ଲାଗି ରହିଥିବାବେଳେ, ବିବାଦୀୟ ୨୧ ଖଣ୍ଡ ଗ୍ରାମର ଲୋକେ ଉଭୟ ରାଜ୍ୟରୁ ସୁବିଧା ପାଇ ଆସୁଛନ୍ତି। ବର୍ତ୍ତମାନ ଓଡ଼ିଶା ପକ୍ଷରୁ ଜନଗଣନା କାର୍ଯ୍ୟକ୍ରମ ଚାଲୁ ରହିଛି। ଏହି ପରି ପ୍ରକ୍ଷୀରେ କୋଟିଆର ଲୋକେ ଓଡ଼ିଶାକୁ ନୁହେଁ ଆନ୍ଧ୍ର କୁ ସହଯୋଗ କରିବେ ବୋଲି ଆଶଙ୍କା କରାଯାଉଥିଲା। କିନ୍ତୁ ଘଟଣା ଘଟିଛି ଠିକ୍ ଓଲଟା। କିଛି ହାତ ଗଣତି ଗ୍ରାମକୁ ଛାଡ଼ିଦେଲେ ବିବାଦୀୟ ଗ୍ରାମର ଲୋକେ ଚଳିତ ଥର ଘର ଗଣନା କାର୍ଯ୍ୟକ୍ରମରେ ସମ୍ପୂର୍ଣ୍ଣ ଭାବେ ଓଡ଼ିଶାର ଗଣନାକାରୀଙ୍କୁ ସହଯୋଗ କରୁଛନ୍ତି। ବର୍ତ୍ତମାନ ସୁଦ୍ଧା କେବଳ ସେମ୍ଭୀ ଗ୍ରାମର ଲୋକେ ସହଯୋଗ କରି ନ ଥିବା ଜଣା ପଡ଼ିଛି।

ଓଡ଼ିଶା ପକ୍ଷରୁ ଜନଗଣନା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବାବେଳେ, ଆନ୍ଧ୍ର ପକ୍ଷରୁ କିନ୍ତୁ ବର୍ତ୍ତମାନ ସୁଦ୍ଧା କୋଟିଆ ଅଞ୍ଚଳରେ ସର୍ଭେ କାର୍ଯ୍ୟ ଆରମ୍ଭ ହୋଇ ନ ଥିବା ଜଣା ପଡ଼ିଛି।

ସୂଚନା ଯୋଗ୍ୟ, ଓଡ଼ିଶାର କୌଣସି ସୁବିଧା ସୁଯୋଗ ଗ୍ରହଣ କରିବେ ନାହିଁ ବୋଲି ୬ଟି ଗ୍ରାମର ଲୋକେ ଆନ୍ଧ୍ରର ସାଲୁରର ପୂର୍ବତନ ବିଧାୟକଙ୍କ ନିକଟରେ କହିବା ସହିତ ଆନ୍ଧ୍ର ସହିତ ରହିବେ ବୋଲି କହିଥିଲେ। ତେବେ ଏହି ସବୁ ଅଞ୍ଚଳରେ ଲୋକଙ୍କ ମନ ପରିବର୍ତ୍ତନ ହୋଇଥିବା ବର୍ତ୍ତମାନ ସର୍ଭେରୁ ଜଣା ପଡୁଛି। ଯାହା କି ଓଡ଼ିଶା ପାଇଁ ଶୁଭ ସଙ୍କେତ।

କୋଟିଆ ରେ ସର୍ଭେ କାର୍ଯ୍ୟ ଚାଲୁ ରହିଥିବାବେଳେ, କୋରାପୁଟ ଜିଲ୍ଲାପାଳ ସମେତ ପଟାଙ୍ଗି ତହସିଲଦାର ଏଥି ପ୍ରତି ତୀକ୍ଷ୍ଣ ନଜର ରଖିଛନ୍ତି।

# ଗଞ୍ଜାମ ଜିଲ୍ଲାର ପ୍ରସିଦ୍ଧ ଶକ୍ତିପୀଠ ମା' ନାରାୟଣୀଙ୍କ ଦର୍ଶନ କଲେ ପ୍ରଭାତୀ ପରିଡ଼ା

ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ

ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଶୁକ୍ରବାର ଦିନ ଗଞ୍ଜାମ ଜିଲ୍ଲାର ପ୍ରସିଦ୍ଧ ଶକ୍ତିପୀଠ ମା' ନାରାୟଣୀଙ୍କ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଛନ୍ତି। ଏହାସହ ମନ୍ଦିରର ପାରିପାର୍ଶ୍ୱିକ ଉନ୍ନତିକରଣ ନେଇ ସମୀକ୍ଷା କରିଛନ୍ତି। ଏକ୍ସରେ ପୋଷ୍ଟ କରି ଶ୍ରୀମତୀ ପରିଡା ଲେଖିଛନ୍ତି ଗଞ୍ଜାମ ଜିଲ୍ଲାର ଖଲ୍ଲିକୋଟ ନିକଟରେ ଥିବା ପ୍ରସିଦ୍ଧ ଶକ୍ତିପୀଠ ମା' ନାରାୟଣୀଙ୍କ ମନ୍ଦିର ପରିଦର୍ଶନ କରିବା ସହ ମା'ଙ୍କ ଦର୍ଶନ କରିବାର ସୌଭାଗ୍ୟ ମିଳିଲା। ଏହି ଅବସରରେ ମନ୍ଦିରର ପାରିପାର୍ଶ୍ୱିକ ଉନ୍ନତିକରଣ ପାଇଁ କାର୍ଯ୍ୟକାରୀ କରାଯାଉଥିବା ପ୍ରକଳ୍ପର ଅଗ୍ରଗତି ବାବଦରେ ସମୀକ୍ଷା କଲି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଓଡ଼ିଶାରେ ହେବ ୩୦ହଜାର...

ଓ ଉତ୍ତମ ପରିବହନ ବ୍ୟବସ୍ଥା ଯୋଗୁଁ ଉତ୍ପାଦନ ଖର୍ଚ୍ଚ ପ୍ରାୟ ୫୦% ହ୍ରାସ ପାଇବ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଓଡ଼ିଶାରେ ଅତ୍ୟାଧୁନିକ ହାଇଗ୍ରେଡ୍ ଷ୍ଟିଲ ପ୍ରସ୍ତୁତ କ୍ଷେତ୍ରରେ ଜେଏସଡବ୍ଲୁ ଓ ଜେଏଫଇ ଷ୍ଟିଲ୍'ର ସହଭାଗୀତା ଖୁବ୍ ସହାୟକ ହେବ। ଏହି ସହଭାଗୀତା ଦ୍ୱାରା ଓଡ଼ିଶାରେ ସମୁଦାୟ ୩୦ ହଜାର କୋଟି ଟଙ୍କାର ପୁଞ୍ଜିନିବେଶ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶାର ପରିକଳ୍ପନାକୁ ସାକାର କରିବା ଦିଗରେ ଆଜିର ଏହି ମିଳିତ ଭାଗିଦାରୀ ଏକ ଐତିହାସିକ ପଦକ୍ଷେପ ସାବ୍ୟସ୍ତ ହୋଇଛି।

ଏହି ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ଏହି ବୃହତ ପ୍ରକଳ୍ପ ଅଧୀନରେ ଓଡ଼ିଶାରେ ପ୍ରାୟ ୧ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ କରାଯିବ, ଯାହା ମୁଖ୍ୟତଃ ଉଚ୍ଚମାନର ଗୁଣାତ୍ମକ ଇସ୍ପାତ ଉତ୍ପାଦନ ଉପରେ କେନ୍ଦ୍ରିତ ହେବ। ୧୯୫୨ ମସିହାରୁ ଭାରତ ଏବଂ ଜାପାନ ମଧ୍ୟରେ ରହିଥିବା ଦୃଢ଼ କୂଟନୈତିକ ସମ୍ପର୍କ ଆଗାମୀ ୨୦୨୭ ମସିହାରେ ୭୫ ବର୍ଷ ପୂରଣ କରିବାକୁ ଯାଉଥିବା ବେଳେ ଏହି ନିବେଶ ଉଭୟ ଦେଶର ସମ୍ପର୍କକୁ ଆହୁରି ମଜଭୁତ କରିବ। ଜେଏସଡବ୍ଲୁ ଏବଂ ଜେଏଫଇର ମିଳନ କେବଳ ଏକ ବ୍ୟବସାୟିକ ଚୁକ୍ତି ନୁହେଁ, ବରଂ ଏହା ଜାପାନର ବୈଷୟିକ ଉତ୍କର୍ଷତା ଏବଂ ଭାରତର ଶିଳ୍ପ ଦକ୍ଷତା ସହିତ ଉତ୍ତରଦାୟୀ ବିକାଶର ଏକ ସମନ୍ୱୟ। ଏହା ସହିତ ଏହି ପ୍ରକଳ୍ପ 'ଗ୍ରୀନ୍ ଷ୍ଟିଲ୍' ଉତ୍ପାଦନ ଉପରେ ଗୁରୁତ୍ୱ ଦେଇ ପରିବେଶ ସୁରକ୍ଷା କ୍ଷେତ୍ରରେ ମଧ୍ୟ ଉଦାହରଣ ସୃଷ୍ଟି କରିବ ବୋଲି ଶ୍ରୀ ପ୍ରଧାନ ଆଶାବ୍ୟକ୍ତ କରିଛନ୍ତି।

ଏହି କାର୍ଯ୍ୟକ୍ରମରେ ଭାରତରେ ଅବସ୍ଥାପିତ ଜାପାନର ରାଷ୍ଟ୍ରଦୂତ ଓନୋ କେଇଚି, ଓଡ଼ିଶା ସରକାରଙ୍କ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ପଞ୍ଚାୟତିରାଜ, ଗ୍ରାମୀଣ ବିକାଶ ଓ ପାନୀୟ ଜଳ ମନ୍ତ୍ରୀ ରବି ନାଏକ, ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର, ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ, ଭାରତରେ ଜେଏସଡବ୍ଲୁ ଗ୍ରୁପ୍‌ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ସଜ୍ଜନ ଜିନ୍ଦଲ, ଜେଏଫଇ ଷ୍ଟିଲ୍ କର୍ପୋରେସନର ସିଇଓ ୟୋଶିହିସା କିତାନୋ ଏବଂ ଜାପାନର ଶିଳ୍ପ ପ୍ରତିନିଧିମାନେ ଯୋଗଦେଇଥିଲେ।

### ଅନ୍ତର୍ଜାତୀୟ ବଜାରରେ...

ସେହିପରି ଭାବେ ଡବ୍ଲ୍ୟୁଟିଆଇ କ୍ରୁଡ୍ ୯୬ ଡଲାର ପ୍ରତି ବ୍ୟାରେଲ୍ ସ୍ତରକୁ ଅତିକ୍ରମ କରି ୯୬.୭୭ ଡଲାର ପ୍ରତି ବ୍ୟାରେଲ୍ ସ୍ତରରୁ ବ୍ୟବସାୟ ଆରମ୍ଭ କରିଥିଲା। କିଛି ସମୟ ପରେ ଏହା ୯୭.୬୦ ଡଲାର ପ୍ରତି ବ୍ୟାରେଲ୍ ସ୍ତରକୁ ପହଞ୍ଚିଥିଲା। ତଥାପି ପରେ ଏହାର ଦାମରେ ସାନା ହ୍ରାସ ମଧ୍ୟ ଦେଖାଯାଇଛି। ଭାରତୀୟ ସମୟ ଅନୁସାରେ ସକାଳ ୧୦ଟାରେ ଡବ୍ଲ୍ୟୁଟିଆଇ କ୍ରୁଡ୍ ୦.୫୫ ପ୍ରତିଶତ ବୃଦ୍ଧି ସହ ୯୬.୩୮ ଡଲାର ପ୍ରତି ବ୍ୟାରେଲ୍ ସ୍ତରରେ ବ୍ୟବସାୟ କରୁଥିଲା।

### ବୁଝାମଣା ପାଇଁ ହୋର୍ମୁଜରେ...

ଲେବାନନ ମଧ୍ୟରେ ରାଜଦୂତ ସ୍ତରର ଆଲୋଚନାର ଦ୍ୱିତୀୟ ପର୍ଯ୍ୟାୟର ଅଧ୍ୟକ୍ଷତା କରିବା ପରେ ଓଭାଲ୍ ଅଫିସରେ ସେ ପ୍ରେସ ସମ୍ମୁଖରେ ଏହା କହିଥିଲେ। ଉଲ୍ଲେଖ୍ୟ ଯେ, ଇରାନ ସହ ନିକଟ ଆଲୋଚନା ମୁଖ୍ୟତଃ ପରମାଣୁ ପ୍ରସଙ୍ଗକୁ କେନ୍ଦ୍ର କରି ହୋଇଥିଲା। ବର୍ତ୍ତମାନ ହୋର୍ମୁଜ୍ ଅଞ୍ଚଳରେ ନାକାବନ୍ଦୀ କାରଣରେ ବିଶ୍ୱ ଅର୍ଥନୀତିରେ ବଡ଼ ପରିମାଣର ଅସ୍ଥିରତା ଦେଖାଯାଉଛି।

### ଇସ୍ରାଏଲ-ଲେବାନନ...

'ଇସ୍ରାଏଲ ଓ ଲେବାନନ ମଧ୍ୟରେ ଯୁଦ୍ଧ ବିରାମକୁ ତିନି ସପ୍ତାହ ପାଇଁ ବଢ଼ାଯିବ।' ଇସ୍ରାଏଲ ଓ ଲେବାନନ ମଧ୍ୟରେ ପ୍ରାରମ୍ଭିକ ୧୦ ଦିନର ଯୁଦ୍ଧ ବିରାମ ୧୬ ଏପ୍ରିଲରୁ କାର୍ଯ୍ୟକାରୀ ହୋଇଥିଲା।

# ସୁପ୍ରିମକୋର୍ଟ ନାବାଳିକାଙ୍କୁ ଗର୍ଭପାତ କରିବାକୁ ଦେଇଛନ୍ତି ଅନୁମତି



ନୂଆଦିଲ୍ଲୀ:

ସାତ ମାସରୁ ଅଧିକ ଗର୍ଭବତୀ ଥିବା ଜଣେ ନାବାଳିକା ଝିଅକୁ ଗର୍ଭପାତ କରିବାକୁ ଅନୁମତି ଦେଇଛନ୍ତି ସୁପ୍ରିମକୋର୍ଟ। ଜଷ୍ଟିସ୍ ବି.ଭି. ନାଗାରଥନାଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କହିଛନ୍ତି ଯେ ପ୍ରସଙ୍ଗ ଜନ୍ମ ହେବାକୁ ଥିବା ପିଲା ନୁହେଁ, ବରଂ ଝିଅର ଇଚ୍ଛା। ଯଦି ସେ ଜନ୍ମ ଦେବାକୁ ଚାହାଁନ୍ତି ନାହିଁ, ତେବେ ତାଙ୍କୁ ଏପରି କରିବାକୁ ବାଧ୍ୟ କରାଯାଇପାରିବ ନାହିଁ, ଯଦିଓ ପ୍ରସବ ପରେ ସନ୍ତାନକୁ ଗ୍ରହଣ ପାଇଁ ଛାଡିବାର ବିକଳ୍ପ ଉପଲବ୍ଧ ଅଛି। କୋର୍ଟ କହିଛନ୍ତି ଯେ ଜଣେ ମହିଳା, ବିଶେଷକରି ଜଣେ ନାବାଳକଙ୍କୁ ତାଙ୍କ ଇଚ୍ଛା ବିରୁଦ୍ଧରେ ଗର୍ଭଧାରଣ କରିବାକୁ ବାଧ କରିବା ତାଙ୍କ ମାନସିକ, ଭାବପ୍ରବଣ ଏବଂ ଶାରୀରିକ ସ୍ୱାସ୍ଥ୍ୟ ପାଇଁ ଗମ୍ଭୀର ପରିଣାମ ଆଣିପାରେ। ତେଣୁ, ତାଙ୍କ ଇଚ୍ଛାକୁ ସମ୍ମାନ କରିବା ଗୁରୁତ୍ୱପୂର୍ଣ୍ଣ। ଶୁଣାଣି ସମୟରେ, ସଲିସିଟର ଜେନେରାଲ (ଏସଜି) ତୁଷାର ମେହେଟା ଡାକ୍ତରୀ ରିପୋର୍ଟକୁ ଉଲ୍ଲେଖ କରି ଯୁକ୍ତି ଦେଇଥିଲେ ଯେ ଏହି ପର୍ଯ୍ୟାୟରେ ଗର୍ଭପାତ କରିବା ମା' ଏବଂ ପିଲା ଉଭୟଙ୍କ ପାଇଁ ବିପଦପୂର୍ଣ୍ଣ ହୋଇପାରେ। ମେହେଟା ପ୍ରସବ ପରେ ଶିଶୁକୁ ଗ୍ରହଣ ପାଇଁ ଛାଡିବାକୁ ପରାମର୍ଶ ଦେଇଥିଲେ, ଯାହାକୁ କୋର୍ଟ ଖାରଜ କରିଦେଇଥିଲେ। ନାବାଳକ ପୁଅ ସହିତ ସହମତିରେ ସମ୍ପର୍କ ସ୍ଥାପନ କରିବା ପରେ ଝିଅଟି ଗର୍ଭବତୀ ହୋଇଥିଲା। ଏମଟିପି ଆଇନର ନିର୍ଦ୍ଧାରିତ ସମୟସୀମା ପରେ ନାବାଳିକାଙ୍କ ମାଆ ଗର୍ଭଧାରଣକୁ ସମାପ୍ତ କରିବାକୁ ଅନୁମତି ମାଗିଥିଲେ। ଝିଅଟି ଏହା ମଧ୍ୟ କହିଛି ଯେ ସେ ଗର୍ଭଧାରଣ ଜାରି ରଖିବାକୁ ଚାହୁଁନାହିଁ। ଶୁଣାଣି ସମୟରେ, ଆବେଦନକାରୀଙ୍କ ଓକିଲ କହିଥିଲେ ଯେ ଗର୍ଭଧାରଣ ନାବାଳିକାଙ୍କୁ ଗମ୍ଭୀର ମାନସିକ ଯନ୍ତ୍ରଣା ଦେଇଥିଲା ଏବଂ ତାଙ୍କ ପାଠପଢ଼ାକୁ ପ୍ରଭାବିତ କରିଥିଲା। ସେ ଆତ୍ମହତ୍ୟା କରିବାକୁ ମଧ୍ୟ ଚେଷ୍ଟା କରିଥିଲେ।

# ଖରିଆର ଅତିରିକ୍ତ ତହସିଲଦାର ନିଲମ୍ବିତ

ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ

ନୂଆପଡ଼ା ଜିଲ୍ଲା ଅନ୍ତର୍ଗତ ଖରିଆର ଅତିରିକ୍ତ ତହସିଲଦାର୍ ତଥା ଓଡ଼ିଶା ରାଜସ୍ୱ ସେବା ଅଧିକାରୀ (ଓଆରଏସ୍) ଭୂପିନ୍ଦର ସିଂହଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଓଡ଼ିଶା ସରକାର ତାଙ୍କୁ ନିଲମ୍ବନ କରିଛନ୍ତି। ଏହି କାର୍ଯ୍ୟାନୁଷ୍ଠାନ ଓଡିଶା ସିଭିଲ ସର୍ଭିସର ଶ୍ରେଣୀବିଭାଗ, ନିୟନ୍ତ୍ରଣ ଓ ଅପିଲ୍ (ସିସି ଆଣ୍ଡ୍ ଏ) ନିୟମାବଳୀ, ୧୯୬୨ ଅନୁସାରେ ଗ୍ରହଣ କରାଯାଇଛି।

ନିଲମ୍ବନ ସମୟରେ ଶ୍ରୀ ସିଂହଙ୍କର ମୁଖ୍ୟାଳୟ ରେଭେନ୍ୟୁ ଡିଭିଜନାଲ କମିଶନର (ଆରଡିସି, ନର୍ଥ ଡିଭିଜନ୍), ସମ୍ବଲପୁର କାର୍ଯ୍ୟାଳୟରେ ନିର୍ଦ୍ଧାରିତ ହୋଇଛି ଏବଂ ପୂର୍ବ ଅନୁମତି ବିନା ସେ ମୁଖ୍ୟାଳୟ ଛାଡ଼ିପାରିବେ ନାହିଁ। ଏଥିସହିତ ନିଲମ୍ବନ ସମୟରେ ସେ ଓଡିଶା ସର୍ଭିସ କୋଡ୍ ଅନୁଯାୟୀ କେବଳ ଜୀବନ-ନିର୍ବାହ ଭତ୍ତା (ସବସିଷ୍ଟେନ୍ସ ଆଲାଉନ୍ସ) ପାଇପାରିବେ।

ଭୁବନେଶ୍ୱର, ୨୫ ଅପ୍ରେଲ, ଶନିବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27


## ରଥ ଖଳାରେ ମହାପ୍ରଭୁଙ୍କ ଚମତ୍କାର : ମାଟି ନାହିଁ କି ମୂଳ ନାହିଁ, କଟା କାଠ ଗଡ଼ରେ କଅଁଳୁଛି ଗଛ



ପୁରୀ ୨୪/୦୪ ନ୍ୟୁଜ ବ୍ୟୁରୋ

ମାଟି ନାହିଁ କି ମୂଳ । ଗଛ କଟା ହେବାକୁ ୧୫ ଦିନ ପ୍ରାୟ ହେଲାଣି । କଟା କାଠ ଗଡ଼ରେ କଅଁଳୁଛି ଗଛ । ରଥ ଖଳାରେ ରହିଥିବା ଫାସୀ କାଠ ଗଡ଼ରେ ଗଛ ଉଠିବା ଦେଖଣାହାରୀଙ୍କୁ ଆଶ୍ଚର୍ଯ୍ୟ କରୁଛି । ଏହାକୁ ଠାକୁରଙ୍କ ଚମତ୍କାରିତା ଭାବନ୍ତି ନିର୍ମାଣକାରୀ।

## ରଥଖଳା ହାଲ୍‌ଚାଲ୍ : ରଥ ଚାକିରେ ତୁମ୍ବ, ଶାଳରେ ଅର କଣ୍ଟା ତିଆରି

ପୁରୀ, ୨୪/୦୪
ନ୍ୟୁଜ ବ୍ୟୁରୋ

ଶ୍ରୀକ୍ଷେତ୍ରରେ ଚଳଚଞ୍ଚଳ ରଥଖଳା। ରଥ ନିର୍ମାଣ ଅବସରରେ ଚକ ପାଇଁ ତୁମ୍ବ ଓ ଅର କଣ୍ଟା ତିଆରି ଜାରି ରହିଛି । କରତି ସେବକ ଗଡ଼ କାଟିବା ପରେ ଭୋଇ ସେବକମାନେ ବିଶ୍ୱକର୍ମାଙ୍କୁ ଯୋଗାଉଛନ୍ତି । ଆଗେଇ ଚାଲିଛି ତୁମ୍ବ ନିର୍ମାଣ କାର୍ଯ୍ୟ। ଚତୁର୍ଥ ଦିନରେ ତିନି ରଥର ନିର୍ମାଣକାରୀ ସେବକମାନେ ସକାଳ ୮ ଟାରୁ ରଥଖଳା ଠାରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛନ୍ତି । ତିନିରଥ ମହାରଣା ସେବକମାନେ ତୁମ୍ବର ଗୋଲେଇ କାର୍ଯ୍ୟରେ ବ୍ୟସ୍ତ ଅଛନ୍ତି। ଏଥର ପ୍ରଥମ ଥର ପାଇଁ ତୁମ୍ବ କାଟିବାକୁ କରତି ସେବକମାନେ



ମେସିନ୍‌ର ବ୍ୟବହାର କରୁଛନ୍ତି। ଭୋଇ ସେବକମାନେ ବିଶ୍ୱକର୍ମାଙ୍କୁ ୨୦ ଗୋଟି ଫାସୀ ଗଡ଼ ଯୋଗାଇଥିବା କହିଛନ୍ତି ଭୋଇ ସର୍ଦ୍ଦାର ରବି ଭୋଇ । ସେଥିରୁ ତାଳଧ୍ୱଜ ଓ ନନ୍ଦିଘୋଷ ରଥ ପାଇଁ ୭ଟି ଲେଖାଏଁ ଏବଂ ଦର୍ପଦଳନ ରଥ ଚାକିକୁ ୬ଟି ତୁମ୍ବ ଗଡ଼ ଯୋଗାଯାଇଛି। ବିଶ୍ୱକର୍ମାମାନେ ବାରିସିରେ ହାଣି ପାଖାପାଖି ୧୦ଟି ତୁମ୍ବ ଗୋଲେଇ କାର୍ଯ୍ୟ ଶେଷ କରିଥିବା ସୂଚନା ରହିଛି। କରତି ସେବକମାନେ ରଥତ୍ରୟ ପାଇଁ ଆବଶ୍ୟକ ମୋଟ ୪୨ ତୁମ୍ବ ଗଡ଼ କାଟିବେ । ସେପଟେ ଦୋଳବେଦୀ ଅସ୍ଥାୟୀ କମାର ଶାଳରେ ଓଝା ସେବକମାନେ ଲୁହା ରଡ଼ କାଟି ୬/୭ ଇଞ୍ଚ ସାଇଜର ଅର କଣ୍ଟା ନିର୍ମାଣ ଜାରି ରଖିଛନ୍ତି । ରଥ ନିର୍ମାଣ କାର୍ଯ୍ୟରେ ସହାୟକଙ୍କୁ ମିଶାଇ ମୋଟ ୫୦ ଜଣ ନିୟୋଜିତଅଛନ୍ତି।

# ଟାଇମ୍‌ସ ହାଇଅର ଏଜୁକେସନ୍ ଏସିଆ ୟୁନିଭରସିଟି ର୍‍ୟାଙ୍କିଙ୍ଗ ୨୦୨୬

- ଏସିଆର ୧୬୯ତମ ସ୍ଥାନରେ କିଟ୍
- ପୂର୍ବଭାରତର ପ୍ରଥମ ସ୍ଥାନରେ କିଟ୍
- କିଟ୍ ଭାରତର ଶ୍ରେଷ୍ଠ ୬ଷ୍ଠ ବିଶ୍ୱବିଦ୍ୟାଳୟ



ଭୁବନେଶ୍ୱର, ୨୪।୪
ନ୍ୟୁଜ ବ୍ୟୁରୋ

ପ୍ରତିବର୍ଷ ଭଳି ଚଳିତବର୍ଷ 'ଦି ଟାଇମ୍‌ସ ହାଇଅର ଏଜୁକେସନ୍' ଏସିଆ ୟୁନିଭରସିଟି ର୍‍ୟାଙ୍କିଂ ଫଳାଫଳ ପ୍ରକାଶ ପାଇଛି । ଗୁରୁବାର ପ୍ରକାଶିତ ବିଶ୍ୱସ୍ତରୀୟ ଏସିଆ ୟୁନିଭରସିଟି ର୍‍ୟାଙ୍କିଂରେ ପୂର୍ବ ବର୍ଷଗୁଡ଼ିକ ଆପେକ୍ଷା ଏବର୍ଷ କିଟ୍ ବିଶ୍ୱବିଦ୍ୟାଳୟ ଏହି ର୍‍ୟାଙ୍କିଂରେ ଅଧିକ ଉନ୍ନତ ପ୍ରଦର୍ଶନ କରିଛି । ଚଳିତବର୍ଷ କିଟ୍ ବିଶ୍ୱବିଦ୍ୟାଳୟ ଏସିଆର ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ତାଲିକାର ୧୬୯ ତମ ସ୍ଥାନରେ ରହିଛି। ଏହା ସହ କିଟ୍ ଦେଶର ସମଗ୍ର ସରକାରୀ ଓ ଘରୋଇ ବିଶ୍ୱବିଦ୍ୟାଳୟ ମଧ୍ୟରେ ଶ୍ରେଷ୍ଠ ୬ଷ୍ଠ ସ୍ଥାନରେ ରହିଥିବା ବେଳେ ପୂର୍ବ ଭାରତରେ ଶ୍ରେଷ୍ଠ ସ୍ଥାନରେ ରହିବାର ଗୌରବ ଅର୍ଜନ କରିଛି । ଗତବର୍ଷ ଏହି ର୍‍ୟାଙ୍କିଙ୍ଗରେ କିଟ୍ ଏସିଆ ମହାଦେଶର ଶ୍ରେଷ୍ଠ ୧୮୪ତମ ସ୍ଥାନରେ ରହିଥିଲା।

ଚଳିତବର୍ଷ କିଟ୍ ଉଲ୍ଲେଖନୀୟ ପ୍ରଦର୍ଶନ କରି ଦେଶର ବହୁ ଲବ୍ଧ ପ୍ରତିଷ୍ଠିତ ଉଚ୍ଚତର ଶିକ୍ଷାନୁଷ୍ଠାନକୁ ପଛରେ ପକାଇ ଉନ୍ନତ ପ୍ରଦର୍ଶନ କରିପାରିଛି । ଚଳିତବର୍ଷ ଶିକ୍ଷାଦାନ, ଗବେଷଣା, ଜ୍ଞାନ ବିନିମୟ, ଅନ୍ତର୍ଜାତୀୟ ଦୃଷ୍ଟିକୋଣ ଆଦି ବିଭିନ୍ନ ମାନଦଣ୍ଡକୁ ନେଇ ବିଶ୍ୱବିଦ୍ୟାଳୟଗୁଡ଼ିକର ର୍‍ୟାଙ୍କିଂ କରାଯାଇଥିଲା।

ଗତ ୫୦ବର୍ଷ ମଧ୍ୟରେ ଏସିଆର ଲବ୍ଧ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟଗୁଡ଼ିକୁ ନେଇ ଟାଇମ୍‌ସ ହାଇଅର ଏଜୁକେସନ୍ ପକ୍ଷରୁ ଏହି ଚୟନ ପ୍ରକ୍ରିୟା କରାଯାଇଛି। କିଟ୍ ମାତ୍ର ୨୮ ବର୍ଷର ଅନୁଷ୍ଠାନ ହୋଇଥିବା ବେଳେ ମାତ୍ର ୨୨ବର୍ଷର ବିଶ୍ୱବିଦ୍ୟାଳୟ ଭାବେ ଉପରୋକ୍ତ ସମସ୍ତ ମାନଦଣ୍ଡକୁ ପୂରଣ କରି ସମଗ୍ର ଦେଶରେ ୬ଷ୍ଠ ଓ ଏସିଆରେ ୧୬୯ତମ ସ୍ଥାନରେ ରହି ରାଜ୍ୟ ଓ ଦେଶର ଗୌରବ ବୃଦ୍ଧି କରିପାରିଛି। ଏହି ସଫଳତା ପାଇଁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ କିଟ୍ ଓ କିସ୍‌ର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଏହା ସହ ଆଗାମୀ ଦିନରେ କିଟ୍ ଆହୁରି ଭଲ ପ୍ରଦର୍ଶନ କରିବ ବୋଲି ଆଶା ପୋଷଣ କରିଛନ୍ତି।

ସୂଚନାଯୋଗ୍ୟ, ଟାଇମ୍‌ସ ହାଇଅର ଏଜୁକେସନ ଦ୍ୱାରା କରାଯାଉଥିବା ବିଭିନ୍ନ ର୍‍ୟାଙ୍କିଙ୍ଗ ସମେତ କ୍ୟୁଏସ୍ ର୍‍ୟାଙ୍କିଙ୍ଗ ଓ ଅନ୍ୟାନ୍ୟ ପ୍ରତିଷ୍ଠିତ ବିଶ୍ୱ ର୍‍ୟାଙ୍କିଙ୍ଗରେ ନିରନ୍ତର ଭାବରେ ସ୍ଥାନ ପାଇବା ସହ ପ୍ରମୁଖ ଅନ୍ତର୍ଜାତୀୟ ମାନ୍ୟତା ହାସଲ କରି କିଟ୍ ବିଶ୍ୱବିଦ୍ୟାଳୟ ରାଜ୍ୟ ତଥା ଦେଶର ଗୌରବ ବୃଦ୍ଧି କରିଛି । ଏହି ମାନ୍ୟତା କିଟ୍‌କୁ ଉଚ୍ଚଶିକ୍ଷାରେ ଉତ୍କର୍ଷତା ଭାବେ ପ୍ରମାଣିତ କରୁଛି।

## କିଟ୍ ଓ କିସ୍ ପରିଦର୍ଶନ କଲେ ଆମେରିକାର କନସଲ୍ ଜେନେରାଲ୍

ଭୁବନେଶ୍ୱର, ୨୪/୦୫ ନ୍ୟୁଜ ବ୍ୟୁରୋ

ହାଇଦ୍ରାବାଦସ୍ଥିତ ଆମେରିକାନ୍ କନସୁଲଲେଟ୍‌ର କନସଲ୍ ଜେନେରାଲ୍ ଲାରା ଉଇଲିୟମସ୍ ଦୁଇ ଦିନିଆ କିଟ୍ ଓ କିସ୍ ପରିଦର୍ଶନ ସାରି ଫେରିଯାଇଛନ୍ତି। ସେ କିଟ୍‌ର ସମସ୍ତ କ୍ୟାମ୍ପସ ପରିଦର୍ଶନ କରିବା ସହ କିସ୍‌ର ବିଭିନ୍ନ ୟୁନିଟ୍ ପରିଦର୍ଶନ କରିଥିଲେ । କିସ୍‌ରେ ଜନଜାତି ଛାତ୍ରଛାତ୍ରୀଙ୍କ ପାଇଁ ବିନାଦେୟରେ ସାମଗ୍ରିକ ଶିକ୍ଷା ମଡେଲ୍ ବିଷୟରେ ଜାଣି ଆଶ୍ଚର୍ଯ୍ୟ ପ୍ରକଟ କରିବା ସହ ଏହାର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ । ଏହି ଅବସରରେ ସେ କିସ୍ ଛାତ୍ରଛାତ୍ରୀଙ୍କ ସହ ଦୀର୍ଘ ସମୟ ଆଲୋଚନା କରିବା ସହ ଜନଜାତି ସଶକ୍ତିକରଣ ପାଇଁ କିସ୍ ଜରିଆରେ ଯେଉଁ କାର୍ଯ୍ୟ ଡ. ସାମନ୍ତ କରୁଛନ୍ତି ତାହା ଏକ ଉଦାହରଣ ବୋଲି କହିଥିଲେ । ଶୁକ୍ରବାର ସକାଳେ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ଲାରାଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିବା ସହ ତାଙ୍କୁ ନିଜ ରଚିତ ପୁସ୍ତକ ପ୍ରଦାନ



କରିଥିଲେ । ଶ୍ରୀମତୀ ଲାରା ମଧ୍ୟ ଡ. ସାମନ୍ତଙ୍କୁ ଏକ ପୁସ୍ତକ ଉପହାର ପ୍ରଦାନ କରିଥିଲେ । କିଟ୍ ଓ କିସ୍ ପରିଦର୍ଶନ ଅବସରରେ ତାଙ୍କ ସହ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, ଉପକୁଳପତି ପ୍ରଫେସର ରାଜୁ କେ. ଡି ଓ କୁଳସଚିବ ଜ୍ଞାନରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ନରସିଂହ : ବିଭିନ୍ନ ପ୍ରସଙ୍ଗରେ କଲେ ଆଲୋଚନା

ବଲାଙ୍ଗୀର, ୨୪/୦୪
ନ୍ୟୁଜ ବ୍ୟୁରୋ

ଲୋକଙ୍କ ସ୍ୱାର୍ଥ ଆଗ ରାଜନୀତି ପଛ। ରାଜନେତା ତ ରାଜଧର୍ମ ପାଳିବା କଥା। ଶୁକ୍ରବାର ବଲାଙ୍ଗିରରେ ଘଟିଥିବା ଏକ ଘଟଣା ଏହାକୁ ପ୍ରମାଣିତ କରିଛି। ଗସ୍ତ କାର୍ଯ୍ୟକ୍ରମ ଅବସରରେ ବଲାଙ୍ଗିର ସର୍କିଟ ହାଉସ ଠାରେ ଅବସ୍ଥାନ କରୁଥିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହି ସମୟରେ ସେଠାରେ ପହଞ୍ଚିଥିଲେ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ମନ୍ତ୍ରୀ



ନରସିଂହ ମିଶ୍ର। ସମର୍ଥକଙ୍କ ଗହଣରେ ଆସିଥିବା ନରସିଂହ ବାବୁ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାକୁ ଆସିଥିଲେ। ପୂର୍ବରୁ ମୁଖ୍ୟମନ୍ତ୍ରୀ ଏନେଇ ଅବଗତ ଥିଲେ। ସର୍କିଟ ହାଉସର ନିର୍ଦ୍ଧାରିତ କୋଠରୀରେ ଦୁଇ ନେତା ପରସ୍ପରକୁ ସମ୍ଭାଷଣ ସହ ପ୍ରାୟ ଅଧଘଣ୍ଟାଏ କଥାବାର୍ତ୍ତା ହୋଇଥିଲେ। ଆଲୋଚନା ପରେ ସେହି କୋଠରୀରୁ ପ୍ରଥମେ ନରସିଂହ ମିଶ୍ର ବାହାରିଥିଲେ। ଗଣମାଧ୍ୟମର ପ୍ରଶ୍ନର ଉତ୍ତରରେ ରାଜ୍ୟ ମୁଖ୍ୟଙ୍କ ସହ ତାଙ୍କ ଆଲୋଚନା ସଂପର୍କରେ କହିଥିଲେ। ଭେଟେରାନ ରାଜନେତା ନରସିଂହ ବାବୁ କହିଥିଲେ ଯେ, ସେ ବିଭିନ୍ନ ପ୍ରକଳ୍ପ ତଥା ଶିକ୍ଷା ଏବଂ ଶିକ୍ଷକ ଜଡିତ ବିଭିନ୍ନ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଛନ୍ତି। ବିଶେଷ କରି ଦେଓଗାଁ ସୋନଗଡ ନଦୀ ଉପରେ ବ୍ୟାରେଜ ନିର୍ମାଣ, ସିକୁଆଁ ବ୍ୟାରେଜ, ଦେଓଗାଁ ଓ ଜରାସିଂହା ଠାରେ ଦୁଇଟି ବ୍ରିଜ ନିର୍ମାଣ ପାଇଁ ଦାବି କରିଛନ୍ତି। ଦେଓଗାଁ ଚିନିକଲ, ବଲାଙ୍ଗୀର ଠାରେ କୃଷି ମହାବିଦ୍ୟାଳୟ ବଦଳରେ ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ଓ କର୍ମଚାରୀ ନିଯୁକ୍ତି, ମହିଳା ମହାବିଦ୍ୟାଳୟ ସମସ୍ୟା ସମାଧାନ, ଲୋୟର ସୁକତେଲ ବିସ୍ଥାପିତଙ୍କ ସମସ୍ୟାର ସ୍ଥାୟୀ ସମାଧାନ, ଲକ୍ଷ୍ମୀଯୋର ନାଳର ଉନ୍ନତିକରଣ ଆଦି ଦାବି ସହ ପାନୀୟଜଳ ଯୋଗାଣର ଘୋର ଅସୁବିଧା ରହିଥିବା ନେଇ ସେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିବା କହିଛନ୍ତି ଶ୍ରୀ ମିଶ୍ର। ସେହିପରି ବଲାଙ୍ଗୀର ସହରର ବିଭିନ୍ନ ସମସ୍ୟା ନେଇ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଥିବା ସେ କହିଥିଲେ।

### ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୨୪/୦୪/୨୦୨୬
୫,୭୩,୦୮୪/- ଟଙ୍କା
ସୁନା:-୦୨ଗ୍ରାମ୍୭୦୦ ମିଲିଗ୍ରାମ
ରୂପା:-ଶୂନ୍ୟ





**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com


## ଟ୍ରେନରୁ ଖସି ଶ୍ୱଶୁର ଓ ଜ୍ୱାଇଁ ମୃତ

ରାୟଗଡ଼ା,୨୪/୪ ନ୍ୟୁଜ ବ୍ୟୁରୋ

ଆନ୍ଧ୍ରପ୍ରଦେଶ ରାଜ୍ୟ ବିଶାଖାପାଟଣାଠାରେ ଚିକିତ୍ସା ସାରି ଘରକୁ ଫେରୁଥିବାବେଳେ ଟ୍ରେନ୍‌ରୁ ଖସି ଶ୍ୱଶୁର ଓ ଜ୍ୱାଇଁଙ୍କ ମୃତ୍ୟୁ ହୋଇଛି । ରାୟଗଡା ରେଳ ଷ୍ଟେସନ ୫ ନମ୍ବର ପ୍ଲାଟଫର୍ମରେ ଶ୍ୱଶୁର ଲିଙ୍ଗରାଜ ସାହା(୮୦) ଓ ଦହିଖାଲ ନିକଟରେ ଜ୍ୱାଇଁ ସୁଦାମ ନାୟକ(୬୨)ଙ୍କ ମୃତଦେହ ମିଳିଛି । ଗୁରୁବାର ରାତିରେ ଏହି ଅଭାବନୀୟ ଘଟଣା ଘଟିଥିବାବେଳେ ମୃତକ କଳାହାଣ୍ଡି ଜିଲ୍ଲା କେସିଙ୍ଗା ଥାନା ଅନ୍ତର୍ଗତ କିକିଆ ଗ୍ରାମର ବୋଲି ଜଣାପଡ଼ିଛି । ଉଭୟଙ୍କ ମୃତ୍ୟୁ କିଭଳି ଓ କେଉଁ ପରିସ୍ଥିତିରେ ହେଲା ସ୍ପଷ୍ଟ ହୋଇନଥିବାବେଳେ ରାୟଗଡ଼ା ଓ ମୁନିଗୁଡା ଜିଆରପି ପୁଲିସ ତଦନ୍ତ ଜାରି ରଖିଛି । ସୂଚନା ଅନୁସାରେ, ଗୁରୁବାର ରାତିରେ ବିଶାଖାପାଟଣା -ଦୁର୍ଗ ଟ୍ରେନରେ ଶ୍ୱଶୁର ଓ ଜ୍ୱାଇଁ କେସିଙ୍ଗା ଫେରୁଥିଲେ । ପ୍ରବଳ ଭିଡ଼ ଯୋଗୁଁ ଅଲଗା ବଗିର ଗେଟ୍ ପାଖରେ ଦୁଇ ଜଣ ଭିନ୍ନ ଭାବରେ ବସି ରହିଥିଲେ। ତେବେ ରାତି ପ୍ରାୟ ୧୧.୩୦ସମୟରେ ରାୟଗଡ଼ା ରେଳ ଷ୍ଟେସନ ସିଗ୍ନାଲ ବକ୍ସ ନିକଟରେ ପ୍ରଥମେ ଲିଙ୍ଗରାଜ ପଡି ଯାଇଥିଲେ। କିନ୍ତୁ ଏହା ସୁଦାମ ଜାଣିପାରିନଥିଲେ। ତେବେ ଦୁର୍ଭାଗ୍ୟବଶତଃ ସେ ମଧ୍ୟ ଦହିଖାଲ ଷ୍ଟେସନ ନିକଟରେ ଖସି ପଡ଼ିଥିଲେ। ଏହା ଜଣାପଡ଼ିବା ପରେ ରେଳବାଇ ପୁଲିସ ପହଞ୍ଚି ଉଭୟ ଶ୍ୱଶୁର ଓ ଜ୍ୱାଇଁଙ୍କ ମୃତଦେହକୁ ଉଦ୍ଧାର କରିଥିଲା। ଶ୍ୱଶୁର ଲିଙ୍ଗରାଜଙ୍କ ଶବ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଓ ଜ୍ୱାଇଁ ସୁଦାମଙ୍କ ଶବ ମୁନିଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଶୁକ୍ରବାର ହସ୍ତାନ୍ତର କରିଛି।


ବିତ୍ତ ମନ୍ତ୍ରାଳୟ MINISTRY OF FINANCE

**ତ୍ରୈମାସିକ ରିଟର୍ଣ୍ଣ ମାସିକ ଦେୟ ଯୋଜନା**
(କ୍ୟୁ.ଆର.ଏମ୍.ପି)



୨୦୨୫-୨୬ ଆର୍ଥିକ ବର୍ଷରେ ୫ କୋଟି ପର୍ଯ୍ୟନ୍ତ ମୋଟ ବାର୍ଷିକ କାରବାର ଥିବା
**କ୍ଷୁଦ୍ର କରଦାତାଙ୍କ ପାଇଁ ବ୍ୟବସାୟ ସହଜ କରିବା ନିମିତ୍ତ ପଦକ୍ଷେପ**

କ୍ୟୁ.ଆର.ଏମ୍.ପି ଯୋଜନାର ଲାଭ ଉଠାଇବାକୁ ଚାହୁଁଥିବା ଯୋଗ୍ୟ କରଦାତାମାନେ ନିମ୍ନରେ ଦିଆଯାଇଥିବା ପଦକ୍ଷେପଗୁଡ଼ିକୁ ଅନୁସରଣ କରି ଜିଏସ୍‌ଟି ପୋର୍ଟାଲରେ (www.gst.gov.in) ଏହି ଯୋଜନାର ବିକଳ୍ପ ବାଛିପାରିବେ:



- କରଦାତା ଇଣ୍ଟରଫେସରେ ଲଗଇନ୍ କରନ୍ତୁ
- Services > Returns > Opt-in for quarterly return କୁ ଯାଆନ୍ତୁ

ବର୍ତ୍ତମାନ କ୍ୟୁ.ଆର.ଏମ୍.ପି ଯୋଜନାର ଲାଭ ଉଠାଉଥିବା କରଦାତାମାନଙ୍କୁ ଏହି ଯୋଜନା ପାଇଁ ପୁନଃ ଆବେଦନ କରିବାକୁ ପଡିବ ନାହିଁ।

**ଲାଭ**

| | | | |
|---|---|---|---|
| ପ୍ରତି ତ୍ରୈମାସିକରେ କେବଳ ଥରେ ଜିଏସ୍‌ଟି ଷ୍ଟେଟମେଣ୍ଟ/ରିଟର୍ଣ୍ଣ ଫର୍ମ, ଜିଏସ୍‌ଟିଆର-୧ ଏବଂ ଜିଏସ୍‌ଟିଆର୍-୩ବିରେ ଫାଇଲ୍ କରନ୍ତୁ। | ଯୋଜନାରେ ଯୋଗଦେବା/ଛାଡ଼ିବା ସହଜ | ନମନୀୟ ଇନଭଏସ୍ ଫାଇଲିଂର ସୁବିଧା ନିଅନ୍ତୁ | ପ୍ରତି ତ୍ରୈମାସିକରେ ଥରେ ଆଇଟିସି ଏବଂ ଟିକସର ଆତ୍ମ-ମୂଲ୍ୟାୟନ |

ତ୍ରୈମାସିକର ପ୍ରଥମ ଦୁଇ ମାସରେ ସ୍ଥିର ରାଶି ପଦ୍ଧତି (ପୂର୍ବରୁ ପୂରଣ ହୋଇଥିବା ଚାଲାଣ) କିମ୍ବା ସ୍ୱୟଂ ମୂଲ୍ୟାଙ୍କନ ପଦ୍ଧତି (ଆଇଟିସି ସମେତ ପ୍ରକୃତ ଟିକସ ଦାୟିତ୍ୱ) ମାଧ୍ୟମରେ ସହଜରେ ମାସିକ ଟିକସ ପୈଠ କରିବାର ସୁବିଧା।

ଆର୍ଥିକ ବର୍ଷ ୨୦୨୬-୨୭ ର ପ୍ରଥମ ତ୍ରୈମାସିକରୁ କ୍ୟୁ.ଆର.ଏମ୍.ପି ଯୋଜନା ବାଛିବାର ଶେଷ ତାରିଖ ହେଉଛି ୩୦ ଏପ୍ରିଲ, ୨୦୨୬

ଜଣେ ଯୋଗ୍ୟ ପଞ୍ଜିକୃତ ବ୍ୟକ୍ତି ପୂର୍ବ ତ୍ରୈମାସର ଦ୍ୱିତୀୟ ମାସର ପ୍ରଥମ ଦିନରୁ ପ୍ରଥମ ମାସର ଶେଷ ଦିନ ପର୍ଯ୍ୟନ୍ତ ଏକ ତ୍ରୈମାସ ପାଇଁ ଏହି ଯୋଜନାକୁ ବାଛିପାରିବେ।

ଅଧିକ ବିବରଣୀ ପାଇଁ ଦୟାକରି ବିଜ୍ଞପ୍ତି ସଂଖ୍ୟା ୮୧ ରୁ ୮୫ / ୨୦୨୦ - କେନ୍ଦ୍ରୀୟ ଟିକସ ଏବଂ ସର୍କୁଲାର ସଂଖ୍ୟା ୧୪୩/୧୩/୨୦୨୦-ଜିଏସ୍‌ଟି ତାରିଖ ୧୦.୧୧.୨୦୨୦ ଦେଖନ୍ତୁ।

କ୍ୟୁ.ଆର୍.ଏମ୍.ପି ଯୋଜନା ବିଷୟରେ ଅଧିକ ସୂଚନା ପାଇଁ ଦୟାକରି ସ୍କାନ କରନ୍ତୁ।

CBC 15502/13/0001/2627

ଜିଏସ୍‌ଟି ରିଟର୍ଣ୍ଣ ଫାଇଲିଂ: ଶୀଘ୍ର, ସହଜ ଏବଂ ସରଳୀକୃତ

@cbicindia @cbic_india @cbicindia @CBICINDIA @CBIC india